


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-133 ♦SUNDAY ♦9 NOVEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୩୩ ♦ରବିବାର ♦୯ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୁରା ସହ)


## ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିର ଅଘଟଣ

# ଦଳାଚକଟା ପାଇଁ ପୁଲିସ ଦାୟୀ

### ୭ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

■ **ଭୁବନେଶ୍ୱର, ୮।୧୧ (ସମିସ):** ରଥଯାତ୍ରା ସମୟରେ ଗତ ଜୁନ୍ ୨୯ ତାରିଖରେ ପୁରୀ ଶରଧାବାଲିରେ ଦଳାଚକଟା ଘଟଣା ପାଇଁ ୭ ଜଣ ପୁଲିସ ଅଧିକାରୀଙ୍କୁ ଦାୟୀ କରିଛି ତଦନ୍ତ କମିଟି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କମିଟି ସୁପାରିସ କରିଛି। ଏହି ସୁପାରିସକୁ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ। ଗୃହ ବିଭାଗ ପକ୍ଷରୁ ଏସଂପର୍କରେ ପୁଲିସ ଡିଜି ଏବଂ ଆଇଜିଙ୍କୁ ପତ୍ର ଲେଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଭିଡ଼ ନିୟନ୍ତ୍ରଣରେ ଆଇସିସିସି ବ୍ୟବସ୍ଥା ସଂପୂର୍ଣ୍ଣ ରୂପେ ଫେଲ୍ ମାରିଥିବାରୁ ଏହାକୁ ଯୋଗାଇଥିବା ମେସର୍ସ ଇନଭେଣ୍ଟ ଗ୍ରୀଡ୍ ଇଣ୍ଡିଆକୁ କଳାତାଲିକାଭୁକ୍ତ କରାଯିବାକୁ ସ୍ଥିର କରାଯାଇଛି।


> ପୁଲିସ ଡିଜି ଓ ଆଇଜିଙ୍କୁ ଗୃହ ବିଭାଗର ଚିଠି
>
> କଳାତାଲିକାଭୁକ୍ତ ହେବ ଆଇସିସିସି ଯୋଗାଣ ସଂସ୍ଥା
>
> ସେବାୟତ ଓ ମନ୍ଦିର ପ୍ରଶାସନ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ନୀତିକାନ୍ତିରେ ବିଳମ୍ବ



ଦଳାଚକଟା ଘଟଣାରେ ତଦନ୍ତ ପାଇଁ ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ନେତୃତ୍ୱରେ ରାଜ୍ୟ ସରକାର ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଉନ୍ନୟନ କମିଶନର ତଦନ୍ତ ସାରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟରେ ଏକାଧିକ ଦିଗକୁ ଅଘଟଣ ପାଇଁ ଦର୍ଶାଇଥିବା ବେଳେ ମୋଟ ୭ ଜଣ ଅଧିକାରୀଙ୍କୁ ଏଥିପାଇଁ ଦାୟୀ କରାଯାଇଛି। ଏହି ଅଧିକାରୀମାନେ ହେଲେ କମାଣ୍ଡାଣ୍ଟ ଅଜୟ କୁମାର ପାଢ଼ୀ(ଓଏପିଏସ), ଡିସିପି ବିଷ୍ଣୁ ପ୍ରସାଦ ପତି, କମାଣ୍ଡାଣ୍ଟ ତାପସ ରଞ୍ଜନ ଦାସ (ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ), ଡେପୁଟି କମାଣ୍ଡାଣ୍ଟ କେ କେ ନାୟକ, ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ, କୁମ୍ଭାରପଡ଼ା ଥାନାର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁ(ଡିଏସପି) ଓ କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସ। ସେମାନଙ୍କ ବିରୋଧରେ ତ୍ୱରିତ୍ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ତଦନ୍ତ ରିପୋର୍ଟରେ କୁହାଯାଇଛି ଯେ ଜିଲ୍ଲା ପୁଲିସ ମେସିନାରୀର ମୁଖ୍ୟ ହେଉଛନ୍ତି ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ। ରଥଯାତ୍ରା ପରିଚାଳନାକୁ ସୁରୁଖୁରୁରେ ସମ୍ପନ୍ନ କରିବା ଦିଗରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ତେବେ ଉପରୋକ୍ତ ▶ପୃଷ୍ଠା-୭

# ଡିସେମ୍ବର ପହିଲାରୁ ସଂସଦର ଶୀତକାଳୀନ ଅଧିବେଶନ

■ **ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି):** ଆସନ୍ତା ଡିସେମ୍ବର ପହିଲା ତାରିଖରୁ ଆରମ୍ଭ ହେବ ସଂସଦର ଶୀତକାଳୀନ ଅଧିବେଶନ। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ମୋଟ୍ ୧୪ ଦିନର କାର୍ଯ୍ୟଦିବସ ରହିଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ 'ଏକ୍ସ' ଜରିଆରେ ଏହି ସୂଚନା ଦେଇଛନ୍ତି। ତେବେ ଶୀତ ଅଧିବେଶନକୁ ବିଳମ୍ବରେ ଏବଂ ପୁଣି କମ୍ ସମୟ ପାଇଁ ଆହ୍ୱାନ କରାଯାଇଥିବାରୁ ବିରୋଧୀ ଦଳ ଏହା ତୀବ୍ର ସମାଲୋଚନା କରିଛନ୍ତି।



**୧୪ ଦିନର କାର୍ଯ୍ୟ ଦିବସକୁ ନେଇ ବିରୋଧୀଙ୍କ ଆପତ୍ତି**

କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି ଯେ ୧ ତାରିଖରୁ ସଂସଦ ଅଧିବେଶନ ଆରମ୍ଭ କରିବା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ ପ୍ରଦାନ କରିଛନ୍ତି। ଅଧିବେଶ ଫଳପ୍ରଦ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ତେବେ ତାଙ୍କର ଏହି ସୂଚନା ପରେ କଂଗ୍ରେସ ପକ୍ଷରୁ ଜୟରାମ ରମେଶ କେତେକ ପ୍ରଶ୍ନ ଉଠାଇଛନ୍ତି। ସଂସଦ କାହିଁକି ବିଳମ୍ବରେ ଡକାଯାଉଛି ଏବଂ ଏହାର କାର୍ଯ୍ୟଦିବସ ଏତେ କମ୍ କାହିଁକି? ସେ କହିଛନ୍ତି ଯେ ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ସରକାରଙ୍କର କିଛି କାର୍ଯ୍ୟକ୍ରମ ନାହିଁ ଓ ଅନୁମୋଦନ ପାଇଁ ବିଲ୍ ▶ପୃଷ୍ଠା-୭

# କଟକରେ ଆପାର୍ଟମେଣ୍ଟ ବାଲ୍‌କୋନୀ ଭୁଶୁଡ଼ି ୩ ମୃତ

■ **କଟକ,୮।୧୧(ସମିସ):** କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ମଣିସାହୁ ଛକ ନିକଟରେ ଥିବା ହାଡ଼ିବନ୍ଧୁ ବିଦ୍ୟାପୀଠ ସମ୍ମୁଖସ୍ଥ ପ୍ରାଚୀ ଏନକ୍ଲେଭ୍‌ରେ ଘଟିଛି ଏକ ବଡ଼ ଧରଣର ଅଘଟଣ। ବିପଦଶଙ୍କୁଳ ଅବସ୍ଥାରେ ରହିଥିବା ଏହି ପୁରାତନ ଏନକ୍ଲେଭ୍‌ର ଜି-୫ ଫ୍ଲାଟ୍‌ର ବାଲକୋନୀ ଭୁସୁଡ଼ି ପଡ଼ିବାରୁ ୩ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଏହି ବାଲକୋନୀଟି ଭୁସୁଡ଼ି ତଳେ ଥିବା ଏକ ଆଜବେଷ୍ଟସ୍ ଘର ଛାତ ଉପରେ ପଡ଼ିଥିଲା। ସେହି ଘରେ ରହୁଥିବା ଏକ ପରିବାରର ବାପା, ମା' ଓ ଶିଶୁପୁତ୍ରର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକମାନେ ହେଲେ ଅବଦୁଲ୍ ଜଲିଲ୍(୬୦), ଅବଦୁଲ୍ ମୁଜାହିଦ୍(୪) ଏବଂ ରେହେମାତୁନ୍ ନିଶା(୫୦)। ପରିବାରର ଅନ୍ୟ ୪ଜଣ ସଦସ୍ୟ ଅବଦୁଲ୍ ଜାହିଦ୍(୩୦), ସହିନା ବେଗମ୍(୨୯), ରିହାନ୍ ଖାନ୍(୮) ଏବଂ ଅବଦୁଲ୍ ରେହେମାନ୍(୩) ଗୁରୁତର ହୋଇ ଏସ୍‌ସିବରେ ଚିକିତ୍ସିତ ହେଉଛନ୍ତି।

> ବାପା, ମା' ଓ ଶିଶୁପୁତ୍ରର ମୃତ୍ୟୁ
>
> ୪ ଗୁରୁତର: ଏସ୍‌ସିବିରେ ଭର୍ତ୍ତି

ସୂଚନା ଅନୁସାରେ, ହାଡ଼ିବନ୍ଧୁ ବିଦ୍ୟାପୀଠ ସମ୍ମୁଖରେ ରହିଥିବା ପ୍ରାଚୀ ଏନକ୍ଲେଭ୍‌ର ଜି-୫ଫ୍ଲାଟ୍ ବାଲକୋନୀଟି ଆଜି ସନ୍ଧ୍ୟାରେ ହଠାତ୍ ଭୁସୁଡ଼ି ପଡ଼ିଥିଲା। ଏହି କୋଠାଟି ପୁରାତନ ହୋଇଥିବା ବେଳେ ଏହାର ▶ପୃଷ୍ଠା-୭

# ଏଥର ସ୍ୱୟଂଚାଳିତ ହେବ ପିଏଫ୍ ଟ୍ରାନ୍ସଫର

■ **ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି):** ଚାକିରିଆଙ୍କ ପାଇଁ ବଡ଼ ଖବର ଆସିଛି। ଏବେ ଚାକିରି ବଦଳାଇଲେ ଆଉ ଭବିଷ୍ୟ ନିଧି ପାଣ୍ଠି (ପିଏଫ) ଟ୍ରାନ୍ସଫର ପାଇଁ ଫର୍ମ ପୂରଣ କିମ୍ବା ମାସ ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବନି। ଏହି ସମସ୍ୟାରୁ ମୁକ୍ତି ଦେବା ପାଇଁ ଇପିଏଫଓ ପକ୍ଷରୁ ସ୍ୱୟଂଚାଳିତ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହା ଚଳିତ ବର୍ଷ ଶେଷ ସୁଦ୍ଧ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ। ଏହା ମାଧ୍ୟମରେ କୋଟି କୋଟି କର୍ମଚାରୀଙ୍କ ପିଏଫ ବାଲାନ୍ସ ଆପେ ଆପେ ନୂଆ ନିଯୁକ୍ତିଦାତାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଯିବ। ଏଥିପାଇଁ ଅତିବେଶୀରେ ଦୁଇରୁ ପାଞ୍ଚ ଦିନ ଲାଗିବ।

ପୂର୍ବରୁ ଚାକିରି ବଦଳାଇବା ସମୟରେ ଫର୍ମ-୧୩ ପୂରଣ କରିବାକୁ ପଡୁଥିଲା। ଏହା ପରେ ▶ପୃଷ୍ଠା-୭

**ଚାକିରି ବଦଳାଇବାର ୫ ଦିନ ଭିତରେ ନୂଆ ଆକାଉଣ୍ଟକୁ ଆସିଯିବ ପିଏଫ ଅର୍ଥ**

**ପୂର୍ବରୁ ଏଥିପାଇଁ ମାସ ମାସ ଲାଗୁଥିଲା**




## ଜମ୍ମୁ-କଶ୍ମୀରରେ ଡାକ୍ତରଙ୍କ ଲକରରୁ ମିଳିଲା ଏକେ-୪୭

ଶ୍ରୀନଗର, ୮ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀର ଶ୍ରୀନଗରରେ ଡାକ୍ତର ଆଦିଲ ଅହମ୍ମଦଙ୍କ ଲକରରୁ ଏକ ଏକେ-୪୭ ରାଇଫଲ ଜବତ କରାଯାଇଛି । ସେ ଅନନ୍ତନାଗର ବାସିନ୍ଦା । ୨୦୨୪ ଅକ୍ଟୋବର ପର୍ଯ୍ୟନ୍ତ ସେ ଅନନ୍ତନାଗର ଜିଏମ୍‌ସିରେ ନିୟୋଜିତ ଥିଲେ । ତାଙ୍କୁ ଗିରଫ କରାଯାଇ ପଚରାଉଚରା କରାଯାଉଛି । ପୁଲିସ ତାଙ୍କ ବିରୋଧରେ ୟୁଏପିଏ ଆଇନ୍ ଅନୁସାରେ ମାମଲା ରୁଜୁ କରିଛି । ତାଙ୍କ ଲକରରୁ ଏକେ-୪୭ ଭଳି ରାଇଫଲ୍ ମିଳିଥିବାରୁ ସେ ଆତଙ୍କବାଦୀ ଗତିବିଧି ସହ ଜଡିତ ଥିବା ସନ୍ଦେହ କରାଯାଉଛି । ବିନା ଲାଇସେନ୍ସରେ ଏକେ-୪୭ ରାଇଫଲ ରଖିଥିବାରୁ ଭାରତୀୟ ଆର୍ମ୍ସ ଆକ୍ଟ ଅନୁସାରେ ୧୯୫୯ ଅନୁସାରେ ତାଙ୍କ ବିରୋଧରେ କଡ଼ା କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି । ପୁଣି ଯଦି ସେ ଆତଙ୍କବାଦୀ ଗତିବିଧି ସହ ଜଡିତ ଥିବେ ତେବେ, ତାଙ୍କ ବରୋଧରେ ୟୁଏପିଏ (ଅନଲଫୁଲ୍ ଆକ୍ଟିଭିଟିଜ ପ୍ରିଭେନସନ ଆକ୍ଟ, ୧୯୬୭) ଅନୁସାରେ ମାମଲା ରୁଜୁ କରାଯିବ ବୋଲି କୁହାଯାଇଛି ।

## ବିହାର ନିର୍ବାଚନ: ସମସ୍ତିପୁର ସଡ଼କରୁ ମିଳିଲା ବହୁ ସଂଖ୍ୟାରେ ଭିଭିପାଟ ସ୍ଲିପ୍

ପାଟନା, ୮ ।୧୧(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଥିବା ବେଳେ ସମସ୍ତିପୁରର ସାରାଇରଞ୍ଜନ ଅଞ୍ଚଳର କେଏସ୍‌ଆର କଲେଜ ସଡ଼କରେ ବହୁ ସଂଖ୍ୟାରେ ଭିଭିପାଟ୍ ସ୍ଲିପ୍ ପଡ଼ିଥିବାର ଦେଖାଯାଇଛି । ଏହି ମାମଲାରେ ନିର୍ବାଚନ କମିସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇ କର୍ମଚାରୀଙ୍କୁ ଦାୟିତ୍ୱରୁ ହଟାଇଛନ୍ତି । ଏନେଇ ଯାଞ୍ଚ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଦୋଷୀ ଯିଏବି ହୁଅନ୍ତୁ ନା କାହିଁକି, ତାଙ୍କ ବିରୋଧରେ ଏଫ୍‌ଆଇଆର ଦାଏର କରାଯିବ ବୋଲି କୁହାଯାଇଛି । ତେବେ ଏହା ଭୋଟ ଗଣିତରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି କୁହାଯାଇଛି । ନଭେମ୍ବର ୬ରେ ପ୍ରଥମ ପର୍ଯ୍ୟାୟର ମତଦାନ ହୋଇଥିଲା । ସରାଇରଞ୍ଜନ ବିଧାନସଭାବରେ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହୋଇଥିଲା ।

## ଅଷ୍ଟ୍ରେଲିଆ ପଳାଇଲେ ଦୁଷ୍କର୍ମ ଅଭିଯୁକ୍ତ ବିଧାୟକ

ଲୁଧିଆନା, ୮ ।୧୧(ଏଜେନ୍ସି): ପଞ୍ଜାବର ପଟିଆଲା ଜିଲ୍ଲାର ସନାଉର ନିର୍ବାଚନ ମଣ୍ଡଳୀର ଆମ ଆଦମୀ ପାର୍ଟି ବିଧାୟକ ହରମିତ ପଠାନମାଜରା ଅଷ୍ଟ୍ରେଲିଆ ପଳାଇଛନ୍ତି । ଏକ ଦୁଷ୍କର୍ମ ଅଭିଯୋଗରେ ତାଙ୍କୁ ଗିରଫ କରାଯାଉଥିବା ଅବସରରେ ସେ କର୍ଣ୍ଣାଲରୁ ଫେରାର ହୋଇଯାଇଥିଲେ । ହରମିତଙ୍କ ବିରୋଧରେ ଲୁକ୍ ଆଉଟ୍ ନୋଟିସ ଜାରି ହେବା ପରେ ଏହି କଥା ସାମ୍ନାକୁ ଆସିଥିଲା । ହରମିତ ଅଷ୍ଟ୍ରେଲିଆରେ ଏକ ଘରୋଇ ନ୍ୟୁଜ୍ ଚ୍ୟାନେଲ ସାକ୍ଷାତକାର ଦେଇ ନିଜ ଉପରେ ହେଉଥିବା କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ଭାଗବନ୍ତ ମାନଙ୍କୁ ଦାୟୀ କରିଛନ୍ତି । ମାନଙ୍କ ନିକଟରେ ଅଭିଜ୍ଞତାର ଯଥେଷ୍ଟ ଅଭାବ ରହିଛି । ମନ୍ତ୍ରୀ ଓ ବିଧାୟକ ରବରଷ୍ଟାମ୍ପ ଭଳି କାର୍ଯ୍ୟ କରୁଛନ୍ତି । ବିଧାୟକଙ୍କର ୫ ପଇସାର ମୂଲ୍ୟ ନାହିଁ ବୋଲି ସେ କହିଛନ୍ତି । ଏବେ ଅଷ୍ଟ୍ରେଲିଆରେ ଅଛି । ଜାମିନ ମିଳିବା ପରେ ଯାଇ ନିଜ ଅଞ୍ଚଳକୁ ଯିବି ଓ ଲୋକଙ୍କୁ ଭେଟି ପରବର୍ତ୍ତୀ ପଦକ୍ଷେପ ସମ୍ପର୍କ ନେଇ ଆଲୋଚନା କରିବି ବୋଲି ସେ କହିଛନ୍ତି ।

## ପାକ୍- ଆଫଗାନ୍ ଶାନ୍ତି ଆଲୋଚନା ପୁଣି ବିଫଳ

ଇସଲାମାବାଦ୍/କାବୁଲ, ୮ ।୧୧(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ତୃତୀୟଥର ପାଇଁ ଶାନ୍ତି ଆଲୋଚନା ବିଫଳ ହୋଇଛି । କାତାର ଓ ତୁର୍କୀର ମଧ୍ୟସ୍ତତାରେ ଇସ୍ତାନବୁଲ୍‌ରେ ଆୟୋଜିତ ଦୁଇଦିନିଆ ଶାନ୍ତି ଆଲୋଚନା ବିନା କୌଣସି ନିଷ୍କର୍ସରେ ସମାପ୍ତ ହୋଇଛି । ଏଥିପାଇଁ ଦୁଇ ଦେଶ ପରସ୍ପରକୁ ଦାୟୀ କରିଛନ୍ତି । ପାକିସ୍ତାନର ଦାୟିତ୍ୱହୀନତା ପାଇଁ ଏହି ଆଲୋଚନା ବିଫଳ ହୋଇଛି ବୋଲି ଆଫଗାନିସ୍ତାନ କହିଛି । ପାକିସ୍ତାନ ବ୍ୟବହାରିକ ଓ ଲାଗୁ ହେବା ଭଳି ସର୍ତ୍ତ ରଖିବ ବୋଲି ଆଶା କରାଯାଉଥିବା କଥା ତାଲିବାନ ସରକାରଙ୍କ ମୁଖପାତ୍ର ଜବିହଲ୍ଲା ମୁଜାହିଦ୍ କହିଛନ୍ତି । କିନ୍ତୁ ସେପରି କିଛି ହୋଇ ନଥିଲା । ପାକିସ୍ତାନୀ ଆମର ଭାଇ ଓ ବନ୍ଧୁ । କିନ୍ତୁ ଯଦି ଯଦି ପାକିସ୍ତାନ ଆକ୍ରମଣ କରେ ତା'ର ଦୃଢ଼ ଜବାବ ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ପାକିସ୍ତାନ ସୁରକ୍ଷାର ସବୁ ଦାୟିତ୍ୱ ଆଫଗାନିସ୍ତାନ ଉପରେ ନ୍ୟସ୍ତ କରିଥିଲା । କିନ୍ତୁ ନିଜେ ସୁରକ୍ଷାର କୌଣସି ଦାୟିତ୍ୱ ନେବାକୁ ପ୍ରସ୍ତୁତ ନଥିଲା । ପାକିସ୍ତାନର ଏଭଳି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ମୁଜାହିଦ୍ କହିଛନ୍ତି ।

## ଦୁଇ ଝିଅଙ୍କ ସହ ପେଟ୍ରୋଲ ପମ୍ପ ମାଲିକଙ୍କ ଆତ୍ମହତ୍ୟା

ଅହମଦାବାଦ, ୮ ।୧୧(ଏଜେନ୍ସି): ଗୁଜରାଟ୍ ଗାନ୍ଧୀନଗରରେ ବିଚଳିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି । ୩ଟି ପେଟ୍ରୋଲ ପମ୍ପର ମାଲିକ ନିଜ ଦୁଇ ଝିଅଙ୍କ ସହ ଆତ୍ମହତ୍ୟା କରିଛନ୍ତି । ନର୍ମଦା କେନାଲରୁ ପୁଲିସ ୩ଜଣଙ୍କ ମୃତଦେହ ଉଦ୍ଧାର କରିଛି । ଦୁଇଦିନ ତଳେ ଅର୍ଥାତ ନଭେମ୍ବର ୭ରେ ପେଟ୍ରୋଲ ପମ୍ପ ମାଲିକ ନିଜ ଦୁଇ ଝିଅଙ୍କର ଆଧାରକାର୍ଡ ଅପ୍‌ଡେଟ୍ କରିବାକୁ ଘରୁ ବାହରି ଥିଲେ ଓ ଏହାପରେ ସେ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ । ଫଳରେ ତାଙ୍କୁ ଖୋଜିବାକୁ ପ୍ରୟାସ ଆରମ୍ଭ ହୋଇଥିଲା । ପୁଲିସ ଏହି ମାମଲାର ସବୁ ଦୃଷ୍ଟିକୋଣରୁ ଯାଞ୍ଚ କରୁଛି । ମୃତକଙ୍କୁ ଚିହ୍ନଟ କରାଯାଇଛି । ସେ ହେଉଛନ୍ତି ଗାନ୍ଧୀନଗରର ଜିଲ୍ଲାର କଲୋଲ ଅଞ୍ଚଳର ବୋରିନାନା ଗାଁର ଧୀରଜ ଭାଇ ଭଲାଭାଇ ରବାରୀ । ଏହି ଘଟଣା ରବାରୀ ସମ୍ପ୍ରଦାୟରେ ଗଭୀର ଶୋକର ଛାୟା ଖେଳିଯାଇଛି ।

## ଡାଇବେଟିକ, ହୃଦ୍‌ରୋଗୀ, ମୋଟା ଲୋକଙ୍କୁ ଭିସା ଦେବନି ଆମେରିକା




ୱାସିଂଟନ, ୮ ।୧୧(ଏଜେନ୍ସି): ମୋଟାପଣ, ମଧୁମେହ, ହୃଦ୍‌ରୋଗ ଓ କର୍କଟ ଭଳି ରୋଗ ସହ ସଂଘର୍ଷ କରୁଥିବା ଲୋକଙ୍କୁ ଏବେ ଆମେରିକାରେ ପ୍ରବେଶ କରିବା କଷ୍ଟକର ହେବ । ଆମେରିକାର ବୈଦେଶିକ ବିଭାଗ ଶୁକ୍ରବାର ବିଶ୍ୱର ବିଭିନ୍ନ ଦେଶରେ ଥିବା ଆମେରିକା ଦୂତାବାସ ଓ ବାଣିଜ୍ୟିକ ଦୂତାବାସକୁ ଏକ ବିଚିତ୍ର ନିର୍ଦ୍ଦେଶ ଦେଇଛି । ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ଲୋକଙ୍କୁ ଆମେରିକ ଆସିବାକୁ ଅନୁମତି ନ ଦେବାକୁ ଦୂତାବାସଗୁଡିକୁ କୁହାଯାଇଛି । ଏହି ନୂଆ ନିୟମ 'ପବ୍ଲିକ ଚାର୍ଜ' (ସାର୍ବଜନୀକ ବୋଝ) ନୀତି ଉପରେ ଆଧାରିତ । ସରକାରଙ୍କ ବୋଝ କମ୍ କରିବାକୁ ଏପରି ନିଷ୍ପତ୍ତି ନିଆଯାଇଛି । ଆମେରିକା ସରକାରଙ୍କ ସଂଶାଧନ ଉପରେ ନିର୍ଭର କରିବାକୁ ଥିବା ପ୍ରବାସୀଙ୍କୁ ରୋକିବା ଉଦ୍ଦେଶ୍ୟ ।ାରେ ଏହି ନିୟମ ଜାରି କରାଯିବ ବୋଲି କୁହାଯାଇଛି । ଆବେଦକଙ୍କ ସ୍ୱାସ୍ଥ୍ୟ, ବୟସ ଓ ଆର୍ଥିକ ସ୍ଥିତିର ଯାଞ୍ଚ୍ କରିବାକୁ ଆମେରିକା ତା'ର ଭିସା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି । କୌଣସି ବ୍ୟକ୍ତି ଯଦି ଭବିଷ୍ୟତରେ ମହଙ୍ଗା ଚିକିତ୍ସା ଓ ସରକାରୀ ସହାୟତା ଉପରେ ନିର୍ଭର କରିବାର ସମ୍ଭାବନା ଥିବ ସେମାନଙ୍କ ଭିସା ପ୍ରତ୍ୟାଖାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରବାସୀ ଆମେରିକା ସରକାରଙ୍କ ଉପରେ ବୋଝ ସୃଷ୍ଟି କରିବେ ନାହିଁ ବୋଲି ଭିସା ଅଧିକାରୀ ସ୍ପଷ୍ଟ କରିବେ । ଏହିକ୍ରମରେ ହୃଦରୋଗ, ନିଃଶ୍ୱାସ ନେବାରେ ସମସ୍ୟା, କର୍କଟ ରୋଗ, ଡାଇବେଟିକ, ମେଟବୋଲିକ, ସ୍ନାୟବିକ ରୋଗ ଓ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ଲୋକ ଓ ଦିବ୍ୟାଙ୍ଗଙ୍କ ଦେଖାଶୁଣା ପାଇଁ ଲକ୍ଷ ଲକ୍ଷ ଡଲାର ଆବଶ୍ୟକତା ପଡ଼ିବ । ଏହାକୁ ବାଦ୍ ଦେଲେ ମୋଟାପଣ ଥିବା ଲୋକଙ୍କୁ ମଧ ଭିସା ନ ଦେବାକୁ କୁହାଯାଇଛି । କାରଣ ମୋଟପଣ ଯୋଗୁଁ ଉଚ୍ଚ ରକ୍ତଚାପ, ଶ୍ୱାସ, ସ୍ଲିପ ଏପନିଆ ଭଳି ରୋଗ ସୃଷ୍ଟି କରିବାର ସମ୍ଭାବନା ରହିଛି । କିନ୍ତୁ ଏହି ନୂଆ ନୟମ କେଉଁ ଭିସା ଆଦେଦକଙ୍କ ଉପରେ ଲାଗୁ ହେବ ତାହା ସ୍ପଷ୍ଟ କରାଯାଇନାହିଁ । ତେବେ ନିୟମ ଦୃଷ୍ଟିରୁ ଦେଖିଲେ ଏହା ସବୁ ଭିସା ଆବେଦକଙ୍କ ଉପରେ ଲାଗୁ ହେବ ବୋଲି ଅନୁମାନ କରାଯାଉଛ ।

## ରୁଷିଆ ସେନାରେ ଭର୍ତ୍ତି ହୋଇଛନ୍ତି ୧୪୦୦ ଆଫ୍ରିକୀୟ: ୟୁକ୍ରେନ

କିଭ୍, ୮ ।୧୧(ଏଜେନ୍ସି): ୟୁକ୍ରେନ ସହ ଯୁଦ୍ଧ ଲଢ଼ିବା ପାଇଁ ରୁଷିଆ ୧୪୦୦ ଆଫ୍ରିକୀୟ ନାଗରିକଙ୍କୁ ତା'ର ସେନାରେ ଭର୍ତ୍ତି କରିଛି । ୟୁକ୍ରେନ୍ ବିଦେଶ ମନ୍ତ୍ରୀ ଆନ୍ଦ୍ରିଲ୍ ସିଭିଆ ଏ ନେଇ ସୂଚନା ଦେଇଛନ୍ତି । ଏହା ନିଶ୍ଚିତ ଭାବେ ଚିନ୍ତାଜନକ । ଆଫ୍ରିକୀୟ ଦେଶଗୁଡିକର ସରକାର ଏ ନେଇ ଅବଗତ ହେବା ଓ ନିଜ ନାଗରିକଙ୍କୁ ଏହି ଯୁଦ୍ଧରୁ ଦୂରେଇ ରହିବା ପାଇଁ ନିର୍ଦ୍ଦେଶ ଦେବା ଉଚିତ ବୋଲି ସେ କହିଛନ୍ତି । ରୁଷିଆ ବିଭିନ୍ନ ଉପାୟ ଅବଲମ୍ବନ କରି ଆଫ୍ରିକାର ଯୁବକଙ୍କୁ ତା'ର ସେନାରେ ଚତୁରତାର ସହ ଭର୍ତ୍ତି କରୁଛି । ସେମାନଙ୍କୁ ଅର୍ଥ ଲୋଭ ଦେଖାଯାଉଛି । ପୁଣି କେତେଜଣଙ୍କୁ ଠକାମୀ କରି ଚୁକ୍ତିରେ ସ୍ୱାକ୍ଷର କରିବାକୁ କୁହାଯାଉଛି । କେବଳ ସେତିକି ନୁହେଁ ଆଫ୍ରିକୀୟ ନାଗରିକମାନେ କ'ଣ ପାଇଁ ଚୁକ୍ତିରେ ସ୍ୱାକ୍ଷର କରୁଛନ୍ତି ସେ ନେଇ ଅବଗତ ମଧ ନଥାନ୍ତି କିମ୍ବା ସେମାନଙ୍କୁ ଚାପର ବଶବର୍ତ୍ତୀ କରାଯାଇ ସେନାରେ ଭର୍ତ୍ତି କରାଯାଉଛି । ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିବା ଅର୍ଥ ମୃତ୍ୟୁଦଣ୍ଡକୁ ଡାକି ଆଣିବା ବୋଲି ସେ କହିଛନ୍ତି । ୟୁକ୍ରେନ ବିପକ୍ଷ ଯୁଦ୍ଧରେ ରୁଷିଆ ପକ୍ଷରୁ ନିଜର ନାଗରିକ ଲଢୁଛନ୍ତି ବୋଲି ଜାଣିବା ପରେ ଦକ୍ଷିଣ ଆଫ୍ରିକା ମଧ ଏ ନେଇ ତଦନ୍ତ ଆରମ୍ଭ କରିଛି । ଭାରତୀୟମାନେ ମଧ ରୁଷିଆ ତରଫରୁ ଯୁଦ୍ଧ ଲଢ଼ିବା ନେଇ ଖବର ପ୍ରକାଶ ପାଇଛି । ରୁଷିଆ ସେନାରେ ଏବେ ୪୪ ଜଣ ଭାରତୀୟ ଅଛନ୍ତି ବୋଲି ଭାରତ ସରକାରଙ୍କ ତରଫରୁ ଆନୁଷ୍ଠାନିକ ଭାବେ କୁହାଯାଇଛି ।

# 'ଚିକେନ୍ ନେକ୍'ରେ ଆହୁରି ସକ୍ରିୟ ହେଲା ଭାରତ

## ବାଂଲା ସୀମାରେ ୩ ନୂଆ ଘାଟି ପ୍ରତିଷ୍ଠା




ନୂଆଦିଲ୍ଲୀ, ୮।୧୧ (ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ବିତାଡ଼ିତ ହେବା ପରଠୁ ବାଂଲାଦେଶ ସହ ଭାରତର ସମ୍ପର୍କ ଖରାପ ହେବାରେ ଲାଗିଛି । କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସଙ୍କ ବିବାଦୀୟ ପଦକ୍ଷେପ ତିକ୍ତତାକୁ ଅଧିକ ବଢ଼ାଇ ଦେଇଛି । ସେ ଗୋଟିଏ ପରେ ଗୋଟିଏ ଉତ୍ତେଜନା ସୃଷ୍ଟିକାରୀ ପଦକ୍ଷେପ ନେଇ ଭାରତକୁ ଚିଡ଼ାଇ ପାକିସ୍ତାନ ଏବଂ ଚୀନ୍ ସହ ଘନିଷ୍ଠତା ବୃଦ୍ଧି କରି ଚାଲିଛନ୍ତି । ଭୂରାଜନୈତିକ ବିବାଦ ବଢ଼ି ଚାଲିଥିବାବେଳେ ଭାରତର 'ଚିକେନ ନେକ୍' କୁହାଯାଉଥିବା ସିଲିଗୁଡି କରିଡର ସୀମାରେ ନିଜ ଲାଲମୋନିରହାଟ ଏୟାରବେସ୍‌କୁ ୟୁନୁସ ସମ୍ପ୍ରସାରଣ କରୁଛନ୍ତି । ନୂଆ ହ୍ୟାଙ୍ଗର, ଜେଟ୍ ପାର୍କିଂ ଏବଂ ରାଡାର ସିଷ୍ଟମ ଲଗାଉଛନ୍ତି । ଭାରତ ସହ କୂଟନୈତିକ ସମ୍ବନ୍ଧ ଠିକ୍ ନ ଥିବାବେଳେ ୟୁନୁସ ଏପରି ଉସୁକାଇବା ଭଳି ପଦକ୍ଷେପ ନେଇଛନ୍ତି । ବାଂଲାଦେଶର ଏଭଳି ଦୁଃସାହସକୁ ଜବାବ ଦେବା ପାଇଁ ଭାରତ ବଡ଼ ପଦକ୍ଷେପ ନେଇଛି । ସୀମା ସୁରକ୍ଷାକୁ ମଜବୁତ କରିବାକୁ 'ଇଷ୍ଟର୍ଣ୍ଣ ଫ୍ରଣ୍ଟିୟର'ର ଭାରତ-ବାଂଲାଦେଶ ସୀମା ନିକଟରେ ୩ ନୂଆ ସେନା ଘାଟି ତଥା ପୋଷ୍ଟ ପ୍ରତିଷ୍ଠା କରିଛି । ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସିଲିଗୁଡି କରିଡର ତଥା 'ଚିକେନ ନେକ'ର ସୁରକ୍ଷା ପାଇଁ ଧୁବ୍ରି ନିକଟସ୍ଥ ବାମୁନି, କିଶାନଗଞ୍ଜ ଏବଂ ଚୋପ୍ରାରେ ଏହି ସେନା ପୋଷ୍ଟ ନିର୍ମାଣ କରାଯାଇଛି । ସୀମାରେ ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି । ସୀମା ଅଭେଦ୍ୟ ଦୁର୍ଗରେ ପରିଣତ ହୋଇଯାଇଛି ।

**ବାଂଲାଦେଶକୁ ଜବାବ ଦେବାକୁ ଭାରତ ପ୍ରସ୍ତୁତ**

ଗୁଇନ୍ଦା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭାରତର ସର୍ବାଧିକ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରୁ ଅନ୍ୟତମ 'ଚିକେନ ନେକ'ରେ ସାମରିକ ବ୍ୟବଧାନକୁ ଦୂର କରିବା, ପର୍ଯ୍ୟବେକ୍ଷଣ କ୍ଷମତା ବୃଦ୍ଧି ଏବଂ ତ୍ୱରିତ ପ୍ରତିକ୍ରିୟା କ୍ଷମତା ବୃଦ୍ଧି ପାଇଁ ଏହି ପଦକ୍ଷେପ ନିଆଯାଇଛି । ଉତ୍ତର ପଶ୍ଚିମବଙ୍ଗରେ ଥିବା ଏହି ୪୦ କିଲୋମିଟର ଦୀର୍ଘ ଓ ୨୨ କିମି ଚଉଡ଼ାର ସିଲିଗୁଡି କରିଡର ଭାରତର ମୂଳ ଭାଗକୁ ସାତଟି ଉତ୍ତର-ପୂର୍ବ ରାଜ୍ୟ ସହିତ ସଂଯୋଗ କରୁଛି । ଏହା ନେପାଳ, ଭୁଟାନ, ବାଂଲାଦେଶ ଏବଂ ଚୀନ୍ ମଧ୍ୟରେ ଅବସ୍ଥିତ । କିଛି ଦିନ ତଳେ ପାକିସ୍ତାନର ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ ଅଧ୍ୟକ୍ଷ ଜେନେରାଲ ସାହିର ସମ୍‌ସାଦ ମିର୍ଜାଙ୍କୁ ମହମ୍ମଦ ୟୁନୁସ ଭେଟିଥିଲେ । ଉଭୟେ ଯୋଗାଯୋଗ ଏବଂ ପ୍ରତିରକ୍ଷା ସହଯୋଗକୁ ନେଇ ଆଲୋଚନାର ଖବର ମିଳିବା ପରେ ଭାରତ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ରିପୋର୍ଟ ଅନୁଯାୟୀ ମହମ୍ମଦ ୟୁନୁସ ଏହି ଅଞ୍ଚଳରେ କ୍ଷମତା ସନ୍ତୁଳନକୁ ନୂଆ ରୂପ ଦେବାକୁ ଚାହୁଁଛନ୍ତି । ଏଥିପାଇଁ ରଣନୈତିକ ଦୃଷ୍ଟିରୁ ମଧ କାର୍ଯ୍ୟାରମ୍ଭ କରିଦେଇଛନ୍ତି । ଏହାଦ୍ୱାରା ସିଲିଗୁଡି କରିଡରର ସୁରକ୍ଷା ଗମ୍ଭୀର ଭାବେ ପ୍ରଭାବିତ ହେବାର ଆଶଙ୍କା ରହିଛି ।

ଜଣେ ବରିଷ୍ଠ ସେନା ଅଧିକାରୀ କହିଛନ୍ତି ଯେ ଏହି ଅଞ୍ଚଳ ଭାରତର ସବୁଠୁ ସୁଦୃଢ଼ ପ୍ରତିରକ୍ଷା କରିଡର । ସିଲିଗୁଡି କରିଡରରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିଛି । ନୂଆ ଘାଟି ପ୍ରତିଷ୍ଠା ଦ୍ୱାରା ଲଜିଷ୍ଟିକ, ପ୍ରତିକ୍ରିୟା କ୍ଷମତା ଏବଂ ଗୁଇନ୍ଦା ସୂଚନା ମିଳିବାରେ ଆହୁରି ସହଜ ହୋଇଯିବ । ଚିକେନ ନେକ୍‌କୁ ନେଇ ଭିନ୍ନ ଦୃଷ୍ଟିକୋଣ ରହିଛି । ଏହା ଭାରତର ସବୁଠାରୁ ମଜବୁତ କ୍ଷେତ୍ର । କାରଣ ପଶ୍ଚିମବଙ୍ଗ, ସିକିମ ଏବଂ ଉତ୍ତରପୂର୍ବର ଭାରତରେ କାର୍ଯ୍ୟରତ ସେନାବାହିନୀକୁ ଏଠାରେ ଏକାଠି ମୁତୟନ କରିହେବ ।




୨୪ ଘଣ୍ଟା ପରେ ସ୍ୱାଭାବିକ ହେଲା ଦିଲ୍ଲୀ ବିମାନ ବନ୍ଦର । ଶୁକ୍ରବାର ଏଟିସିରେ ବୈଷୟିକ ସମସ୍ୟା ଯୋଗୁଁ ୮୦୦ ବିମାନ ଉଡାଣ ବିଳମ୍ବିତ ହୋଇଥିଲା ।

## ଆମେରିକାରେ ସଟ୍ ଡାଉନ୍ ଯନ୍ତ୍ରଣା

### ୪୦ ବିମାନ ବନ୍ଦରରେ ୫୦୦୦ ଉଡ଼ାଣ ବାତିଲ

ୱାସିଂଟନ, ୮ ।୧୧(ଏଜେନ୍ସି): ଆମେରିକାରେ ବହୁ ଚର୍ଚ୍ଚିତ ସଟ୍‌ଡାଉନ୍ ଏବେ ରେକର୍ଡ ୩୮ ଦିନରେ ପହଞ୍ଚିଛି । ଫଳରେ ବିମାନ ବନ୍ଦରରେ ଦେଖାଦେଇଥିବା ସମସ୍ୟା ବୃଦ୍ଧିପାଇବାରେ ଲାଗିଛି । ସାଧାରଣ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସଟ୍‌ଡାଉନର ନକାରାତ୍ମକ ପ୍ରଭାବ ବିମାନ ବନ୍ଦରଗୁଡିକରେ ସବୁଠାରୁ ଅଧିକ ପଡ଼ିଥିବା ଲକ୍ଷ୍ୟ କରାଯାଇଛି । ଆମେରିକାରେ ୪୦ଟି ବୃହତ ବିମାନ ବନ୍ଦରରେ ବିମାନ ଉଡାଣକୁ ହ୍ରାସ କରାଯାଇଛି ବୋଲି ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫ୍‌ଏଏ) ତରଫରୁ କୁହାଯାଇଛି । ଫଳରେ ମୋଟ୍ ଉପରେ ୫, ୦୦୦ ବିମାନ ଉଡାଣକୁ ବାତିଲ କରାଯାଇଛି । ଏଥିରେ ୱାସିଂଟନ ଡିସି ଓ ନ୍ୟୁୟର୍କର ବିମାନ ବନ୍ଦର ସାମିଲ ରହିଛି । ଏବେ ପ୍ରତିଦିନ ୧, ୮୦୦ ଉଡାଣ ବାତିଲ ହେବାର ଆଶଙ୍କା ସୃଷ୍ଟି ହୋଇଛି ଓ ୨, ୬୮ ଲକ୍ଷ ଯାତ୍ରୀ ପ୍ରଭାବିତ ହେବା ନିଶ୍ଚିତ ହୋଇଛି । ଆମେରିକା ଇତିହାସରେ ଏହା ସବୁଠାରୁ ଦୀର୍ଘ ସଟ୍‌ଡାଉନ ବିବେଚିତ ହୋଇଛି । ଆଟଲାଣ୍ଟା, ଡେନଭେର, ଡଲାସ, ସାନ ଫ୍ରାନସିସ୍କୋ ଓ ୱାସିଂଟନ ଭଳି ବୃହତ ତଥା ଗୁରୁତ୍ୱପୂର୍ଣ୍ଣ ବିମାନ ବନ୍ଦର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ରେଗାନ ନ୍ୟାସନାଲ ବିମାନ ବନ୍ଦରରେ ପାଖାପାଖି ୪୦ ପ୍ରତିଶତ ବିମାନ ବିଳମ୍ବିତ ହୋଇଛି ।



## ଆଫ୍ରିକୀୟ ଦେଶ ମାଲିରେ ୫ ଭାରତୀୟଙ୍କୁ ଅପହରଣ

ନୂଆଦିଲ୍ଲୀ, ୮ ।୧୧(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ୫ ଜଣ ଭାରତୀୟଙ୍କୁ ଅପହରଣ କରି ନିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ କେତେକ ସଶସ୍ତ୍ର ଆକ୍ରମଣକାରୀ ଗୁରୁବାର କୋବରୀ ଅଞ୍ଚଳରୁ ଭାରତୀୟ ନାଗରିକଙ୍କୁ ଅପହରଣ କରିଛନ୍ତି । ଏମାନେ ଏକ ସ୍ଥାନୀୟ ବିଜୁଳି ପରିଯୋଜନା ପ୍ରକଳ୍ପ ପାଇଁ କାର୍ଯ୍ୟ କରୁଥିଲେ । ଏହି ଭାରତୀୟ ମାନେ ଏକ ସ୍ଥାନୀୟ କମ୍ପାନୀରେ ନିୟୋଜିତ ଥିଲେ । କିନ୍ତୁ ଏହି ଘଟଣା ପରେ ସୁରକ୍ଷାକୁ ଦୃଷ୍ଟିରେ ରଖି କମ୍ପାନୀ ଅନ୍ୟ ଭାରତୀୟମାନଙ୍କୁ ରାଜଧାନୀ ବାମାକୋକୁ ପଠାଇ ଦେଇଛି । ୫ ଜଣ ଭାରତୀୟଙ୍କୁ ଅପହରଣ କରି ନିଆଯାଇଛି ବୋଲି କମ୍ପାନୀର ଅଧିକାରମାନେ କହିଛନ୍ତି । ଏପର୍ଯ୍ୟନ୍ତ ଏହି ଅପହରଣ ନେଇ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି । ଉଲ୍ଲେଖଥାଉ କି, ମାଲିରେ ଗତ କେତେବର୍ଷ ହେବ ରାଜନୈତିକ ଓ କଠୋରପନ୍ଥୀ ଅସ୍ଥିରତା ଜାରି ରହିଛି । ଆଲକାଏଦା ସହିତ ଜଡିତ ଆତଙ୍କବାଦୀ ସଂଗଠନ ଗ୍ରୁପ ଫର ଦି ସପୋର୍ଟ ଅଫ୍ ଇସ୍‌ଲାମ ଆଣ୍ଡ ମୁସଲିମ୍ (ଜେଏନ୍‌ଆଇଏମ୍) ନିକଟରେ ମାଲିରେ ନିଜର ପ୍ରଭାବ ବିସ୍ତାର କରିବାରେ ଲାଗିଛି । ଏହି ସଂଗଠନ ଦେଶରେ ଇନ୍ଧନର ଯୋଗାଣକୁ ନିଷିଦ୍ଧ କରିଛି । ଫଳରେ ଆର୍ଥିକ ସଂକଟକୁ ଆହୁରି ଖରାପ କରିଛି । ଏବେ ମାଲିରେ ଅପହରଣ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ୨୦୧୨ରୁ ଦେଶରେ ଚାଲି ଆସୁଥିବା ବିଦ୍ରୋହ, ବାରମ୍ବାର ସେନା ଦ୍ୱାର ହେଉଥିବା ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଓ ଜିହାଦୀ ଆକ୍ରମଣ ଦେଶର ଶାସନ ଓ ଆର୍ଥିକ ସ୍ଥିତିକୁ ଆହୁରି ଖରାପ କରିଛି । ଗତ ସେପ୍ଟେମ୍ବରରେ ଜେଏନ୍‌ଆଇଏମ୍ ଆତଙ୍କବାଦୀମାନେ ୟୁଏଇ ଓ ଇରାନର ନାଗରିକଙ୍କୁ ଅପହରଣ କରିଥିଲେ ଓ ଏମାନଙ୍କୁ ୫୦ ନିୟୁତ ଡଲାର ବିନିମୟରେ ମୁକ୍ତ କରିଥିଲେ ବୋଲି କୁହାଯାଉଛି । ଏବେ ଜେଏନ୍‌ଆଇଏମ୍ ଆତଙ୍କବାଦୀ ସଂଗଠନ ସାରା ଦେଶରେ ତା'ର ପ୍ରଭାବ ବିସ୍ତାର କରିବାକୁ ସକ୍ଷମ ହୋଇଛି । ମାଲିର ସେନା ସରକାର ଜେଏନ୍‌ଆଇଏମ୍‌କୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି ।

## ମମ୍‌ଦାନୀଙ୍କୁ ନେଇ ଅରବପତି ଭୟଭୀତ କାହିଁକି?

ୱାଶିଂଟନ, ୮।୧୧ (ଏଜେନ୍ସି): ନ୍ୟୁୟର୍କ ମେୟର ନିର୍ବାଚନରେ ଭାରତୀୟ ବଂଶୋଭବ ଜୋହରାନ ମମଦାନୀ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧୀ ଭାବେ ପରିଚିତ ମମଦାନୀଙ୍କ ବିଜୟ ଅରବପତିଙ୍କ ମନରେ ଭୟ ସୃଷ୍ଟି କରିଛି । ଯେକୌଣସି ସମୟରେ କାର୍ଯ୍ୟାନୁଷ୍ଠାନର ଭୟ ରହିଛି । ଏଥିପାଇଁ ଅନେକ ଧନୀ ସହର ଛାଡିବାକୁ ପ୍ରସ୍ତୁତ ହେଉଛନ୍ତି । ନ୍ୟୁୟର୍କର ୯ ପ୍ରତିଶତ ଅର୍ଥାତ ପ୍ରାୟ ୭.୬୫ ଲକ୍ଷ ଧନୀ ବ୍ୟକ୍ତି ସହର ଛାଡ଼ି ଅନ୍ୟତ୍ର ପଳାୟନ କରିପାରନ୍ତି । ଜେ.ଏଲ ପାର୍ଟନର୍ସ ସର୍ଭେରୁ ଏହି ସୂଚନା ସାମ୍ନାକୁ ଆସିଛି ।

ଧନୀଙ୍କ ଏହି ଭୟ ପଛରେ ମେୟର ନିର୍ବାଚନ ପ୍ରଚାର ସମୟରେ ମମଦାନୀ ଦେଇଥିବା ପ୍ରତିଶ୍ରୁତି ରହିଛି । ସେ ଧନୀ ବ୍ୟକ୍ତି ଏବଂ ବଡ଼ ବଡ଼ କମ୍ପାନୀଙ୍କ ଉପରେ ଅତିରିକ୍ତ ଟିକସ ଲଗାଇବାକୁ ଘୋଷଣା କରିଥିଲେ । ଏହା ମାଧ୍ୟମରେ ୯ ବିଲିୟନ ଡଲାର ସଂଗ୍ରହ କରିବାକୁ ଆଶା ରଖିଥିଲେ । ମମଦାନୀ ଭୟ ମଧ୍ୟରେ ଟେକ୍ସାସର ରିପବ୍ଲିକାନ ଗଭର୍ଣ୍ଣର ଗ୍ରେଗ ଆବଟ ପୂର୍ବରୁ ଦେଇଥିବା ଧମକକୁ ନେଇ ଧନୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ମମଦାନୀ ବିଜୟୀ ହେବା ପରେ ଯଦି ନ୍ୟୁୟର୍କ ଲୋକେ ଟେକ୍ସାସ ଆସିବେ ତେବେ ୧୦୦ ପ୍ରତିଶତ ଶୁଳ୍କ ଲଗାଯିବ ବୋଲି ସେ କହିଥିଲେ ।

ସର୍ଭେରୁ ଜଣାପଡ଼ିଛି ଯେ ମମଦାନୀଙ୍କ ବିଜୟ ଯୋଗୁଁ ୨୫ ପ୍ରତିଶତ ଅର୍ଥାତ୍ ପ୍ରାୟ ୨୧ ଲକ୍ଷ ଲୋକ ସହର ଛାଡିବାକୁ ବିଚାର କରୁଛନ୍ତି । ଯଦି ଏହା ସତ ସାବ୍ୟସ୍ତ ହୁଏ ତେବେ ଏହା ଆମେରିକା ଇତିହାସର ସବୁଠାରୁ ବଡ଼ ସହରୀ ପଳାୟନ ହେବ । ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସହର ଗଭୀର ଭାବେ ପ୍ରଭାବିତ ହେବ । ୨.୩ ଟ୍ରିଲିୟନ ଜିଡିପି ବିଶିଷ୍ଟ ନ୍ୟୁୟର୍କର ମୋଟ ଜନସଂଖ୍ୟା ୮୪ ଲକ୍ଷ । ତେବେ ଏଥିରୁ ୯ ପ୍ରତିଶିତ ନିଶ୍ଚିତ ଭାବେ ସହର ଛାଡିବାକୁ ବିଚାର କରୁଛନ୍ତି । ସେହିପରି ୧୩ ପ୍ରତିଶତ ଗୋରା ଏବଂ ଏସିଆ ମହାଦେଶର ୧୧ ପ୍ରତିଶତ ମୂଳ ବଂଶୋଭବ ସହର ଛାଡ଼ିପାରନ୍ତି । ଏତେ ଲୋକ ସହର ଛାଡ଼ିଲେ ଆର୍ଥିକ ଭୂକମ୍ପ ସୃଷ୍ଟି ହେବ ବୋଲି ପୋଲଷ୍ଟର ଜେମ୍‌ସ ଜନସନ କହିଛନ୍ତି ।

## କଶ୍ମୀର କୁପୱାରାରେ ଦୁଇ ଆତଙ୍କବାଦୀ ନିହତ

ଶ୍ରୀନଗର, ୮ ।୧୧(ଏଜେନ୍ସି): ଜମ୍ମୁ-କଶ୍ମୀରର କୁପୱାରା ଜିଲ୍ଲାର କେରାନ ସେକ୍ଟରରେ ଶନିବାର ସୁରକ୍ଷାକର୍ମୀଙ୍କ ଗୁଳିରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ନିୟନ୍ତ୍ରଣ ରେଖା ନିକଟରେ ଆତଙ୍କବାଦୀମାନେ ଅନୁପ୍ରବେଶ କରିବା ନେଇ ଭାରତୀୟ ସେନାକୁ ଗୁଇନ୍ଦା ବିଭାଗ ସୂଚନା ଦେଇଥିଲା । ଏହାପରେ ଆତଙ୍କବାଦୀଙ୍କ ବିରୋଧରେ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା । ଏହି ଅବସରରେ ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇଥିଲେ । ଜବାବରେ ସେନା ଗୁଳିରେ ଏହି ଦୁଇ ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ଭାରତୀୟ ସେନାର ଚେନ୍ନାର କର୍ପ୍ସ ୟୁନିଟ୍ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେଇଛନ୍ତି । ଏବେ ମଧ ଅପରେସନ ଚାଲୁ ରହିଛି । ସେନା ଏହାକୁ 'ଅପରେସନ୍ ପିମ୍ପଲ' ନାମ ଦେଇଛି । ନିହତ ହୋଇଥିବା ଆତଙ୍କବାଦୀ ଓ ସେମାନଙ୍କ ସଂଗଠନ ନେଇ କୌଣସି ସୂଚନା ମିଳିନାହିଁ । ପୂର୍ବରୁ ନଭେମ୍ବର ୫ରେ କିସ୍ତୱାର ଜିଲ୍ଲାରେ ଛତ୍ରୁରେ ଏନ୍‌କାଉଣ୍ଟର ହୋଇଥିଲା ଓ ଆତଙ୍କବାଦୀଙ୍କ ଗୁଳିରେ ଜଣେ ଭାରତୀୟ ଯବାନ ଆହତ ହୋଇଥିଲେ । ଇତିମଧ୍ୟରେ ଜମ୍ମୁ-କଶ୍ମୀର ପୁଲିସର କାଉଣ୍ଟରନ ଇଣ୍ଟେଲିଜେନ୍ସ କଶ୍ମୀର (ସିଆଇକେ) ଶନିବାର ରାଜ୍ୟର ଏକାଧିକ ଘାଟିରେ ଚଢ଼ାଉ କରିଥିଲା । ଏହାପୂର୍ବରୁ କୁପୱାରା ଜିଲ୍ଲାରେ ଅକ୍ଟୋବର ୧୩ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଥିଲେ ।



ମାର୍ଗଶିର ମାଣବସା ପାଇଁ ବଡ଼ଦାଣ୍ଡରେ ଧାନ ମେଣ୍ଟା ବିକ୍ରି

# ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ'



ନୂଆପଡ଼ା, ୮।୧୧(ସମିସ): ନୂଆପଡ଼ା ଉପନିର୍ବାଚନକୁ ମାତ୍ର ଦୁଇ ଦିନ ବାକି ଥିବା ବେଳେ ପ୍ରଚାର ସରଗରମ ହୋଇଛି। ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଜି ନୂଆପଡ଼ା ଜିଲ୍ଲା ଗସ୍ତ କରି ପ୍ରଚାରକୁ ଜୋରଦାର କରିଛନ୍ତି। ଶ୍ରୀ ମାଝୀ ଶନିବାର ଷଷ୍ଠଥର ପାଇଁ ନୂଆପଡ଼ା ଗସ୍ତ କରି ନୂଆପଡ଼ା ସହରରେ

**ଜୟ ଢୋଲକିଆଙ୍କ ପାଇଁ ନିର୍ବାଚନ ପ୍ରଚାର**

ରୋଡ୍ ଶୋ' କରିବା ସହ ସୁନାବେଡ଼ା ଅଭୟାରଣ୍ୟ ଅଞ୍ଚଳରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଶନିବାର ମଧ୍ୟାହ୍ନରେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସୁନାବେଡ଼ାରେ ପହଞ୍ଚିଥିଲେ। ସେଠାରେ ମା' ସୁନାଦେଈଙ୍କୁ ପୂଜାର୍ଚ୍ଚନା କରିବା ପରେ ସୁନାବେଡ଼ା ବସ୍ତିରେ ବୁଲିବୁଲି ଆଦିବାସୀ ମହିଳାମାନଙ୍କୁ ଭେଟିଥିଲେ। ସୁନାବେଡ଼ାରେ ବୟସ୍କ, ଯୁବ ଏବଂ ମହିଳାଙ୍କୁ ସାକ୍ଷାତ କରି ଭୋଟ ଭିକ୍ଷା କରିଥିଲେ।

# ନୂଆପଡ଼ା ନିର୍ବାଚନରେ 'ଏଆଇ ୱାର୍'

ଭୁବନେଶ୍ୱର, ୮।୧୧ (ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ସରଗରମ ହୋଇଛି ରାଜ୍ୟ ରାଜନୀତି। ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରଠାରୁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳରେ ହେଭିୱେଟ୍ ନେତାମାନେ ନୂଆପଡ଼ାରେ ଡେରା ପକାଇଛନ୍ତି। ଦଳଗୁଡ଼ିକ ନିଜନିଜ ପ୍ରାର୍ଥୀଙ୍କ ସପକ୍ଷରେ ସମର୍ଥନ ଯୋଗାଡ଼ ପାଇଁ ନାନା କୌଶଳ ଆପଣାଇଥିବା ବେଳେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଭିଡିଓ ଓ ଫଟୋ ମଧ୍ୟ ଭୋଟରଙ୍କୁ ପ୍ରଭାବିତ କରିବାର ଏକ ପ୍ରମୁଖ ମାଧ୍ୟମ ସାଜିଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ସୋସିଆଲ ମିଡିଆ ଆକାଉଣ୍ଟମାନଙ୍କର ଫଟୋ, ଭିଡିଓ ଓ ରିଲ୍ସ ସାଙ୍ଗକୁ ଏଆଇ ଭିଡିଓଗୁଡ଼ିକୁ ପୋଷ୍ଟ କରାଯାଇଛି। ଏଥିରେ କଂଗ୍ରେସ ସାମାନ୍ୟ ପଛରେ ପଡ଼ିଥିବା ବେଳେ ଉଭୟ ବିଜେଡି ଏବଂ ବିଜେପି ମଧ୍ୟ କଡ଼ା ଫାଇଟ୍ ଦେଖିବାକୁ ମିଳୁଛି।

ଅନ୍ୟପଟେ, ନୂଆପଡ଼ା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ 'ଏଆଇ ଫାଇଟ୍' ଯୋଗୁଁ ଅନେକ ଭୋଟ୍‌ର ଦ୍ୱନ୍ଦ୍ୱରେ ପଡ଼ିବା ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ନିର୍ବାଚନମଣ୍ଡଳୀରେ ପ୍ରାୟ ୪୦ ପ୍ରତିଶତ ଆଦିବାସୀ ଭୋଟର୍ ରହିଛନ୍ତି। ସାଧାରଣତଃ ଏମାନେ ସରଳ ବିଶ୍ୱାସୀ। ତେଣୁ ଏଆଇ ଭିଡିଓଗୁଡ଼ିକର ସତ୍ୟାସତ୍ୟ ଯାଞ୍ଚ କରିବା ଏମାନଙ୍କ ପକ୍ଷେ ସମ୍ଭବ ନୁହେଁ। ଅନେକେ ଏଆଇ ଭିଡିଓକୁ ସତ ବୋଲି ମଧ୍ୟ ବିଚାର କରିନେଉଛନ୍ତି। ଫଳରେ ଏଆଇ ଭିଡିଓ ଓ ଫଟୋର ପ୍ରଭାବ

- **ଆରୋପ ପ୍ରତ୍ୟାରୋପରେ ଏଆଇ ଭିଡିଓ, ଦ୍ୱନ୍ଦ୍ୱରେ ଭୋଟର୍**
- **ସମ୍ବେଦନଶୀଳ ଭିଡିଓକୁ ନେଇ ସିଇଓଙ୍କ କାର୍ଯ୍ୟାନୁଷ୍ଠାନ ଚେତାବନୀ**

ଭୋଟର୍‌ଙ୍କ ଉପରେ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

ନିର୍ବାଚନ କମିସନଙ୍କ ଗାଇଡ୍‌ଲାଇନ୍ ଅନୁସାରେ, କୌଣସି ରାଜନୈତିକ ଦଳ ସେମାନଙ୍କ ପ୍ରଚାର ପାଇଁ କୌଣସି ଭିଡିଓ ଜାରି କରିବା ପୂର୍ବରୁ ଏହାର ଅନୁମତି ନେବା ବାଧ୍ୟତାମୂଳକ। ହେଲେ ଏଆଇ ଭିଡିଓ କ୍ଷେତ୍ରରେ ଏହା କେତେ କାର୍ଯ୍ୟକାରୀ ହେଉଛି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦିଓ ଏଆଇ ଭିଡିଓଗୁଡ଼ିକ ପୋଷ୍ଟ କରୁଥିବା ରାଜନୈତିକ ଦଳଗୁଡ଼ିକ ଏଥିରେ ନିଜନିଜ ଦଳର ୱାଟର୍‌ମାର୍କ ରଖିବାର ନିୟମ ରହିଛି, ହେଲେ ଏହା ମଧ୍ୟ ପାଳନ ହେଉନଥିବା ଦେଖିବାକୁ ମିଳିଛି। ବିଶେଷକରି ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ନିଜନିଜ ଦଳୀୟ ସୋସିଆଲ ମିଡିଆ ଆକାଉଣ୍ଟ ପରିବର୍ତ୍ତେ ପ୍ରଚ୍ଛଦପଟରେ ରହୁଥିବା ଆଇଟି ସେଲ୍, ବିଭିନ୍ନ ଫ୍ୟାନ୍ ପେଜ୍ ଓ ଅନ୍ୟ ଆକାଉଣ୍ଟଗୁଡ଼ିକରେ ପୋଷ୍ଟ କରୁଛନ୍ତି। ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ମଧ୍ୟ ଆଶଙ୍କା ରହୁଛି। ତେବେ ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଥିବା ବେଳେ ଏଭଳି କୌଣସି ଭିଡିଓ ପ୍ରସାରିତ ହେଉଥିଲେ ତୁରନ୍ତ ତାଙ୍କ ଦୃଷ୍ଟିକୁ ଆଣିବାକୁ କହିଛନ୍ତି। ଏଭଳି ଭିଡିଓ ପ୍ରସାରଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉ କି, ନୂଆପଡ଼ା ଉପନିର୍ବାଚନ ପାଇଁ ୧୧ ତାରିଖରେ ମତଦାନ ହେବାକୁ ଥିବା ବେଳେ ୯ ତାରିଖରେ ପ୍ରଚାର ଶେଷ ହେଉଛି।

**ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଙ୍କ ମଧ୍ୟରେ ସମନ୍ୱୟ ନାହିଁ**

# ଗୋଟିଏ ଦିନରେ ଦୁଇଟି ନିଯୁକ୍ତି ପରୀକ୍ଷା

ଭୁବନେଶ୍ୱର, ୮।୧୧(ସମିସ): ରାଜ୍ୟରେ ନିୟମିତ ଭାବେ ନିଯୁକ୍ତି ପରୀକ୍ଷା ହେଉନାହିଁ। ଫଳରେ ଯେତିକି ପରୀକ୍ଷା ହେଉଛି, ଆଶାୟୀମାନେ ତାକୁ ଚାତକ ପରି ଚାହିଁ ରହୁଛନ୍ତି। ହେଲେ ଗୋଟିଏ ଦିନରେ ଏକାଧିକ ପରୀକ୍ଷା ହେଉଥିବାରୁ ୧୨ ବର୍ଷର ତପସ୍ୟା ଶୁଖୁଆ ପୋଡ଼ାରେ ଯିବା ପରି ସେମାନଙ୍କ ବର୍ଷବର୍ଷର ପରିଶ୍ରମ ପାଣିରେ ମିଳେଇ ଯାଉଛି। ପରୀକ୍ଷା ଦେବାରୁ ଛାତ୍ରଛାତ୍ରୀମାନେ ବଞ୍ଚିତ ହେଉଛନ୍ତି। ଆସନ୍ତାକାଲି (ରବିବାର) ଦିନ ଏଜି ଏଏସ୍‌ଓ ଏବଂ ଆର୍‌ଆଇ ଅମିନ ପରୀକ୍ଷା ଥିବାରୁ ବହୁ ଛାତ୍ରଛାତ୍ରୀ ଗୋଟିଏ ପରୀକ୍ଷାରୁ ବାଦ୍ ପଡ଼ିବା ନିଶ୍ଚିତ ହୋଇଛି।

**ଅସନ୍ତୋଷ ବ୍ୟକ୍ତ କଲେ ଆଶାୟୀ**

ରବିବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପରିଚାଳିତ ଏଜି ଏଏସ୍‌ଓ ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପରିଚାଳିତ ଆର୍‌ଆଇ, ଅମିନ, ଏଆର୍‌ଆଇ ଓ ଆଇସିଡିଏସ୍ ସୁପରଭାଇଜର୍ ପଦ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ। ଗୋଟିଏ ଦିନରେ ଏହି ଦୁଇଟି ପରୀକ୍ଷା ଥିବାରୁ ବହୁ ମେଧାବୀ ଆଶାୟୀ କେବଳ ଗୋଟିଏ ପରୀକ୍ଷା ଦେଇପାରିବେ। ପରୀକ୍ଷା ପରିଚାଳନା କରୁଥିବା ଆୟୋଗଗୁଡ଼ିକ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଏପରି ସ୍ଥିତି ବାରମ୍ବାର ହେଉଛି। ଏଥିପାଇଁ ଦୀର୍ଘ ବର୍ଷ ଧରି ପାଠପଢ଼ା ଜାରି ରଖିଥିବା ଆଶାୟୀମାନେ ନିରାଶ ହେବା ସହ ସରକାରଙ୍କୁ ଦାୟୀ କରିଛନ୍ତି। ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ସରକାର ବିଫଳ ହେଉଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି।

ଜଣେ ନିଯୁକ୍ତି ଆଶାୟୀ ସୁନୀଲ କୁମାର ମିଶ୍ର କହିଛନ୍ତି ଯେ ରାଜ୍ୟରେ ବର୍ଷେ ହେଲା କୌଣସି ନୂତନ ନିଯୁକ୍ତି ବାହାରି ନାହିଁ। ଦେଢ଼ବର୍ଷ ହେଲା ନିୟମିତ ଭାବେ ପରୀକ୍ଷା ହେଉନାହିଁ। ଯାହା କିଛି ବି ପରୀକ୍ଷା ହେଉଛି, ତହିଁରେ ବ୍ୟାପକ ବିଭ୍ରାଟ ଓ ଚାକିରି ବିକ୍ରି ଘଟଣା ପଦାକୁ ଆସୁଛି। ଏତେ ସବୁ ପରେ ଯଦି ଗୋଟିଏ ଦିନରେ ଏକାଧିକ ପରୀକ୍ଷା ହେବ, ଆଶାୟୀମାନେ କିପରି ଧୈର୍ଯ୍ୟ ରଖିବେ ବୋଲି ପ୍ରଶ୍ନ କରିଛନ୍ତି। ଦିନକୁ ଦିନ ଆଶାୟୀଙ୍କ ମନୋବଳ ଭାଙ୍ଗି ଯାଉଥିବାରୁ ନିଯୁକ୍ତି ପରୀକ୍ଷାକୁ ବ୍ୟବସ୍ଥିତ କରିବା ସହ ନୂତନ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ସେ ଦାବି କରିଛନ୍ତି।

# ଦେଢ଼ କୋଟି ଟଙ୍କାର ଗଞ୍ଜେଇ ସହ କାର୍ ଜବତ




ସୁନାବେଡ଼ା, ୮।୧୧(ସମିସ): ସୁନାବେଡ଼ା ପୁଲିସ ଦେଢ଼କୋଟି ଟଙ୍କାର ଗଞ୍ଜେଇ ଜବତ କରିଛି। କିଛି ବ୍ୟକ୍ତି ବେଆଇନ ଭାବେ ଗଞ୍ଜେଇ ନେଇ ମାଛକୁଣ୍ଡରୁ ସୁନାବେଡ଼ା ଅଭିମୁଖେ ଆସୁଥିବା ସମ୍ପର୍କରେ ସୁନାବେଡ଼ା ପୁଲିସକୁ ସୂଚନା ମିଳିଥିଲା। ସୂଚନା ପାଇ ଶୁକ୍ରବାର ସକାଳ ପ୍ରାୟ ୧୧ଟାରେ ସୁନାବେଡ଼ା ଥାନା ଇନ୍ସପେକ୍ଟର୍ ଚରଣ ସିଂହ ମାଝୀଙ୍କ ନେତୃତ୍ୱରେ ଏକ ପୁଲିସ ଦଳ ସାନ ବୋଡିଙ୍ଗା ନିକଟରେ ଦିନବେଳା ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସୁନାବେଡ଼ା ଅଭିମୁଖେ ଆସୁଥିବା ଏକ କାର୍(ଓ ଆର-୦୨-ଏଏଲ -୦୮୦୧)କୁ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୨୮୩ କିଲୋଗ୍ରାମ ଚୋରା ଗଞ୍ଜେଇ ଚିହ୍ନଟ କରିଥିଲେ। ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଜବତ ହୋଇଥିବା ଗଞ୍ଜେଇର ଓଜନ କରିବାରେ ସେଥିରେ ୨୮୩ କିଲୋଗ୍ରାମ ଚୋରା ଗଞ୍ଜେଇ ଥିବା ଓ ଏହାର ମୂଲ୍ୟ ପ୍ରାୟ ୧,୪୧,୫୦,୦୦୦ ଟଙ୍କା ତଥା ପ୍ରାୟ ଦେଢ଼କୋଟି ଟଙ୍କା ହେବ ବୋଲି ଜଣାପଡ଼ିଥିଲା। ଗଞ୍ଜେଇ ସହ ଏକ କାର୍(ଓ ଆର-୦୨- ଏଏଲ -୦୮୦୧)କୁ ଜବତ କରାଯାଇଥିବା ପୁଲିସ ଶନିବାର ସୂଚନା ଦେଇଛି। ତେବେ ଚଢ଼ଉ ବେଳେ ଚାଲାଣକାରୀ ଗାଡ଼ି ଛାଡ଼ି ଫେରାର୍ ହୋଇଯାଇଥିବା ପୁଲିସ କହିଛି। ଚୋରା ଗଞ୍ଜେଇର ଉତ୍ପତ୍ତି ଖୋଜିବା ଏବଂ ଅବୈଧ ଗଞ୍ଜେଇ ବ୍ୟବସାୟରେ ଜଡ଼ିତ ନେଟ୍‌ୱର୍କକୁ ଠାବ କରିବା ପାଇଁ ତଦନ୍ତ ଚାଲିଛି ବୋଲି ସୁନାବେଡ଼ା ପୁଲିସ ପକ୍ଷରୁ ପ୍ରେସ ବିବୃତିରେ କୁହାଯାଇଛି।

# ଆଇଏଫ୍‌ଏଫ୍‌ଆଇରେ ପ୍ରଦର୍ଶିତ ହେବ ଓଡ଼ିଆ ସିନେମା 'ବିନ୍ଦୁସାଗର'

ଭୁବନେଶ୍ୱର, ୮।୧୧(ସମିସ): ଗୋଆରେ ଆୟୋଜିତ ହେବାକୁ ଥିବା ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ (ଆଇଏଫ୍‌ଏଫ୍‌ଆଇ)ର ୫୬ତମ ସଂସ୍କରଣରେ ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର' ପ୍ରଦର୍ଶିତ ହେବ। ଏହି ଚଳଚ୍ଚିତ୍ରଟି ଆଇଏଫ୍‌ଏଫ୍‌ଆଇ-୨୦୨୫ର ଗାଲା ପ୍ରେଜେଣ୍ଟେସନ୍ ବିଭାଗରେ ପ୍ରଦର୍ଶିତ ହେବ। ଅଭିଷେକ ଦାସଙ୍କ ଦ୍ୱାରା ଲିଖିତ ଓ ଅଭିଷେକ ସ୍ୱାଇଁଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ଏକ ସରଳ, ସାଙ୍ଗୀତିକ ପ୍ରେମ କାହାଣୀ। ଏକ ସାଧାରଣ ଚଳଚ୍ଚିତ୍ର ନୁହେଁ, ଏହା ଏକ ଭାବନା, ଆମ ମୂଳ ଏବଂ ବିଶ୍ୱ ମଧ୍ୟରେ ଏକ ସେତୁ ବୋଲି ନିର୍ଦ୍ଦେଶକ ଶ୍ରୀ ସ୍ୱାଇଁ କହିଛନ୍ତି। ଚଳଚ୍ଚିତ୍ରରେ ପ୍ରକୃତି ମିଶ୍ର, ଦୀପନ୍ୱିତ ଦାଶମହାପାତ୍ର, ସୋନାଲି ଶର୍ମିଷ୍ଠା, ସତ୍ୟରଞ୍ଜନ, ସୁକାନ୍ତ ରଥ, ରବିନ ଦାସ ଏବଂ ପ୍ରଣବ ରଥଙ୍କ ପରି ବରିଷ୍ଠ କଳାକାରମାନେ ଅଭିନୟ କରିଛନ୍ତି। ପ୍ଲାଟୁନ୍ ୱାନ୍ ଫିଲ୍ମସ୍‌ର ଶିଳାଦିତ୍ୟ ବୋରା, ବାଉଣ୍ଡଲେସ୍ ବ୍ଲାକବକ୍ ଫିଲ୍ମସ୍‌ର ବିନୟ ରେଡ୍ଡୀ ଓ ଶୁଭ ଶେଖର ଭଟ୍ଟାଚାର୍ଯ୍ୟଙ୍କ ସହ ଏମଡିସି ଫିଲ୍ମୱାର୍କସର ନିଖିଳ ଚୌଧୁରୀଙ୍କ ସହଯୋଗରେ ଏହି ଚଳଚ୍ଚିତ୍ରଟି ନିର୍ମାଣ କରାଯାଇଛି। ସେହିପରି, ସିନେମାରେ ପ୍ରକୃତି ମିଶ୍ର, ସୌରଭ ଭରଦ୍ୱାଜ, ଅନ୍ତରା ଚକ୍ରବର୍ତ୍ତୀ, କୁଳଦୀପ ପଟ୍ଟନାୟକ, ହ୍ୟୁମାନ୍ ସାଗର, ଅନନ୍ୟା ଶ୍ରୀତମ ନନ୍ଦ, ଡ. ଅସୀମା ପଣ୍ଡା, ଆଶିଷ ପ୍ରଧାନ ପ୍ରମୁଖ କଣ୍ଠଶିଳ୍ପୀ କଣ୍ଠଦାନ କରିଛନ୍ତି। ଆସନ୍ତା ୨୦୨୬ରେ ପ୍ରେକ୍ଷାଳୟରେ ଏହା ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି।

# କେନ୍ଦ୍ରମନ୍ତ୍ରୀ ରାମଦାସ ଅଠୱାଲେଙ୍କ କିଟ୍ ଓ କିସ୍ ପରିଦର୍ଶନ



ଭୁବନେଶ୍ୱର, ୮।୧୧(ସମିସ): କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ଡ. ରାମଦାସ ଅଠୱାଲେ ଦିନିକିଆ ଓଡ଼ିଶା ଗସ୍ତରେ ଆସି କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। କିଟ୍‌ର ସମସ୍ତ କ୍ୟାମ୍ପସ୍ ଓ କିସ୍‌ର ବିଭିନ୍ନ ବିଭାଗ ବୁଲି ଦେଖିବା ପରେ ସେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଛନ୍ତି। ପାଠ ପଢ଼ି ନିଜ ପରିବାର, ସମାଜ, ରାଜ୍ୟ ତଥା ଦେଶର ପ୍ରଗତିରେ ଯୋଗଦାନ ନିମନ୍ତେ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଅନୁଷ୍ଠାନର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରଶଂସା କରି କହିଲେ ଯେ ଜନଜାତିଙ୍କ ବିକାଶ କ୍ଷେତ୍ରରେ ସେ ଅଭୂତପୂର୍ବ କାର୍ଯ୍ୟ କରୁଥିବା ମୋର ହୃଦୟଙ୍ଗମ ହେଉଛି। କାର୍ଯ୍ୟକ୍ରମରେ ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର୍ ଜ୍ଞାନରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ ଉଭୟ ଅନୁଷ୍ଠାନର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

# ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ




ଭୁବନେଶ୍ୱର,୮।୧୧(ସମିସ):ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମାଇଁ ଭାରତ ଓ ଗୃହ ମନ୍ତ୍ରଣାଳୟର ମିଳିତ ପ୍ରୟାସରେ ଆୟୋଜିତ ୧୭ତମ ଆଦିବାସୀ ଯୁବ ବିନିମୟ କାର୍ଯ୍ୟକ୍ରମ ଅବସରରେ ଯୋଗଦେଇଥିବା ଯୁବ ପ୍ରତିନିଧିମାନେ ଲିଙ୍ଗରାଜ ମନ୍ଦିର, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ୱାର୍ଲ୍ଡ ସ୍କିଲ୍ ସେଣ୍ଟର, ରାଜଭବନ ଏବଂ ସି.ଆର୍.ପି.ଏଫ୍ ଗ୍ରୁପ୍ ସେଣ୍ଟର ଆଦି ସ୍ଥାନ ପରିଦର୍ଶନ କରିଛନ୍ତି। କାର୍ଯ୍ୟକ୍ରମରେ ୫ଟି ରାଜ୍ୟର ୨୦୦ ଯୁବକ ଯୁବତୀ ଅଂଶ ଗ୍ରହଣ କରିଛନ୍ତି। ମାଇଁ ଭାରତର ଅଧିକାରୀ ନିଖିଳ କୋକୁଲା, ରମେଶ ଭୁଲିଆ, ପ୍ରସନ୍ନ ମେହେର, ଶୁଭେନ୍ଦ୍ର ନାଥ ସାହୁ ଏବଂ କୁଳମଣି ମଲ୍ଲିକଙ୍କ ନେତୃତ୍ୱରେ ଯୁବ ପ୍ରତିନିଧିମାନେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି, ସିଆର୍‌ପିଏଫ୍‌ର ଡିଆଇଜି. ଭାରତ ଭୂଷଣ ସେଠୀ, ଡେପୁଟି କମାଣ୍ଡାଣ୍ଟ ନରେଶ କୁମାର ପ୍ରମୁଖ ବରିଷ୍ଠ ଅଧିକାରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ।

# ବାଲିହରଚଣ୍ଡୀ ସମୁଦ୍ର କୂଳରୁ ଯୁବକଙ୍କ ମୃତଦେହ ଉଦ୍ଧାର



ବ୍ରହ୍ମଗିରି,୮।୧୧(ସମିସ): ଗତ ୫ତାରିଖରେ ପୁରୀ ସମୁଦ୍ରରେ ସ୍ନାନ ବେଳେ ଜଣେ ବଙ୍ଗୀୟ ପର୍ଯ୍ୟଟକ ନିଖୋଜ ହୋଇଯାଇଥିଲେ। ଏହାର ଦୁଇ ଦିନ ପରେ ଶନିବାର ପୁରୀ ସଦର ଥାନା ଅଧୀନ ବ୍ରହ୍ମଗିରିସ୍ଥିତ ବାଲିହରଚଣ୍ଡୀ ନିକଟ ସମୁଦ୍ର କୂଳରୁ ଉକ୍ତ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସୂଚନାନୁଯାୟୀ, ଗତ ୫ ତାରିଖରେ କୋଲକାତାର କିଛି ପର୍ଯ୍ୟଟକ ପୁରୀ ବୁଲିବା ପାଇଁ ଆସିଥିଲେ। ତିନି ଦିନ ତଳେ ସେମାନେ ପୁରୀ କାମେଲିଆ ହୋଟେଲ ନିକଟ ସମୁଦ୍ରରେ ସ୍ନାନ କରୁଥିଲେ। ସେହି ସମୟରେ ସେମାନଙ୍କ ମଧ୍ୟରୁ ଦେବଦତ୍ତ ଦତ୍ତ ନାମକ ଜଣେ ଯୁବକ ସମୁଦ୍ରରେ ଭାସିଯାଇଥିଲେ। ଶନିବାର ସକାଳୁ ଭାସିଯାଇଥିବା ବଙ୍ଗୀୟ ପର୍ଯ୍ୟଟକଙ୍କ ମୃତଦେହ ବ୍ରହ୍ମଗିରି ବାଲିହରଚଣ୍ଡୀ ନିକଟ ସମୁଦ୍ର କୂଳରୁ ଠାବ କରାଯାଇଛି। ସ୍ଥାନୀୟ ଲୋକମାନେ ଏହା ଦେଖି ପୁରୀ ସଦର ଥାନାକୁ ଖବର ଦେଇଥିଲେ। ପୁଲିସ ଆସି ମୃତଦେହ ଜବତ କରିବା ସହିତ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ପରିବାର ଲୋକେ ଆସି ମୃତଦେହ ଚିହ୍ନଟ କରିବା ପରେ ପୁଲିସ ତାଙ୍କୁ ଶବ ହସ୍ତାନ୍ତର କରିଛି।

# କାର୍ ଧକ୍କାରେ ୨ କଲେଜ ଛାତ୍ରୀ ମୃତ

ଆନନ୍ଦପୁର, ୮।୧୧ (ସମିସ): ଘସିପୁରା ଥାନା ଅନ୍ତର୍ଗତ ବାରିଗାଁ ନିକଟରେ କାର୍ ଧକ୍କାରେ ୨ କଲେଜ ଛାତ୍ରୀଙ୍କ ମୃତ୍ୟୁ ହୋଇଯାଇଛି। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇ ରାସ୍ତା ଅବରୋଧ କରାଯାଇଛି। ମୃତ ଦୁଇ ଛାତ୍ରୀ ହେଲେ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର +୩ ଦ୍ୱିତୀୟ ବର୍ଷର ଛାତ୍ରୀ ଅନ୍ନପୂର୍ଣ୍ଣା ପାତ୍ର ଓ +୩ ତୃତୀୟ ବର୍ଷର ଦୀପାଞ୍ଜଳି ସାହୁ। ଅନ୍ନପୂର୍ଣ୍ଣାଙ୍କ ଘର ସିଆପଡାରେ ହୋଇଥିବାବେଳେ ଦୀପାଞ୍ଜଳିଙ୍କ

- **ବାରିଗାଁରେ ୫ ଘଣ୍ଟା ରାସ୍ତା ଅବରୋଧ**
- **କାର୍ ପାଣିକୋଇଲି ଥାନାଞ୍ଚଳରୁ ଜବତ**

ଘର ବେଲବାହାଳି ଗାଁରେ। ଉଭୟେ ଶନିବାର କ୍ଲାସ୍ ସାରିବା ପରେ ସାଇକଲ ଯୋଗେ ଘରକୁ ଫେରୁଥିଲେ। ୨୦ ନଂ ଜାତୀୟ ରାଜପଥର ବାରିଗାଁ ନିକଟରେ ଅପରାହ୍ଣ ୧ଟା ୧୫ ମିନିଟ୍ ସମୟରେ ଏକ କାର ଉଭୟଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଦୁର୍ଘଟଣା ପରେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ଉଭୟଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିବା ପରେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ଏହାର ପ୍ରତିବାଦରେ ଅଞ୍ଚଳବାସୀ ରାସ୍ତା ଅବରୋଧ କରିବା ଯୋଗୁଁ ରାସ୍ତାରେ ଶହ





ଶହ ଯାନବାହନ ଅଟକି ରହିଛି। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାସହ ଦୁର୍ଘଟଣା ଘଟାଇଥିବା ଗାଡ଼ି ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ପାଣିକୋଇଲି ଥାନା ପୁଲିସ ପକ୍ଷରୁ ଦୁର୍ଘଟଣା ଘଟାଇଥିବା କାର୍‌ଟିକୁ (ଓଡି୩୩ଏ୦୮୨୩୨)କୁ ଠାବ କରି ଅଟକ ରଖିଥିବା ଜଣାପଡ଼ିଛି। ଏପଟେ ସନ୍ଧ୍ୟା ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିଥିବା ବେଳେ ଆନ୍ଦୋଳନକାରୀମାନେ ବିଭିନ୍ନ ଦାବି ପୂରଣ ପର୍ଯ୍ୟନ୍ତ ଜିଦ୍‌ରେ ଅଟଳ ରହିଥିବା ଜଣାପଡ଼ିଛି। ପ୍ରାୟ ସାଢ଼େ ୬ଟା ସମୟରେ ଏହି ରାସ୍ତାରୋକ ହଟି ଯାଇଥିବା ବେଳେ ଦୁଇ ମୃତ ଛାତ୍ରୀଙ୍କ ପରିବାରକୁ ପ୍ରଶାସନର ସହାୟତା ଏବଂ ଗାଡ଼ି ଚାଳକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ଗାଡ଼ି ମାଲିକ ପକ୍ଷରୁ ଅନୁକମ୍ପା ରାଶି ପ୍ରଦାନ ନେଇ ଆନ୍ଦୋଳନସ୍ଥଳରେ ପ୍ରତିଶ୍ରୁତି ଦିଆଯାଇଛି। ଫଳରେ ଏହି ରାସ୍ତାରୋକ ପ୍ରାୟ ୫ ଘଣ୍ଟା ପରେ ହଟି ଯାଇଥିବା ଆନନ୍ଦପୁର ତହସିଲଦାର ପଲ୍ଲବୀ ପ୍ରିୟଦର୍ଶିନୀଙ୍କଠାରୁ ସୂଚନା ମିଳିଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।



# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁଁ ମହିଳାଙ୍କ ମୃତ୍ୟୁ

କୁଆଖିଆ, ୮।୧୧ (ସମିସ): ଯାଜପୁର ଜିଲ୍ଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅସ୍ତ୍ରୋପଚାର ପାଇଁ ଆସିଥିବା ଜନୈକ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ଏହାକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ଦେଖାଦେବା ସହିତ ଶବ ରଖି ଆନ୍ଦୋଳନକୁ ଓହ୍ଲାଇଥିଲେ ପରିବାର ଲୋକେ। ରସୁଲପୁର ବ୍ଲକ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପରିବାର ନିୟୋଜନ ଅସ୍ତ୍ରୋପଚାର କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀବନ୍ତପୁର ପଞ୍ଚାୟତ କାଣ୍ଡସରା ଗ୍ରାମର ଅଶ୍ୱିନୀ ମଳିକଙ୍କ ସ୍ତ୍ରୀ ପ୍ରତିମା ମଳିକଙ୍କର ଅସ୍ତ୍ରୋପଚାର ହୋଇଥିଲା। ଅଭିଯୋଗ ଅନୁଯାୟୀ ଏହି ଅସ୍ତ୍ରୋପଚାର ଘଟଗାଁ ସିଏଚ୍‌ସିର ଡାକ୍ତର ମୁକ୍ତିକାନ୍ତ ନାୟକ କରୁଥିବା ବେଳେ ପ୍ରତିମା ବେହୋସ ହୋଇଯାଇଥିଲେ। ଏହା ଦେଖି ସିଂହାପୁର ପିଏଚ୍‌ସିର ଡାକ୍ତର ଜ୍ୟୋତିପ୍ରକାଶ ପଣ୍ଡା ରୋଗୀର ଅବସ୍ଥା ସଙ୍କଟାପନ୍ନ ଥିବା ଜାଣି ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ମହିଳା ଜଣଙ୍କ କଟକରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରତିମାଙ୍କ ମୃତ୍ୟୁ ହେବା ପରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁଁ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ମୃତକଙ୍କ ପରିବାର ଲୋକେ ଅପରାହ୍ନରେ ମଧୁବନ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଆନ୍ଦୋଳନ କରିଥିଲେ। ମହିଳାଙ୍କ ଶବ ରଖି ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ କ୍ଷତିପୂରଣ ଦାବି କରିଥିଲେ। ଖବର ପାଇ ସିଡିଏମ୍‌ଓଙ୍କ ପ୍ରତିନିଧି ଏଡିଏମ୍ ଗୋପାଳ ଚନ୍ଦ୍ର ମଲ୍ଲିକ, ରସୁଲପୁର ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ, ବ୍ଲକ ଅତିରିକ୍ତ ବିଡିଓ ସାରଦା ପ୍ରସାଦ ମହାନ୍ତି, କୁଆଖିଆ ଥାନା ଅଧିକାରିଣୀ ଚିନ୍ମୟୀ ସାହୁ, ଏସ୍‌ଆଇ ଜ୍ୟୋତିରଞ୍ଜନ ମହାପାତ୍ର, ଏସ୍‌ଆଇ ମନୋଜ କୁମାର ପରିଡ଼ା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି



## ପ୍ରତିବାଦରେ ଆନ୍ଦୋଳନ

ଆନ୍ଦୋଳନରତ ଲୋକମାନଙ୍କୁ ବୁଝାଇ ଥିଲେ। ମୃତକଙ୍କ ପରିବାରକୁ ୭ ଦିନ ମଧ୍ୟରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ, ଶବ ସଂସ୍କାର ପାଇଁ ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ନଗଦ ୨୦ ହଜାର ଟଙ୍କା ରାଶି ପ୍ରଦାନ କରିବା ସାଙ୍ଗକୁ ମୃତକଙ୍କ ଦୁଇ ନାବାଳକ ପିଲାଙ୍କୁ ଅନୁଷଙ୍ଗିକ ସରକାରୀ ସହଯୋଗ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମୃତ ମହିଳାଙ୍କର ଗୋଟିଏ ୩ ବର୍ଷର ପୁଅ ଓ ବର୍ଷକର ଝିଅ ଥିବା ଜଣାପଡ଼ିଛି।

## ଅଗ୍ନିକାଣ୍ଡରେ ଦୁଇବଖରା ଜଳିଗଲା

ପାଣିକୋଇଲି, ୮।୧୧(ସମିସ): ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ପାଣିକୋଇଲି ଗ୍ରାମରେ (ନମଟିକିରି ଛକ ପାଖ) ସାନାତନ ଜେନାଙ୍କ ଘରେ ଶୁକ୍ରବାର ରାତ୍ରୀରେ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ଗୁହାଳ ସମେତ ଦୁଇବଖରା ଘର ଓ ଆସବାସପତ୍ର ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଛି। ପ୍ରକାଶଯେ ସନାତନ ଜେନାଙ୍କ ଗୁହାଳ ଘରୁ ପ୍ରଥମେ ନିଆଁ ଲାଗିଥିଲା। ବିଦ୍ୟୁତ ସର୍ଟସର୍କିଟ ବା ମଶା ପାଇଁ ଗୋରୁଙ୍କୁ ଦିଆଯାଇଥିବା ଧୂଆଁରୁ ନିଆଁ ଲାଗିଥିଲା ତାହା ସ୍ପଷ୍ଟ ହୋଇନାହିଁ। ଗୁହାଳରେ ନିଆଁ ଲଗିବା ପରେ ତାହା ଅନ୍ୟ ଘରକୁ ବ୍ୟାପିଥିଲା। ଫଳରେ ଘରେ ଥିବା ଚାଉଳ ସମେତ ବିଭିନ୍ନ ଆସବାସପତ୍ର ପୋଡି ଯାଇଥିଲା। ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ୍ତ କରିନପାରିବାରୁ ଦମକଳକୁ ଖବର ଦେଇଥିଲେ। ଯାଜପୁରରୋଡ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବିପନ୍ନ ସନାତନ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ସାପକାମୁଡ଼ାରେ ଜଣେ ଗୁରୁତର

ପାଣିକୋଇଲି, ୮।୧୧(ସମିସ): ପାଣିକୋଇଲିସ୍ଥିତ ପାଉଁରୁଟି କାରଖାନାରେ ଏକ ସାପ ପଶିଯିବା ସହ ମାଲିକଙ୍କୁ କାମୁଡ଼ି ଦେବାରୁ ସେ ଆହତ ହୋଇଛନ୍ତି। ପ୍ରକାଶଯେ ପାଣିକୋଇଲି ଆଙ୍କୁଲା ରାସ୍ତାରେ (ଗଣେଶ ମାର୍କେଟ)ରେ ବାବୁ ଖାଁ ଏକ ପାଉଁରୁଟି କାରଖାନା କରିଛନ୍ତି। ଆଜି ମଧ୍ୟାହ୍ନରେ ଏକ ନାଗ ସାପ ରୁଟି କାରଖାନାରେ ପଶିଥିଲା। ସାପଟି କାରଖାନା ମାଲିକ ଭଦ୍ରକ ଅଞ୍ଚଳର ବାବୁ ଖାଁଙ୍କ ହାତକୁ କାମୁଡ଼ି ଦେଇଥିଲା। ଫଳରେ ସେ ଆହତ ହୋଇଥିଲେ। ଯାଜପୁରରୋଡରୁ ସାପ ଧରାଳିଙ୍କ ସହାୟତା ନେବା ପରେ ସେ ଆସି ନାଗ ସାପଟିକୁ ଉଦ୍ଧାର କରିଥିଲେ। ଅପରପକ୍ଷେ ବାବୁଙ୍କୁ ଚିକିତ୍ସା ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଦୁର୍ଘଟଣାରେ ୟୁଟ୍ୟୁବର୍ ପ୍ରକାଶ ଗୁରୁତର



ସୁକିନ୍ଦା, ୮।୧୧(ସମିସ): ୫୩ ନଂ. ଜାତୀୟ ରାଜପଥ ସୁକିନ୍ଦା ଡୁବୁରୀ ରାସ୍ତାର ରଙ୍ଗିରାଙ୍ଗର ନିକଟରେ ଏକ ଟ୍ରକ୍ ଦୁର୍ଘଟଣାରେ ୟୁଟ୍ୟୁବର୍ ପ୍ରକାଶ ଚନ୍ଦ୍ର ପାତ୍ର ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ସୂଚନା ମୁତାବକ ଦାନଗଦି ବ୍ଲକ ଅନ୍ତର୍ଗତ ନୂଆଗାଁ ବାସିନ୍ଦା ଧରଣୀଧର ପାତ୍ରଙ୍କ ପୁଅ ପ୍ରକାଶ ୟ୍ୟୁଟୁବର୍ 'ଓଡ଼ିଆ ବାଇକର୍' ନାମରେ ପରିଚିତ। ଗତ ଶୁକ୍ରବାର ରାତିରେ ବାଇକ୍‌ରେ ସୁକିନ୍ଦାରୁ ଫେରୁଥିବା ସମୟରେ ରଙ୍ଗିଟାଙ୍ଗର ବାଟମଙ୍ଗଳା ମନ୍ଦିର ସମ୍ମୁଖ ରାଜପଥରେ ଏକ ଟ୍ରକ୍ ତାଙ୍କୁ ଦୁର୍ଘଟଣା ଘଟାଇଥିଲା। ସଂପୃକ୍ତ ଟ୍ରକ୍ ବାଇକକୁ କିଛିବାଟ ରାଜପଥରେ ଘୋଷାଡ଼ି ନେଇଥିଲା। ଏହି ଦୁର୍ଘଟଣାରେ ପ୍ରକାଶଙ୍କ ମୁଣ୍ଡ ଓ ଦେହରେ ଗଭୀର ଆଘାତ ଲାଗି ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଗୁରୁତର ପ୍ରକାଶକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରକାଶଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ପୁଲିସ ସୂଚନା ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରିବା ସହ ଚାଳକକୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।

● ଲାଲବାଗ ଲକ୍ଷ୍ମୀନାରାୟଣ ପୂଜା

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା



ମଙ୍ଗଳପୁର/କୟାଁଗୋଲା, ୮।୧୧(ସମିସ): ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତ ଲାଲବାଗ ଛକରେ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ଲକ୍ଷ୍ମୀନାରାୟଣ ପୂଜା ଚଳିତ ବର୍ଷ ୪୫ ବର୍ଷରେ ପଦାର୍ପଣ କରିଥିବା ବେଳେ ୭ ଦିନ ଧରି ଏହି ପୂଜା ଅନୁଷ୍ଠିତ ହୋଇଥିଲା। ପୂଜାର ଶେଷ ଦିନରେ ଲକ୍ଷ୍ମୀନାରାୟଣ ପୂଜା କମିଟି ପକ୍ଷରୁ ଏକ ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଯୁବନେତା ବିରଜା ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଦଶରଥପୁର ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ସମ୍ମାନିତ ଅତିଥି ଭାବେ କମାରଡ଼ିହି ପାକ୍ସ ସଭାପତି ଭାଗୀରଥି ସାହୁ, ୭ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ନିନାରାଣୀ ସାମଲ, ୬ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଖାନନଗର ପଞ୍ଚାୟତ ସରପଞ୍ଚ ଶୁଭଶ୍ରୀ ମଲ୍ଲିକ, ସମିତିସଭ୍ୟା ଜୋସ୍ନାରାଣୀ ଦାସ, ସମାଜସେବୀ ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବୀ ଅମୂଲ୍ୟ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଖାନନଗର ପଞ୍ଚାୟତର ପୂର୍ବତନ ସରପଞ୍ଚ ରଞ୍ଜିତ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକ, ସାମ୍ବାଦିକ ପ୍ରତ୍ୟୁଷ ନାୟକ, ଚନ୍ଦ୍ରଶେଖର ସାହୁ, ବିଶ୍ୱଭୂଷଣ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିବା ବେଳେ ସମାଜସେବା କ୍ଷେତ୍ରରେ ଦେବବ୍ରତ ନାୟକଙ୍କ ସହ ବହୁ ବରିଷ୍ଠ ନାଗରିକମାନଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ଭସାଣି ଉତ୍ସବ ୧୧ ତାରିଖରେ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମ ପରିଚାଳନରେ କମିଟିର ସମସ୍ତ ସଭ୍ୟମାନେ ସହଯୋଗ କରିଥିଲେ।

## ନରସିଂହ ଚୌଧୁରୀ ସ୍ମୃତି ସଂସଦ ତରଫରୁ ପ୍ରତିମୂର୍ତ୍ତି ସ୍ଥାପନ

ଯାଜପୁର, ୮।୧୧(ସମିସ): ଯାଜପୁରର ସର୍ବପୁରାତନ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠାତା ନରସିଂହ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ମହାବିଦ୍ୟାଳୟ ପରିସରରେ ପ୍ରତିଷ୍ଠା ନିମନ୍ତେ ଏକ ବୈଠକ ପୂର୍ବତନ ଲୋକସଭା ସାଂସଦ ଅଞ୍ଚଳ ଦାସଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନରସିଂହ ଚୌଧୁରୀଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିର ଭିତ୍ତିପ୍ରସ୍ତର ଶିକ୍ଷାନୁଷ୍ଠାନର ପ୍ରବେଶଦ୍ୱାର ସମ୍ମୁଖରେ ପ୍ରତିଷ୍ଠା କରାଯିବା ପାଇଁ ଆସନ୍ତା ନଭେମ୍ବର ୧୨ ତାରିଖ ସକାଳ ୯ ଘଟିକା ଏବଂ ନଭେମ୍ବର ୧୪ ତାରିଖରେ ପେଡେଷ୍ଟାଲ କଂକ୍ରିଟ୍ ହେବା ନିମନ୍ତେ ସମୟ ଧାର୍ଯ୍ୟ କରାଯାଇଛି। ଏହି ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ମହାବିଦ୍ୟାଳୟର ଅଧ୍ୟକ୍ଷ ସ୍ଥାନ ଏବଂ ଅନୁମତି ପ୍ରଦାନ କରିଥିବାରୁ ସଂସଦ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକୁ ଶୃଙ୍ଖଳିତ ଭାବରେ ପରିଚାଳନା ନିମନ୍ତେ ବିଭିନ୍ନ ସବ୍‌କମିଟି ଯଥା - ପରାମର୍ଶଦାତା କମିଟି, ଆର୍ôଥକ ଅନୁଦାନ ସଂଗ୍ରହ କମିଟି, ସୂଚନା ଓ ଯୋଗାଯୋଗ କମିଟି, ସ୍ମରଣିକା କମିଟି, ତଦାରଖ କମିଟି, କାର୍ଯ୍ୟ ପରିଚାଳନା କମିଟି, ଆୟବ୍ୟୟ ହିସାବ କମିଟି ଏବଂ ସାଂସ୍କୃତିକ କମିଟି ଗଠନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଏହି ବୈଠକରେ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରବୋଧ କୁମାର ନାୟକ, ଆଡ୍‌ଭୋକେଟ ମହେଶ୍ୱର ମହାରଣା, ନାରାୟଣ ଚୌଧୁରୀ, ପ୍ରାଧ୍ୟାପକ ଦାମୋଦର ବେହେରା, ପ୍ରାକ୍ତନ ପୁଲିସ୍ ପ୍ରଶାସନ, ଗଦାଧର ରାଉତ, ସମାଜସେବୀ ପଦ୍ମାକର




ଗୁରୁ, ସାମ୍ବାଦିକ ହରିହର ସ୍ୱାଇଁ, ସାମ୍ବାଦିକ ତପନ କୁମାର ମହାରଣ୍ୟ, ସାମ୍ବାଦିକ ପ୍ରଦୀପ କୁମାର ବେହୁରିଆ, ସୁବାସ ଚନ୍ଦ୍ର ତ୍ରିପାଠୀ, ରବି ପ୍ରସାଦ ସାମଲ, ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର, ନିତ୍ୟାନନ୍ଦ ମିଶ୍ର, ସୁବାସ ଚନ୍ଦ୍ର ମହାପାତ୍ର, ପ୍ରାଧ୍ୟାପକ ଡ. ହରିଶ୍ଚନ୍ଦ୍ର ପଣ୍ଡା, ପ୍ରେମଲତା ପଣ୍ଡା, କମଳଲୋଚନ ରାୟ, ଗିରିଧାରୀ ସାହୁ, ଗୋପନାଥ ସେଠୀ, ନୃସିଂହ ଚରଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବୀ ହୃଷୀକେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ।

## କବାଟବନ୍ଧ ବଜାରରେ ବଢୁଛି ଟ୍ରାଫିକ୍ ସମସ୍ୟା



କବାଟବନ୍ଧ, ୮।୧୧ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ ବଜାର ପାଇଁ ଟ୍ରାଫିକ ସମସ୍ୟା ନିତିଦିନିଆ ହୋଇଗଲାଣି। ଭାରୀଯାନ ପାଇଁ ଏହି ସମସ୍ୟା ଜଟିଳ ରୂପ ନେଲାଣି। ବିଶେଷ କରି ଓଭରଲୋଡିଂ ବାଲି ବୋଝେଇ ହାଇୱା ଯୋଗୁଁ ଅଧିକାଂଶ ସମୟରେ ବଜାର ଜାମ ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ଯାହା ଫଳରେ ଜନସାଧାରଣ ଦୈନିକ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ପକ୍ଷରୁ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯାହାକୁ ନେଇ ପ୍ରବଳ ଜନଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଟ୍ରାଫିକ ସମସ୍ୟା ଅତି ସାଧାରଣ ହୋଇଗଲାଣି। ଦୈନିକ ଦୀର୍ଘ ସମୟ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାକୁ ନେଇ ଜନସାଧାରଣ ସନ୍ଦେହ ପ୍ରକଟ କରିଛନ୍ତି। ଜାରକା-ଏଣ୍ଡଲବା ନଦୀ ବନ୍ଧ ରାସ୍ତାର କବାଟବନ୍ଧ ଠାରେ ରାସ୍ତାର ଉଭୟ ପାଶ୍ୱର୍ରେ ଅନେକ ଦୋକାନ ରହିଛି। ସ୍ଥାନୀୟ ଅଞ୍ଚଳରେ କବାଟବନ୍ଧ ଏକ ମୁଖ୍ୟବଜାର ହୋଇଥିବାରୁ ଦୈନିକ ଶହ ଶହ ଲୋକ ତଥା ଗ୍ରାହକ ଏବଂ ଅନ୍ୟାନ୍ୟ ବ୍ୟବସାୟୀଙ୍କ ଭିଡ଼ ଜମେ। ବଜାରକୁ ଆସୁଥିବା ଲୋକମାନେ ପ୍ରାୟତଃ ସାଇକଲ ଏବଂ ମୋଟର ସାଇକଲରେ ଆସି ରାସ୍ତା କଡ଼ରେ ପାର୍କିଂ କରିଥାନ୍ତି। ଏହା ସହିତ କାର୍, ଅଟୋ, ଟ୍ରାକ୍ଟର, ବସ୍ ସହିତ ଅନେକ ଗାଡ଼ି ଯିବା ଆସିବା କରନ୍ତି। ବିଶେଷ କରି ସନ୍ଧ୍ୟା ସମୟରେ ଏହା ବହୁ ଜାମ ହେଉଥିବା ଦେଖିବାକୁ ମିଳୁଛି। କୌଣସି ପର୍ବପର୍ବାଣୀରେ ଏହି ବଜାର ଭିଡ଼ ଯଥେଷ୍ଟ ବୃଦ୍ଧି ପାଇଥାଏ। ଏହି ସମୟରେ ଜରୁରୀକାଳୀନ ପରିସ୍ଥିତିରେ କୌଣସି ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଗାଡ଼ି ମଧ ଅଟକି ରହୁଛି। ଏହି ରାସ୍ତା ଅଣଓସାରିଆ ହୋଇଥିବାରୁ ଏହି ସମସ୍ୟା ସୃଷ୍ଟିହେଉଛି। ଦୀର୍ଘ ଦିନ ଧରି ରାସ୍ତା ସମ୍ପ୍ରସାରଣ ପାଇଁ ଶୁଣାଯାଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମିତି କୌଣସି ପ୍ରକ୍ରିୟା ଆରମ୍ଭ ହେଉନାହିଁ। ପ୍ରଶାସନ ପକ୍ଷରୁ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।

ଉତ୍କଳ ଗୌରବ ସେବା ସଂସଦର ଶେଷ ସନ୍ଧ୍ୟା

## ମୁଗ୍ଧକଲେ ସିନେ ତାରକା ସ୍ୱରାଜ ଓ ରିୟା

ବ୍ରହ୍ମବରଦା, ୮।୧୧(ସମିସ): ରସୁଲପୁର ବ୍ଲକ ବ୍ରହ୍ମବରଦା ଢିଅସାହି ଉତ୍କଳ ଗୌରବ ସେବା ସଂସଦର ୨୬ତମ ବାର୍ଷିକ ଉତ୍ସବର ଆଜି ଥିଲା ଶେଷ ସନ୍ଧ୍ୟା। ଏହି ଅନ୍ତିମ ସନ୍ଧ୍ୟାର ମୁକ୍ତ ମଞ୍ଚରେ ଆୟୋଜିତ ହୋଇଥିଲା ଓଡ଼ିଆ ସଙ୍ଗୀତ ଜଗତର ଲୋକପ୍ରିୟ ପ୍ରଚ୍ଛଦପଟ ଗାୟକ ଶୁଭାଶିଷ ମହାକୁଡ଼ଙ୍କ ମେଲୋଡି କାର୍ଯ୍ୟକ୍ରମ। ପ୍ରାରମ୍ଭରେ ଶୁଭାଶିଷ ଗାଇଥିବା ଓଡ଼ିଆ ରୋମାଣ୍ଟିକ ଆଲବମ ଗୀତ "ରାଗି ଗଲେ ତୁ ଜହ୍ନ ଲୁଚିଯାଏ' ଶ୍ରୋତାଙ୍କ ମନରେ ଶିହରଣ ସୃଷ୍ଟି କରିଥିଲା। ସେହିପରି "ଷୋଳଟି ଫଗୁଣ ଆସି ତୋତେ ଛୁଇଁ ଦେଲା ପରେ', 'ମୋତେ ପାଗଳ କରିଛି ଗୋଟେ ଝିଅ' ଗୀତ ଦର୍ଶକଙ୍କ ହୃଦୟକୁ ବେଶ ଛୁଇଁଥିଲା। ଏହିପରି ଅନେକ ନୂଆପୁରୁଣା ଗୀତର ତାଳେ ତାଳେ ଦର୍ଶକ ମାନେ ଝୁମିଥିଲେ। ପରେ ପରେ ମଞ୍ଚ ଉପରକୁ ଓହ୍ଲାଇଥିଲେ ଓଡିଆ ସିନେ ଜଗତର ଚକଲେଟ୍ ହିରୋ ସ୍ୱରାଜ ବାରିକ ଓ ବୁଲବୁଲି ନାୟିକା ରିୟା ଦେ। ଦୁଇ ଷ୍ଟାରଙ୍କ ଆକର୍ଷଣୀୟ ଅଭିନୟ, ଡାଇଲଗ୍ ଓ ରଙ୍ଗାରଙ୍ଗ ନୃତ୍ୟର ଜଲୱାରେ ବ୍ରହ୍ମବରଦା ମେଲଣ ପଡ଼ିଆ କମ୍ପି ଉଠିଥିଲା। ଆଜିର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବରୀ ବିଜେପି ନେତା ଉମେଶଚନ୍ଦ୍ର ଜେନା, ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ ଗେଡ଼ି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସଂସଦ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ, ସଂସଦର ପୂର୍ବତନ ସଭାପତି ପ୍ରଦୀପ ଦାସ, ଉପଦେଷ୍ଟା ରାକେଶ ଦେଓ, ସଭାପତି ଜିତେନ୍ଦ୍ର ପ୍ରସାଦ ସାହୁ, ସମ୍ପାଦକ ନିରାକାର ବେହେରା, ବରିଷ୍ଠ ସଭ୍ୟ ନିତ୍ୟାନନ୍ଦ ରାଉତ, ମହେଶ ବେହେରା, ପ୍ରଭାତ ଘଡାଇ, ଲୋକନାଥ ଓଝା, ଜଗବନ୍ଧୁ ପାଢୀ, ସିଦ୍ଧାର୍ଥ ଓଝା, ସୁଶାନ୍ତ ଜେନାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ସହଯୋଗ କରିଥିଲେ।



## ମଙ୍ଗଳପୁର ମହିଳା ମହାବିଦ୍ୟାଳୟରେ ପାଠଚକ୍ର

କୟାଁଗୋଲା/ମଙ୍ଗଳପୁର, ୮।୧୧(ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ତରଫରୁ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ମିନାକ୍ଷୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଗପାଳ ଡିଗ୍ରୀ କଲେଜର ଅଧ୍ୟାପିକା ଡ. କାନ୍ତିବାଳା ପଣ୍ଡା ଯୋଗ ଦେଇ ମହିଳା ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ଏକବିଂଶ ଶତାବ୍ଦୀରେ ମହିଳା ପ୍ରତ୍ୟେକ କ୍ଷେତ୍ରରେ ନିଜର




ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଏବଂ ଶିକ୍ଷା, ଜ୍ଞାନ, ସୁବିଧା, ସୁଯୋଗ ଏବଂ ନିରାପତ୍ତା ପାଇଲେ ପ୍ରତ୍ୟେକ ମହିଳା ସମାଜ ସୁଦୃଢ଼ୀକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ପ୍ରମିଳା ବାଇ, ଶୁଭଶ୍ରୀ ଘଡ଼ାଇ, ତପସ୍ୱିନୀ ଭଞ୍ଜ, ସୁଷମା ସାହୁ, ରଶ୍ମି ଦଳାଇ, ଶୁଭସ୍ମିତା ସାହୁ, ବ୍ରଜକିଶୋର ସାହୁ ସହଯୋଗ କରିଥିଲେ। ଏହି ପାଠଚକ୍ରରେ ଯୁକ୍ତ ୩ର ସମସ୍ତ ଛାତ୍ରୀମାନେ ଉପସ୍ଥିତ ଥିଲେ।

## ମହାବିଦ୍ୟାଳୟରେ 'ବନ୍ଦେ ମାତରମ୍' ଉତ୍ସବ

ସିଂହପୁର, ୮।୧୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଅଧ୍ୟକ୍ଷ ଡ. ବ୍ରଜକିଶୋର ସାହୁ, ସ୍କାଉଟ ଯୁବ ରେଡ଼କ୍ରସ ଓ ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର୍ ସନ୍ତୋଷ ମହାପାତ୍ର, ଅଧ୍ୟାପକ ନୀଳମଣି ମଲ୍ଲିକ, ଅଧ୍ୟାପକ ଜଳଧର ସାହୁ, ଅଧ୍ୟାପକ ଦୀପ୍ତିରଞ୍ଜନ ସେନାପତିଙ୍କ ସଂଯୋଜନାରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀ ଓ ଛାତ୍ର, ଛାତ୍ରୀ ମାନେ ଉପସ୍ଥିତ ରହି 'ବନ୍ଦେ ମାତରମ' ଗାନ କରିଥିଲେ। ଅଧ୍ୟାପକ ଶ୍ରୀକାନ୍ତ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।



ଜେନାପୁର ଥାନାରୁ ନ୍ୟାୟ ମିଳୁନି

## ଧାରଣାରେ ବସିଲେ ପୀଡ଼ିତ ପରିବାର

କବାଟବନ୍ଧ, ୮।୧୧(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧର ଗୋଟିଏ ପରିବାରର ୪ ଜଣ ସଦସ୍ୟ ନ୍ୟାୟ ପାଇବା ପାଇଁ ଜେନାପୁର ଥାନାରେ ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଧାରଣାରେ ବସିଥିବା କବାଟବନ୍ଧ ନୂଆସାହି ଗ୍ରାମର ଅଭିଯୋଗକାରିଣୀ ସ୍ନେହଲତା ଦାଶଙ୍କ ଅଭିଯୋଗ ମୁତାବକ ତାଙ୍କ ଗ୍ରାମର ଜଣେ ଯୁବକ ତାଙ୍କ ପୁଅକୁ ମୋଟର ସାଇକଲରେ ଧକ୍କା ଦେବା ଫଳରେ ସେ ଆହତ ହୋଇଥିଲେ। ପରିବାର ଲୋକେ ଏ ସମ୍ପର୍କରେ ପଚାରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ଏନେଇ ସେ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସେ ଯାଜପୁର ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏସ୍‌ପିଙ୍କ କାର୍ଯ୍ୟାଳୟରୁ ଜେନାପୁର ପୁଲିସକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା। ବାଧ୍ୟ ହୋଇ ସେ ପୁନର୍ବାର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଥିଲେ। ସମାନ ପ୍ରତିଶ୍ରୁତି ମିଳିବା ପରେ ଘରକୁ ଆସିଥିଲେ। ତଥାପି ପୁଲିସ ଏସ୍‌ପିଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିଲାନାହିଁ। ଅନ୍ୟ ପକ୍ଷରେ ପୀଡ଼ିତ ପରିବାର ନ୍ୟାୟ ନ ପାଇ ବାରମ୍ବାର ଜେନାପୁର ଥାନା ଆଉ ଏସ୍‌ପି କାର୍ଯ୍ୟାଳୟ ଦୌଡ଼ିଥିଲେ। ଲଗାତାର ୩ ଥର ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯିବା ପରେ ମଧ୍ୟ କୌଣସି ନ୍ୟାୟ ପାଇ ନ ଥିଲେ। ଅଭିଯୋଗକାରିଣୀ ସ୍ନେହଲତାଙ୍କ ପରିବାର ମାନସିକ ଚାପରେ ରହୁଥିବା ବେଳେ ଶନିବାର ସକାଳ ପ୍ରାୟ ୮ ସମୟରେ ପରିବାରକୁ ନେଇ ଜେନାପୁର ଥାନାରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିଲେ। ପ୍ରାୟ ୩ ଘଣ୍ଟା ପରେ ଜେନାପୁର ପୁଲିସ ନ୍ୟାୟ ଦେବା ପାଇଁ ପୂର୍ଣ୍ଣ ପ୍ରତିଶ୍ରୁତି ଦେବା ପରେ ସ୍ନେହଲତା ଧାରଣାରୁ ଉଠିଥିଲେ।



BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

**ଯୁବକଙ୍କୁ ଛୁରାମାଡ଼ ଘଟଣାରେ ନୂଆ ମୋଡ଼**

# ଅର୍ଥ ଲୁଟ୍ ପାଇଁ ଯୁବକ କରିଥିଲେ ଷଡ଼ଯନ୍ତ୍ର

**ବ୍ୟାସନଗର, ୮ ।୧୧(ସମିସ)**

ଗତ ଗୁରୁବାର ବ୍ୟାସନଗର ସହର ନୂଆଗଡ଼ ଗୋଲେଇ ଛକରେ କୋରେଇ ଥାନା ଜଇଁତଳ ଗ୍ରାମର ରୋହିତ ସାହୁ (ରାଜା)ଙ୍କୁ ଛୁରାମାଡ଼ କରି ଅର୍ଥ ଲୁଟ୍ ମାମଲାରେ ଏକ ନୂଆ ମୋଡ଼ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ ଯାଜପୁର ରୋଡ୍ ସହରରୁ ନିଜ ଗ୍ରାମକୁ ଯାଉଥିବା ସମୟରେ ଯାଜପୁର ରୋଡ୍ ଆଦର୍ଶ ଥାନା ନିକଟସ୍ଥ ଗୋଲେଇ ଛକରେ ପୂର୍ବରୁ ତାଙ୍କୁ ଫଲୋ କରୁଥିବା ୨ ଜଣ ଯୁବକ ଅଟକାଇବା ସହିତ ତାଙ୍କ ପାଖରେ ଥିବା ଟଙ୍କା ଛଡ଼ାଇବାକୁ ଉଦ୍ୟମ କରି ବିଫଳ ହେବା ପରେ ତାଙ୍କୁ ଛୁରାମାଡ଼ କରି ତାଙ୍କ ନିକଟରେ ଥିବା ଅର୍ଥ ନେଇ ଘଟଣାସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇଥିବା ନେଇ ରୋହିତ ସେଦିନ ପ୍ରତିକ୍ରିୟା ଦେଇଥିଲେ। ତେବେ ଏହି ଘଟଣାର ସତ୍ୟାସତ୍ୟ ଶନିବାର ଦେଖିବାକୁ ମିଳିଛି। ଆହତ ରୋହିତଙ୍କୁ ଘଟଣା ସମ୍ପର୍କରେ ଗୁଡ଼େଇ ତୁଡ଼େଇ ପଚାର ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆଣିଛନ୍ତି କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ। ତେବେ ଅର୍ଥ ଲୁଟ୍ କରିବା ପାଇଁ ରୋହିତ ଏଭଳି କାଣ୍ଡ ନିଜେ ଭିଆଇଥିବା ପୁଲିସ ସାମ୍ନାରେ ମାନିଥିବା ବେଳେ ନିକଟସ୍ଥ ଏକ ଦୋକାନରୁ ୧୦୦ ଟଙ୍କା ଦେଇ ଏକ ଛୁରି କିଣି ନିଜକୁ ଆଘାତ କରାଇ ଏଭଳି କାଣ୍ଡ ଘଟାଇଥିଲା। ତେବେ ସୂଚନା ମୁତାବକ ରୋହିତ ତାଙ୍କ ମଉସାଙ୍କ ଅର୍ଥ ଜମା କରିବାକୁ ନେବା ସମୟରେ ଏଭଳି କାଣ୍ଡ କରିବା ପରେ ପୁଲିସ ଉପରେ ପ୍ରବଳ ଚାପ ସୃଷ୍ଟି ହୋଇଥିଲା। ତେବେ ମାମଲାର ମୂଳ ରହସ୍ୟ ଉନ୍ମୋଚନ କରି ପୁଲିସ ରୋହିତ ଭଳି ଯୁବକଙ୍କ ମୁଖା ଖୋଲାଥିବା ବେଳେ ଏଭଳି ବ୍ୟକ୍ତିଙ୍କୁ ଦୃଢ଼ ସଜା ଦେବାକୁ ସାଧାରଣରେ ଦାବି ହେଉଛି। ତେବେ ରୋହିତ ଅନ୍‌ଲାଇନ ଗେମ୍ ଖେଳି ଅନେକ ଅର୍ଥ ବରବାଦ କରିଥିବା ବେଳେ ଏହି ଅର୍ଥ ଲୁଟ୍ କରିବାକୁ ଯୋଜନା କରିଥିବା ବେଳେ ଏଥିରେ ବିଫଳ ହୋଇଛି। ତେବେ ଏନେଇ କୌଣସି ମାମଲା ରୁଜୁ ହୋଇନଥିବା ବେଳେ କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀଙ୍କ ପ୍ରତିକ୍ରିୟା ନେବାରୁ ସେ ଘଟଣାପରେ ରୋହିତ ସାହୁଙ୍କ ଚିକିତ୍ସା ପରେ ତାଙ୍କୁ ତାଙ୍କ ବାପା ଏବଂ ମଉସାଙ୍କୁ ଥାନାକୁ ଡାକି ପଚରା ଉଚୁରା କରିବା ପରେ ତାଙ୍କ ବାପା ପୁଲିସର ବିଭିନ୍ନ ପ୍ରଶ୍ନରେ ଚୁପ ରହିବାରୁ ସନ୍ଦେହ ବଢ଼ିଥିଲା। ପରେ ବାପା ପୁଅର ଏପରି କାରନାମା ବିଷୟରେ ଜାଣିଥିବା ନେଇ କହିଥିଲେ। ତେବେ ରୋହିତଙ୍କ ଏପରି କାର୍ଯ୍ୟ ଦ୍ୱାରା ୨ ଦିନ ସାଧାରଣ ଜନତା ୧୦ ପୁଲିସ କର୍ମଚାରୀ ଏବଂ ଗଣମାଧ୍ୟମ ପ୍ରତିନିଧି ଅକାରଣରେ ହଇରାଣ ହୋଇଛନ୍ତି।

# ସତ୍ୟସାଇ ସେବା ସମିତିର ଆନନ୍ଦ ମହୋତ୍ସବ




**ମଙ୍ଗଳପୁର, ୮।୧୧(ସମିସ):** ଶ୍ରୀସତ୍ୟସାଇ ସତ୍ୟ ସମିତି ତରଫରୁ ଜିଲ୍ଲାସ୍ତରୀୟ ଆନନ୍ଦ ଉତ୍ସବ ମଙ୍ଗଳପୁର ସ୍ଥିତ ଥାଲକୁଡ଼ି ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାଂସ୍କୃତିକ ତଥା ଦିବ୍ୟ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର କୁନି କୁନି ବାଳବିକାଶ ପିଲାମାନଙ୍କ ମଧ୍ୟରେ ଆନନ୍ଦ ମହୋତ୍ସବ ପ୍ରତିଯୋଗିତା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯାଜପୁର ସତ୍ୟସାଇ ସେବା ସଂଗଠନର ଜିଲ୍ଲା ସଭାପତି ମନୋରଞ୍ଜନ ସାମଲ ଉଦଘାଟନୀ ଭାଷଣ ପ୍ରଦାନ କରିଥିବା ବେଳେ ଶ୍ରୀମତୀ ପୁଷ୍ପଲତା ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷା ସଂଯୋଜକ ଜିତେନ୍ଦ୍ର ସୁତାର, ରଶ୍ମିରଞ୍ଜନ ରାୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଉକ୍ତ ଦିବ୍ୟ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ପୂର୍ବତନ ଜିଲ୍ଲା ସଭାପତି ଆଭାସ ମଜୁମଦାର, ଜିଲ୍ଲା ଆଧ୍ୟାତ୍ମିକା ସଂଯୋଜିକା ଅଧ୍ୟାପିକା ମମତା ସାମଲ, କାଜଲ ମଜୁମଦାର ଉପସ୍ଥିତ ଥିବାବେଳେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିବାରେ ବିଭୁତି ଭୂଷଣ ସାହୁ, ବଦ୍ରିନାରାୟଣ ପାତ୍ର ସମେତ ଶ୍ରୀସତ୍ୟସାଇ ସେବା ସମିତିର ସମସ୍ତ ଭାଇ ଭଉଣୀ ମାନେ ସହଯୋଗ କରିଥିଲେ। ଶେଷରେ ସମିତିର ଆବାହକ ରାଜକିଶୋର ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।

# ଆଶ୍ରମ ବିଦ୍ୟାଳୟରେ ଶିଶୁ ସ୍ୱାସ୍ଥ୍ୟ ଶିବିର



**ଶଙ୍ଖଚିଲା, ୮।୧୧(ସମିସ):** କୋରେଇ ଉନ୍ନୟନ ପରିଷଦ ତରଫରୁ କୋରେଇ ବ୍ଲକ ଅନ୍ତର୍ଗତ କାଚରାସାହି ପଞ୍ଚାୟତ ତାଳଗାଡ଼ିଆ ସ୍ଥିତ ଆଶ୍ରମ ବିଦ୍ୟାଳୟ ପରିସରରେ ଏକ ଶିଶୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେଇଯାଇଛି। ଏହି ଶିବିରକୁ ପରିଷଦର ସଭାପତି ଶ୍ରୀଧର ଦାସଙ୍କ ଉଦ୍‌ଘାଟନ କରିବା ସହିତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ମଲ୍ଲିକ ଓ ସୁଶାନ୍ତ କୁମାର ମଲ୍ଲିକ, ଶିକ୍ଷୟିତ୍ରୀ ପ୍ରମିଳା ସାହୁଙ୍କ ଉପସ୍ଥିତିରେ ଶିବିରକୁ ଆରମ୍ଭ କରାଯାଇଥିଲା। ପରେ କଟକ ଶିଶୁଭବନର ଶିଶୁ ରୋଗ ବିଶେଷଜ୍ଞ ବିଶ୍ୱନାଥ ପ୍ରତାପ ଦାସଙ୍କ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରିଷଦର ଉପଦେଷ୍ଟା ମଦନ ମୋହନ କର, ଉପସଭାପତି ଅମୂଲ୍ୟ କୁମାର ଦାଶ, ସମ୍ପାଦକ ଆଲୋକ କୁମାର ଦାଶ, ସହ ସମ୍ପାଦକ ବରିଷ୍ଠ ସଭ୍ୟ ତଥା କର୍ପୋସ ଫଣ୍ଡର ଚେୟାରମ୍ୟାନ ରବିନାରାୟଣ ଦାସ, ଜଳଧର ଜେନା, ବସନ୍ତ କୁମାର କର, ଶରତ କୁମାର ଦାସ, ଶରତ ଚନ୍ଦ୍ର ପୃଷ୍ଟି, କୋଷାଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ସୂର୍ଯ୍ୟମଣି ମହାପାତ୍ର, ଶରତ କୁମାର ପୃଷ୍ଟି, ପ୍ରଭାକର ସାହୁ, ବୈଷ୍ଣବ ପାତ୍ର, ଜଗନ୍ନାଥ ଦାସ ଉପସ୍ଥିତ ରହିଥିଲେ। ସେହିପରି ବିଦ୍ୟାଳୟର ଚେୟାରମ୍ୟାନ ସୁରେଶ କୁମାର ମିଶ୍ର, ସଚିତା ନନ୍ଦ ଦାଶ, ଧନେଶ୍ୱର ମୁର୍ମୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଶିବିରରେ ୮୦ ଜଣ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶେଷରେ ବରିଷ୍ଠ ସଦସ୍ୟ ରବିନାରାୟଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ଚୋରା ମଦ ବିକ୍ରିକୁ ବିରୋଧ**

# ଏକାଠି ହେଲେ ଗ୍ରାମବାସୀ



**ଶଙ୍ଖଚିଲା, ୮।୧୧(ସମିସ):** ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ତଣ୍ଡରା ପଞ୍ଚାୟତ ତଣ୍ଡରା ଗ୍ରାମରେ ବେଆଇନ ମଦ ବିକ୍ରି ବନ୍ଦଙ୍କୁ ନେଇ ତଣ୍ଡରା ଗ୍ରାମର ମହାଦେବ ମନ୍ଦିର ନିକଟରେ ଏକ ପ୍ରତିବାଦ ବୈଠକ ଅନୁଷ୍ଠିତ ହେଇଯାଇଛି। ଗ୍ରାମର ସମାଜସେବୀ ପ୍ରସନ୍ନ ସ୍ୱାଇଁଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଏକତ୍ରିତ ହୋଇ ଗ୍ରାମରେ ବିକ୍ରି ହେଉଥିବା ବେଆଇନ ମଦ ବିକ୍ରିକୁ ଘୋର ବିରୋଧ କରିବା ସହିତ ସମସ୍ତଙ୍କୁ ଏକତ୍ରିତ କରି ଗ୍ରାମକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବାକୁ ସଂକଳ୍ପ ନେଇଥିଲେ। ଚୋରା ମଦ ବିକ୍ରି ଦ୍ୱାରା ଗ୍ରାମରେ ମଦ ପିଉଥିବା ଗ୍ରାମ ଓ ପରିବାର ମଧ୍ୟରେ ଅଶାନ୍ତି ସୃଷ୍ଟି ହେଉଛି। ପରିବାର ଆତ୍ମୀୟଙ୍କ ମଧ୍ୟରେ ସମ୍ପର୍କ ଭାଙ୍ଗିଯାଉଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଆଗାମୀ ଦିନରେ ପଞ୍ଚାୟତର ପ୍ରତ୍ୟେକ ୱାର୍ଡରେ ବୈଠକ କରାଯାଇ ଗ୍ରାମର ବୁଦ୍ଧିଜୀବୀଙ୍କ ମତାମତ ସଂଗ୍ରହ କରାଯାଇ କିଭଳି ଭାବରେ ଗ୍ରାମକୁ ନିଶାମୁକ୍ତ କରି ଏକ ଭାଇଚାରାର ଗ୍ରାମ ହେଇପାରିବ ସେ ନେଇ ସମସ୍ତେ ମତପ୍ରକାଶ କରିଥିଲେ। ଏଥିରେ ମାଧବ ବେହେରା, ପୂର୍ଣ୍ଣ ପଣ୍ଡା, ସତ୍ୟରଞ୍ଜନ ଖଣ୍ଡାଇ, ବିଶ୍ୱଜିତ୍ ପଣ୍ଡା, ସୁନୁଲ ଆଇଚ, ରତିକାନ୍ତ ସ୍ୱାଇଁ, ପୂର୍ଣ୍ଣ ଜେନା, ମନମୋହନ ପରିଡ଼ା, ନରେଶ ପରିଡ଼ା, ସ୍ୱରୂପ ରଞ୍ଜନ ସ୍ୱାଇଁ, ଅଜୟ ସାହୁ, ରାଧାମାଧବ ସେଠୀ, ଗୌତମ ଦାସ, ଗୋପାଳ ସେଠୀ, ପ୍ରତାପ ଦଳାଇ, ଧୀରେନ୍ଦ୍ର ଦଳାଇ, ଗୋପାଳ ଦଳାଇ, ଅନୁ ମଲିକ, ସଂଗ୍ରାମ ମଲିକ, ସୌମ୍ୟରଞ୍ଜନ ପରିଡ଼ା, ଯଯାତି ରାଉତ, ଭରତ ମଲିକ, ବିମଲ ମଲିକ, ଗଜେନ୍ଦ୍ର ମଲିକ ପ୍ରମୁଖ ଯୋଗ ଦେଇଥିଲେ।


# ଚହଟା ଗ୍ରାମରେ ଅବାଧ ନିଶା କାରବାର

**ଧର୍ମଶାଳା, ୮।୧୧(ସମିସ):** ଧର୍ମଶାଳା ଥାନା ଚହଟା ପଞ୍ଚାୟତ ଚହଟା ଗ୍ରାମରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଇବା ଫଳରେ ଯୁବ ସମାଜ ପଥଭ୍ରଷ୍ଟ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗ୍ରାମ ଗୋଚ୍ଛାୟତ ସାହିରେ ନିଶା କାରବାର ଦିନ ଦ୍ୱିପହରରେ ଚାଲୁଥିବା ନେଇ ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ, ଚହଟା ଗ୍ରାମ ଗୋଚ୍ଛାୟତ ସାହିରେ କିଛିବର୍ଷ ହେଲା ଅବକାରୀ ଦ୍ରବ୍ୟ ବିକ୍ରୟ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ବାରମ୍ବାର ଅଭିଯୋହ ସତ୍ତ୍ୱେ ପୁଲିସ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ତାହା ବ୍ୟାପକ ହେବା ସହିତ ଦିନ ଦ୍ୱିପହରରେ ଗଞ୍ଜେଇ, ବ୍ରାଉନସୁଗର ଓ ଅବକାରୀ ଦ୍ରବ୍ୟ କାରବାର ବଢୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଦ୍ରବ୍ୟକୁ ଯୁବକମାନେ ସେବନ କରି ଅନେକ ସମୟରେ ରାସ୍ତା ଘାଟରେ ଗଣ୍ଡଗୋଳ କରିବା ସହ ଗ୍ରାମର ଝିଅ ବୋହୂଙ୍କୁ କମେଟ୍ କରିଥାନ୍ତି। ନିଶା ସେବନ ଫଳରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏହା ଫଳରେ ଚହଟା ଗ୍ରାମର ବିଭିନ୍ନ ସାହି ପ୍ରଭାବିତ ହେଉଛନ୍ତି। ଏହାର ପ୍ରତିବାଦରେ ଚହଟା ଗ୍ରାମର କିଛି ଯୁବକ ଥାନା ଅଧିକାରୀ ରଞ୍ଜନ କୁମାର ମାଝୀଙ୍କୁ ଜଣାଇଛନ୍ତି। ଅବକାରୀ ଦ୍ରବ୍ୟ ଚୋରାରେ ବିକ୍ରୟ କରୁଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଗ୍ରାମର ସରପଞ୍ଚଙ୍କ ପ୍ରତିନିଧି ବିଚିତ୍ର ସ୍ୱାଇଁ, ମହସିନ ଖାଁନ, ପ୍ରଦୀପ୍ତ ଗୋଚ୍ଛାୟତ, ଫରତ ବିବି, ସୁହାନ ବିବି, ଅଲିମ ଖାନ, ଅକ୍ଷୟ ସେଠୀ, ମନୋରମା ପ୍ରଧାନ, ରଞ୍ଜନ କୁମାର ମହାନ୍ତି, ତ୍ରିଲୋଚନ ପ୍ରଧାନ, ପ୍ରଶାନ୍ତ ରାଉତ, ଉର୍ବଶୀ ସାହୁ, ମନୋରମା ମହାନ୍ତି, ସୁଜାତା ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଯଦି ପ୍ରଶାସନ ପକ୍ଷରୁ ଚୋରା ନିଶା କାରବାର ବନ୍ଦ କରାନଯାଏ ତେବେ ଧର୍ମଶାଳା ଥାନା ସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

**ନକଲି ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ଚାକିରି ଘଟଣା**

# ଦୁଇ ଫାର୍ମାସିଷ୍ଟଙ୍କୁ କୈଫିୟତ ତଲବ

**ଯାଜପୁର, ୮।୧୧(ସମିସ):** ନକଲି ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ଫାର୍ମାସିଷ୍ଟ ଭାବେ ଚାକିର କରିଥିବା ଦୁଇ ଜଣଙ୍କୁ ମହଙ୍ଗା ପଡ଼ିବା ନେଇ ଚର୍ଚ୍ଚା ହେଉଛି। ନିଜର ଭିନ୍ନକ୍ଷମତା ନେଇ ତଦନ୍ତ ହେବା ପାଇଁ ବାରମ୍ବାର ଉଭୟ ଫାର୍ମାସିଷ୍ଟଙ୍କୁ ନୋଟିସ କରାଯାଉଥିଲେ ମଧ୍ୟ ସେମାନେ ବିଭିନ୍ନ ବାହାନା ଦେଖାଇ ଅନୁପସ୍ଥିତ ରହୁଛନ୍ତି। ଯାହାକୁ ନେଇ ଯାଜପୁର ସିଡିଏମ୍‌ଓ ବରୀ ଓ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କୁ ଏ ନେଇ କୈଫିୟତ ତଲବ କରିବା ପରେ ଉଭୟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସମ୍ପୃକ୍ତ ଦୁଇ ଜଣ ଫାର୍ମାସିଷ୍ଟଙ୍କୁ କୈଫିୟତ ତଲବ କରିଛନ୍ତି। ସୂଚନା ମୁତାବକ ଅଧୁନା ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ ବାଲିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ପରେଶ କୁମାର ମଲ୍ଲିକ ଏବଂ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ଜେନାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଅମ୍ଳାନ କୁମାର ପାଣିଙ୍କ ବିରୋଧରେ ନକଲି ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ନିଯୁକ୍ତି କରିଥିବା ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗ ହେବା ପରେ ଉଭୟଙ୍କୁ ଦୁଇ ଦୁଇ ଥର କଟକ ଏସ୍‌ସିବି ବୋର୍ଡରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଉଭୟ ନିର୍ଦ୍ଧାରିତ ତାରିଖରେ ଛୁଟିରେ ରହି ଅନୁପସ୍ଥିତ ରହିବା ପରେ ଯାଜପୁର ସିଡିଏମ୍‌ଓ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଉଭୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ କୈଫିୟତ ତଲବ କରିଥିଲେ। ଏହା ପରେ ଉଭୟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଉଭୟ ଫାର୍ମାସିଷ୍ଟଙ୍କୁ ନୋଟିସ୍ କରି କେଉଁ ପରିସ୍ଥିତିରେ ବୋର୍ଡରେ ହାଜର ନ ହୋଇ ଛୁଟିରେ ରହିଥିଲ ବୋଲି କୈଫିୟତ ତଲବ କରାଯାଇଥିବା ଜଣାପଡ଼ିଛି। ବାରମ୍ବାର ନୋଟିସ୍ ପରେ ବି ଉଭୟ ଫାର୍ମାସିଷ୍ଟ ବିଭିନ୍ନ ବାହାନା ଦେଖାଇ ରାଜ୍ୟ ବୋର୍ଡରେ ହାଜର ହେଉନଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାହିଁକି ଉଭୟଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ତୁରନ୍ତ ଏହି ଘଟଣାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କଡ଼ା ଆଭିମୁଖ୍ୟ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଭଳି ଅନିୟମିତତା ସମ୍ପର୍କରେ ଅଭିଯୋଗ କରିଥିବା ଫାର୍ମାସିଷ୍ଟ ତ୍ରିଲୋଚନ ପଲେଇ ଲିଖିତ ଦାବି କରିଛନ୍ତି।



କୁଆଖିଆ-ମଙ୍ଗଳପୁର ଜାତୀୟ ରାଜପଥ ବରୁଆଁ ନିକଟ ଖରସ୍ରୋତା ସେତୁ ଉପରେ ପୋକ ଆତଙ୍କ। ହନ୍ତସନ୍ତ ହେଉଛନ୍ତି ଗାଡ଼ିଚାଳକ

# ଶିଶୁ ବିଦ୍ୟାମନ୍ଦିରରେ ମାତୃ କର୍ମଶାଳା




**ଧର୍ମଶାଳା, ୮।୧୧(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଜି ଶିଶୁବାଟିକା ବିଭାଗର ମାତୃ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସହ ସମ୍ପାଦକ ସୁକାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଉକ୍ତ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ସଂଯୁକ୍ତା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଶିଶୁଙ୍କର ଉନ୍ନତି ପାଇଁ ମାଆ ମାନଙ୍କର ଭୂମିକା ଓ କର୍ତ୍ତବ୍ୟ ସମ୍ବନ୍ଧରେ ସେ ଆଲୋକପାତ କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ରୀତାରାଣୀ ସ୍ୱାଇଁ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଧ୍ରୁବଚରଣ ପୃଷ୍ଟି ମୁଖ୍ୟଅତିଥିଙ୍କୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଯାଜପୁର ଜିଲ୍ଲା ଶିଶୁବାଟିକା ପ୍ରମୁଖ ପ୍ରକାଶ ଚନ୍ଦ୍ର ପୃଷ୍ଟି କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିବା ସହିତ ଶିଶୁର ବିକାଶରେ ମାଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଅଚାର୍ଯ୍ୟା ରିତାଞ୍ଜଳି ନାୟକ, ସ୍ମୃତିରେଖା ସାମଲ, ଲକ୍ଷ୍ମିଲତା ଜେନା, ସସ୍ମିତା ଦାସ, ମାମିନା ରାଉତ, ଚନ୍ଦନାବତି ରାଉତ, ଗୀତାଞ୍ଜଳି ଦାସ, ରିତାଞ୍ଜଳି ପୃଷ୍ଟିଙ୍କ ଦ୍ୱାରା ବାରଟି ଶୈକ୍ଷିକ ବ୍ୟବସ୍ଥାର କାଳାଂଶ ନିଆଯାଇଥିଲା। ଉକ୍ତ ଉତ୍ସବରେ ମୋଟ ୧୩୦ ଜଣ ମାଆ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତିର କୋଷାଧ୍ୟକ୍ଷ ନିଗମାନନ୍ଦ ମାହାଣା, ତୁଳସୀ ଦେଈ ତଥା ପୂର୍ବତନ ସମ୍ପାଦକ ଚିତ୍ତ ରଞ୍ଜନ ମଲ୍ଲିକ ଓ ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୁନି କୁନି ଶିଶୁ ମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା କଳ୍ପନା କୁମାରୀ କର ଧନ୍ୟବାଦ ଅର୍ପଣ କରିଥିଲେ।

# 'ସୁରଭି'ରେ ଛାତ୍ରୀ ସମ୍ବର୍ଦ୍ଧିତ



**ମଙ୍ଗଳପୁର, ୮।୧୧(ସମିସ):** ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପ୍ରତିଯୋଗିତା ଦଶରଥପୁର ବ୍ଲକ ଅନ୍ତର୍ଗତ ରାମଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୩୧ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯୁକ୍ତ ୨ ସ୍ତରୀୟ ପ୍ରତିଯୋଗିତାରେ ଅନୁଷ୍ଠିତ କ୍ରିଏଟିଂ ରାଇଟିଂ ବିଭାଗରେ ଅଂଶଗ୍ରହଣ କରି ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରୀ ସ୍ମୃତି ସୁବର୍ଣ୍ଣା ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରକାଶ ଯୋଗ୍ୟ ସ୍ମୃତିଙ୍କ ଜନ୍ମସ୍ଥାନ ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତସ୍ତ ପରମାନନ୍ଦପୁର ଶାସନ ଗ୍ରାମର ଦୁଦୁରାଅନ୍ତା ପଞ୍ଚାୟତ ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ତ୍ରିପାଠୀଙ୍କ କନ୍ୟା ହୋଇଥିବା ବେଳେ ଗରିବବନ୍ଧୁ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଅଟନ୍ତି। ସ୍ମୃତିଙ୍କ ସଫଳତା ପାଇଁ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ, ଏବିଡିଓ ତ୍ରିଲୋଚନ ସେଠୀ, ଦୁଦୁରାଅନ୍ତା ସରପଞ୍ଚ ଅପର୍ଣ୍ଣା ସେଠୀ, ଦୁଦୁରାଅନ୍ତା ପୂର୍ବତନ ସରପଞ୍ଚ ହିମାଦ୍ରି ଭୂଷଣ କୁଅଁର, ଦୁଦୁରାଅନ୍ତା ପଞ୍ଚାୟତ ବିଜେପି ସଭାପତି ଧନଞ୍ଜୟ ମଲ୍ଲିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# କବି ଚିନ୍ତାମଣି ବେହେରାଙ୍କ ୯୯ତମ ଜୟନ୍ତୀ

**ଉଦଳା,୮।୧୧(ସମିସ):** ଉଦଳା କବି ଚିନ୍ତାମଣି ବେହେରା ସ୍ମୃତି ପରିଷଦ ତରଫରୁ ଆଧୁନିକ ଓଡିଆ ଭାଷା ସାହିତ୍ୟର ଏକ ନିଷ୍ଠ କାବ୍ୟଶିଳ୍ପୀ, ଧୂରୀଣ ସମାଲୋଚକ, ପ୍ରବିଣ ଅନୁସ୍ରଷ୍ଟା, ସୁଯୋଗ୍ୟ ସଂକଳକ, ସୁସମ୍ପାଦକ, ଲୋକପ୍ରିୟ ଶିଶୁ ସାହିତ୍ୟିକ ତଥା ପ୍ରାକ୍ତନ ପ୍ରାଧ୍ୟାପକ କବି ଚିନ୍ତାମଣି ବେହେରାଙ୍କ ୯୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ସାରସ୍ୱତ ସାଧକ ରବିକାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଡ. ଦିଲ୍ଲୀପ କୁମାର ଦିକ୍ଷୀତ ମୁଖ୍ୟ ଅତିଥି ଏବଂ ଉଦ୍‌ଘାଟକଭାବେ ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ମୁଖ୍ୟବକ୍ତା ଡ. ଶ୍ୟାମସୁନ୍ଦର ପଣ୍ଡା, ବରେଣ୍ୟ ଅତିଥି ପଣ୍ଡିତ ଲକ୍ଷ୍ମୀଧର ପୁଥାଳ, ସମ୍ମାନିତ ବକ୍ତା ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ, ସମ୍ମାନିତ ଅତିଥି କିଶୋର ଚନ୍ଦ୍ର ଦାସବାବୁ, ଆଲୋଚକ ଭୋଳାନାଥ ସାହୁ, ସଙ୍ଗଠନର ସମ୍ପାଦକ ପ୍ରଫୁଲ୍ଲ ଖିଲାର ଯୋଗଦେଇ କବି ଚିନ୍ତାମଣି ବେହେରାଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିବା ସହ ଅନୁଷ୍ଠାନର ସ୍ରଷ୍ଟା ଡ. ପ୍ରଶାନ୍ତ କୁମାର ବେହେରାଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରାକ୍ତନ ସଂସ୍କୃତ ଶିକ୍ଷକ ବେଦ ପାଠ ସହ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବିଙ୍କ ପୌତ୍ର ରତିକାନ୍ତ ବେହେରା ଜେଜେଙ୍କ ସହିତ ଥିବା କିଛି ସ୍ମୃତିର ଝଲକ ପ୍ରଦାନ କରିଥିଲେ। ଶିଶୁ ସାହିତ୍ୟିକ ଶ୍ରୀକାନ୍ତ ବେହେରା, ସାମ୍ବାଦିକ ସୁବ୍ରତ ମହାନ୍ତି, କୃଷି ବୈଜ୍ଞାନିକ ପରେଶ ପାତ୍ର ପ୍ରମୁଖ ନିଜର ଅନୁଭୂତି ପ୍ରଦାନ କରିଥିଲେ। ପ୍ରାକ୍ତନ ପ୍ରାଧ୍ୟାପକ ଭୋଳାନାଥ ସାହୁଙ୍କୁ ସାହିତ୍ୟ କ୍ଷେତ୍ରରେ ସମାଜସେବା ଓ ନିଶା ନିବାରଣ ପାଇଁ ସୁନା ହାଁସଦାଙ୍କୁ ମାନପତ୍ର ତଥା ଉତ୍ତରୀୟ ସହ ସମ୍ମାନିତ କରାଯାଇଥିଲା। ଶେଷରେ ରଜତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।ତିନି ଗୋଟି ଅଧିକ ପଏଣ୍ଟ ଦେଇ ଚାମ୍ପିଅନ ହୋଇଛି।

# ଅରେଇ ଛକ-ବରୁଣେଶ୍ୱର ରାସ୍ତା ପୁନରୁଦ୍ଧାର ଦାବି

**ବିଞ୍ଝାରପୁର, ୮।୧୧(ସମିସ)**



ଯାଜପୁର ପ୍ରସିଦ୍ଧ ଶୈବକ୍ଷେତ୍ର ଭାବେ ଅରେଇ ପଞ୍ଚାୟର ବରୁଣେଶ୍ୱର କ୍ଷେତ୍ର ଜଣାଶୁଣା। ଏହି କ୍ଷେତ୍ରକୁ ଅରେଇ ଛକ ଦେଇ ମୁଖ୍ୟତଃ ଭକ୍ତ ମାନେ ଯାତାୟତ କରିଥାନ୍ତି। କିନ୍ତୁ ବଡ ଦୁଃଖର କଥା ଏହି କ୍ଷେତ୍ରରୁ ଅରେଇ ଛକ ଠାରେ ନିର୍ମାଣଧୀନ ବରୁଣେଶ୍ୱର କ୍ଷେତ୍ର ସ୍ୱାଗତମ ଗେଟ୍ ମଧ୍ୟରେ ଯୋଗାଯୋଗ ରକ୍ଷା କରିଛି ପୂର୍ତ୍ତ ବିଭାଗ ରାସ୍ତା। ଏହି ରାସ୍ତାଟି କେବଳ ମକର ମେଳା ସମୟ ଆସିଲେ ମରାମତି କରାଯାଉଛି। ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଆବଶ୍ୟକତା ଥିବା ବେଳେ ରାସ୍ତାଟିକୁ ମାତ୍ର ପିଚୁ ପକାଇ ପ୍ୟାଚ୍ ମରାଯାଉଛି। ୨୦୨୫ ମସିହା ମେଳା ସମୟରେ ମଧ ପିଚୁ ଗୋଡିରେ ପ୍ୟାଚ୍ ମରାଯାଇଥିବା ବେଳେ ରାସ୍ତାଟିକୁ ପୂନରୁଦ୍ଧାର ପାଇଁ ଗ୍ରାମବାସୀ ଅଧିକାରୀମାନଙ୍କୁ ଜଣାଇଥିଲେ। ଆଉ ମାତ୍ର ଅଳ୍ପ ଦିନ ରହିଲା ବରୁଣେଶ୍ୱର ମକର ମେଳା ଏ ପର୍ଯ୍ୟନ୍ତ ଏହି ରାସ୍ତା ଉପରେ ଅଧିକାରୀ ଠାରୁ ରାଜନେତା କାହାର ଶୁଭ ଦୃଷ୍ଟି ପଡ଼ିଲାନାହିଁ। ସବୁଠୁ ବଡ କଥା ହେଲା ଜାନୁଆରୀ ୧୪ରୁ ୨୨ ପର୍ଯ୍ୟନ୍ତ ଯେଉଁ ମେଳା ଲାଗେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ସମସ୍ତ ବିଭାଗର ଅଧିକାରୀମାନେ ଉକ୍ତ ରାସ୍ତା ଦେଇ ଯାତାୟତ କରିଥିଲେ ସୁଦ୍ଧା ରାସ୍ତାକୁ କିପରି ସରସ ସୁନ୍ଦର କରିବାକୁ ହେବ ତାହା ଦୃଷ୍ଟି ଦେଉନାହାନ୍ତି। କେବଳ ମକର ସମୟ ହେଲେ ଗୋଡ଼ି ପିଚୁ ପକାଇ ନିରବ ବସିଯାଉଛନ୍ତି। ଏହି ରାସ୍ତାଟି ସମ୍ପୂର୍ଣ୍ଣ ରୂପେ ଏକ ଗାଉଁଲି ରାସ୍ତା ହୋଇଥିବାରୁ ବର୍ଷା ଦିନରେ ମଧ୍ୟ ରାସ୍ତାରେ ବନ୍ୟା ସୃଷ୍ଟି ହେଉଛି। ଜଣେ ପଥଚାରୀ ରାସ୍ତାରେ ଯିବା ବେଳେ ଗାଡ଼ି ମଟର ଚଳାଚଳରେ କାଦୁଅ ପାଣି ଛିଟିକାରେ କାଦୁଅ ହୋଇଯାଇଛି। ଏହି ରାସ୍ତାଟି ନିର୍ମାଣରେ ବହୁ ତ୍ରୁଟି ରହିଛି। ଯାହାଫଳରେ ବର୍ଷା ପାଣି ନିଷ୍କାସନ ହେବାରେ ବାଧା ସୃଷ୍ଟି ହେଉଛି। ରାସ୍ତାଟି ଦିନକୁ ଦିନ ତାର ସ୍ଥିତି ହରାଇ ବସୁଛି। କେଉଁଟି ବ୍ୟକ୍ତିବିଶେଷ ମାନେ ରାସ୍ତାରେ ବାଡ଼ ବସାଇଲେଣି ତ କେଉଁଟି ଅଳିଆ ଆବର୍ଜନା ପଡ଼ି ରହିଛି। ଚଳିତ ବର୍ଷ ମାର୍ଚ୍ଚ ମାସରେ ଉକ୍ତ ରାସ୍ତା ଉପରେ ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ଅର୍ଥ ଖର୍ଚ୍ଚ ହୋଇ ରାସ୍ତା ମରାମତି କରାଗଲା। କିନ୍ତୁ ଏହା ଫଳପ୍ରଦ ହେଲାନାହିଁ। ଠିକାଦାର ଆବଶ୍ୟକ ପରିମାଣରେ ଉନ୍ନତ ମାନରେ କାମ କରି ମଧ୍ୟ ରାସ୍ତାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଲା। ତେବେ ଜନ ସାଧାରଣଙ୍କ କହିବା କଥା ଏହା ଏକ ଗାଉଁଲି ରାସ୍ତା ଏହି ରାସ୍ତା କଡରେ ଡ୍ରେନେଜ୍ ନଥିବା ବେଳେ ରାସ୍ତାକୁ ଠିକ୍ ଭାବରେ ନିର୍ମାଣ କରାଗଲେ ଜଳ ନିଷ୍କାସନ ହୋଇପାରିବ ନାହିଁ। ତେଣୁ ବିଭାଗୀୟ ଅଧିକାରୀ କେବଳ ମକରରେ ପିଚୁ ପକାଇ ରାଜକୋଷରୁ ଅର୍ଥ ଖର୍ଚ୍ଚ ନ କରି ରାସ୍ତା ପ୍ରତି ଦୃଷ୍ଟି ଦେଇ ରାସ୍ତାର ପୁନରୁଦ୍ଧାର କରିବା ଆବଶ୍ୟକତା ରହିଛି। ଯଦି ମକର ମେଳା ସମୟରେ ପିଚୁ ପକାଇ ରାଜ କୋଷରୁ ଅର୍ଥ ହଡପ କରାଯାଏ ତେବେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବାର ସମ୍ଭାବନା ରହିଛି।

ସୃଜନିକା

ସକାଳ
THE SAKALA
www.sakalaepaper.com

# ଶବ ଲୁଚିଛି





କାଶୀନାଥ ନନ୍ଦୀ

ଲୋକଟା ଶବ ହେଇ ଶୋଇ ଥିଲା । ଶବକୁ ଜାତୀୟ ପତାକାରେ ଢାଙ୍କି ଦିଆ ଯାଇଥିଲା । ଇହକାଳର ଶେଷ ସନ୍ତକ ତା' ଦେହକୁ ଜାତୀୟ ପତାକା ଲୁଚେଇ ଦେଇଥିଲା । ଯୋଗ ଏମିତି ସେଦିନ ସ୍ୱାଧୀନତା ଦିବସ ଥିଲା ।

ଲୋକଟା ମରି ଯାଇଛି ବୋଲି କାହା କାହା ଆଖିରୁ ଲୁହ ବହୁଥିଲା । କୋଉ ଆଖିର ଲୁହ ଲାଗୁଥିଲା ପାଣି, କୋଉ ଆଖିର ଲୁହ ଲାଗୁଲା ପ୍ଲାଷ୍ଟିକ ଲୁହ । ଶବକୁ ଶେଷ ଦର୍ଶନ କରିବାକୁ ଗମନା ଗମନ ଲାଗି ରହିଥିଲା । ଲୋକେ ଆସୁଥିଲେ । ପାଦରେ ଫୁଲ ଦେଉଥିଲେ । କିଏ କିଏ ଶବପାଦ-ଧୂଳି ନେଇ ମୁଣ୍ଡରେ ମାରୁଥିଲେ । ତାହା ସେମାନଙ୍କର ବୋଧହୁଏ ଅତି ପ୍ରବଣତା, ନ ହେଲେ ମିଛ ପ୍ରଦର୍ଶନ । ଏତିକି ପରେ ସେମାନଙ୍କ ଭିତରୁ କିଛି ରହୁଥିଲେ । କିଛି ଚାଲି ଯାଉଥିଲେ ।

ଶବ ଉଠିବାକୁ ବିଳମ୍ବ ହେଉଥିଲା । ବାସିମଡ଼ା ହେଇ ଶବ ଶଢୁଥିଲା । ତେବେ ମଢ଼ା ଗନ୍ଧକୁ ଜିତି ଯାଉଥିଲା ଅତର ଓ ଧୂପର ଗନ୍ଧ । ଅଳ୍ପ ଅଳ୍ପ ଗନ୍ଧକୁ ବେଶି ଗନ୍ଧ ଜିତି ଯାଉଥିଲା । ତେଣୁ ପବନରେ ସୁବାସ ଲାଗି ରହିଥିଲା । ପାର୍ଟି ଲୋକ, ସାଧାରଣ ଜନତା ଓ ଜ୍ଞାନ୍ତି କୁଟୁମ୍ବ ସମସ୍ତେ ଅପେକ୍ଷାରେ ଥିଲେ, ମନ୍ତ୍ରୀ ଆସିବେ । ମନ୍ତ୍ରୀ ଆସିଲେ ଆଗକୁ ଯାହା ହେବ ।

ଅନେକ ସମୟ ଏଇମିତି ରହି ରହି ବିତିଗଲା । ଅନେକ ସମୟ ଯାଇଥିବ, ହଠାତ୍ ଗୋଟେ ବଡ଼ ଗୁଞ୍ଜରଣ ସୃଷ୍ଟି ହେଲା ସମୂହରେ ଯେ 'ମନ୍ତ୍ରୀ ଆସୁଛନ୍ତି ।' ସେ ପୁରୁଣା ରାଜବାଟି ତଥା ଜିଲ୍ଲା ସମାବେଶ ପଡ଼ିଆରୁ ପତାକା ଉତ୍ତୋଳନ କଲାପରେ ସିଧା ଏଇଠିକୁ ଆସୁଛନ୍ତି । ହେଇ ଆସିଯିବେ । ସେ ଶେଷ ଦର୍ଶନ କରିବେ । ଫୁଲ ଦେଇ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବେ । ତା'ପରେ ଶବ ଶୋଭାଯାତ୍ରାରେ ବାହାରିବ । ଶବସତ୍କାର କରା ହେବ । ଶବକୁ ଜାତୀୟ ସମ୍ମାନ ଦିଆଯିବ ।

ଯାହାଙ୍କୁ ଅପେକ୍ଷା ସେ ଆସି ପହଞ୍ଚିବା ପହଞ୍ଚିବା ହେଉଛନ୍ତି, ତା' ଆଗରୁ ସେମାନେ ଦୁଇଜଣ ସମୁହଁ ଭିତରକୁ ପ୍ରବେଶ କଲେ । ସେମାନେ ମାଆଟିଏ, ପୁଅଟିଏ । ମାଆ ତ୍ରିରଙ୍ଗୀ ଜାତୀୟ ବେଶରେ । ପୁଅ ସାନଟେ, ସେ ସୁଭାସ ବୋଷଙ୍କ ବେଶରେ । କେତେ ଜଣଙ୍କ ଆଖିରେ ବିସ୍ମୟ ଓ ପ୍ରଶ୍ନ, ଏମାନେ କାହିଁକି ( ! ) ? ଯାହା ନ ହେବା କଥା ତା ହେବ ନାହିଁତ ? ସେଇ ବିସ୍ମୟ ଓ ପ୍ରଶ୍ନ ଭିତରେ ଲୁଚିଥାଇ କେତେ ଜଣ ଘାରି ହେଲେ । ତେବେ ସେଇ ମାଆ ପୁଅ ଭିତରକୁ ପ୍ରବେଶ କରି ଯାଇଥିଲେ । ଚାଲି ଚାଲି ସେମାନେ ଶବ ପାଖରେ ପହଞ୍ଚିଲେ । ସେଇ ଉଚ୍ଚତା ଉପରକୁ ଉଠିଗଲେ ଯେଉଁଠି ଶବ ରଖାଯାଇଥିଲା । ସମସ୍ତଙ୍କ ଆଖି ଏବେ ସେମାନଙ୍କ ଉପରେ । ମାଆର ଆଖି ଶବ ଉପରେ । ଜାତୀୟ ପତାକା ତଳେ ଲୁଚିଛି ଗୋଟେ ମଲାଦେହ । ପତାକାକୁ ଭେଦି ପାରୁ ନାହିଁ ଆଖି । ଆଖି ଦେଖି ପାରୁନାହିଁ ଗୋଟେ ଉଲଗ୍ନ ଦେହ । ଯେଉଁ ଦେହର ପ୍ରତିଟି ଅଂଶକୁ ସେଇ ମାଆଟି ଚିହ୍ନିଛି । ପ୍ରତିଟି ସ୍ପନ୍ଦନକୁ ସେ ଅନୁଭବ କରିଛି । ଜାଣିଛି ଜଣେ ମଣିଷର ମାୟାରୂପ କେମିତି ଭୟଙ୍କର । ଏବେ ସେଇ ମାଆ, ସେଇ ନାରୀ ଦେହରେ ନିଆଁ । ସେଇ ନିଆଁ ତା' ଆଖିରେ । ଯେମିତି ପୋଡ଼ି ଜାଳିଦେବ ଗୋଟେ ଦେହକୁ । ହେଲେ ସେ ପାରୁ ନାହିଁ । ତା' ଆଖି ଓ ସେଇ ଦେହ ମଝିରେ ଜାତୀୟ ପତାକା ରହିଛି । ଯାହା ମା' ଭାରତୀର ସନ୍ତକ, ସେଇ ଜାତୀୟ ପତାକା ଆଗରେ ମାଆଟିର ଆଖି ଟେକୁ ନାହିଁ । ଆଖି ନଇଁ ଯାଉଛି । ପତାକାକୁ ସମ୍ମାନ । ଶବକୁ ଘୃଣା । ମଝିରେ ଯେମିତି ରହିଯାଇଛି ସେଇ ମାଆ । ଭାବି ପାରୁ ନାହିଁ କ'ଣ ସେ କରିବ (?) ।

ଏତିକିବେଳେ ଯେଉଁ ସମୟକୁ ଅପେକ୍ଷା ଥିଲା ସେଇ ସମୟ ଆସିଗଲା । ମନ୍ତ୍ରୀ ପହଞ୍ଚୁଛନ୍ତି, ସେଉଠୁ ଆରମ୍ଭ ସ୍ଲୋଗାନ । ଶବର ଜୟ ଜୟକାର । ପୁଣି ସ୍ଲୋଗାନ ପରେ ନିରବତା । ଆସ୍ତେ ଆସ୍ତେ ମନ୍ତ୍ରୀ ତାଙ୍କ ଦଳବଳ ନେଇ ପ୍ରବେଶ କରୁଛନ୍ତି, ଠିକ୍ ଏତିକି ବେଳେ ହାତ ଉଠେଇଲା ସ୍ତ୍ରୀ ଲୋକଟି । ଶବକୁ ଢାଙ୍କି ଥିବା ଜାତୀୟ ପତାକାକୁ ଜୋର କରି ମୁଠେଇ ଧରିଲା । ଏମିତି ଉଠେଇଲା, ଲାଗିବ ସେ ତା'ର ସମସ୍ତ ବଳ ସେଇଠି ଲଗେଇ ଦେଇଛି । ଘୃଣାରେ ନିଆଁ ଲାଗିଥିଲା । ସେ ଚିତ୍କାର କରି କହି ଉଠିଲା, "ତୁ ଏ ପତାକାର ଯୋଗ୍ୟ ନୁହଁ ପାପୀ... । ତୁ ନର୍ଦ୍ଦମାର ପୋକ । ନର୍ଦ୍ଦମାରେ ତୋ ସ୍ଥାନ... ।"

ଏକାବେଳେ ସମସ୍ତେ ସ୍ତବ୍ଧ ।

ଏବେ ସମସ୍ତଙ୍କ ଆଖି ସେଇ ମାଆଟି ଉପରେ ସ୍ଥିର । ସମସ୍ତେ ଦେଖୁଥିଲେ, ଗୋଟେ ନାରୀର ମୁହଁ । ଯେଉଁ ମୁହଁରେ କି ନିଆଁ ଲାଗି ଥିଲା । ଘୃଣା ଉପରେ ଦାଉ ଦାଉ ଜଳୁଥିଲା ନିଆଁ । ଏଥର ସେ ଥୁ ଥୁ କରି ତିନି ଲଣ୍ଡା ଛେପ ପକାଇଲା ଶବର ମୁହଁ ଉପରକୁ, ଯେମିତି ତ୍ରିବାର ସତ୍ୟକୁ ସେଇଠି ସେ ଓହ୍ଲେଇ ଦେଲା । ତାପରେ ସେ ତା' ବେନି ହାତରେ ଧରିଲା ପତାକା । ଊର୍ଦ୍ଧ୍ୱକୁ ଉଠାଇଲା । ତା' ହାତ ଯେମିତି ଖମ୍ବ ପରି ଟେକି ଧରିଥିଲା ପତାକାକୁ । ପବନ ସେଇ ପତାକାକୁ ଉଡ଼ାଇବାକୁ ଆରମ୍ଭ କଲା । କୁନି ସୁବାସ କ'ଣ ଭାବିଲା କେଜାଣି, ସେ ସାଲୁଟ କଲା ପତାକାକୁ ।

ସେଇଠି ବହୁ ଲୋକ, ଚାଲି ଆସୁଥିଲା ବହୁ ପାଦ, ସବୁ ରହିଗଲା । ରହିଗଲା ଦେଖୁଥିବା ସମସ୍ତ ଆଖି । ରହିଗଲା, ଶୁଣୁଥିବା ସବୁ କାନ । ରହିଗଲା କହୁଥିବା ଯେତେ ପାଟି । ସବୁ ମଣିଷ ଏବେ ତିନି ମାଙ୍କଡ଼ । ଦେଖି, ଦେଖୁ ନ ଥିଲେ । ଶୁଣି, ଶୁଣୁ ନ ଥିଲେ । ପାଟିଥାଇ କଥା କହୁ ନ ଥିଲେ । ସେମିତି ସ୍ଥିର । ସେମିତି ଅନ୍ଧ, ମୂକ, ବଧିର । ସେଇ ସ୍ଥିରତା ଉପରେ ପବନ ବହୁଥିଲା । ଜାତୀୟ ପତାକା ଫର୍ ଫର୍ ଉଡୁଥିଲା । ■

ରାଉରକେଲା
ମୋ : ୯୮୬୧୬୫୫୩୫୭

# ନୀରବତା



ଅକ୍ଷୟ ବେହେରା

ସେ ଏକ ଏମିତି ରଜ୍ଜୁ
ନିରନ୍ତର ଛନ୍ଦି ଦେଉଥାଏ
ମନ ସହ ମନ...

ତମେ କେଉଁଠି
ମୁଁ କେଉଁଠି
ଏକା ପରି ଲାଗୁ ନାହିଁ କି
ଦୁଇଟି ହୃଦୟ?

ଯାହାଯାହା ସଞ୍ଚି ନେଲେ
ଏ ଦୀର୍ଘ ଯାତ୍ରା ପଥରୁ
ସେ ସବୁ ନୁହେଁ କି ଆମ
ନୀରବ – ସମ୍ପଦ...

ଏବେ
ଯେବେ ଫେରୁଛି
ସେଇ ସବୁ ଚିଠିର
ନକଲ ପାଖକୁ
କିଏ ଲେଖିଛି ଏ ସବୁ
ନିଜେ ଲେଖି ନିଜେ ବିସ୍ମିତ ହୁଏ...

କେତେ ପରିଷ୍କାର ପରିଚ୍ଛନ୍ନ
ସେ ପଥ
ଦିନ ଦିନ ଏକ ଲୟ-
ସବୁ ନୀରାମୟ...

ଆତଙ୍କର ବଳୟରେ ଥାଇ
କେମିତି ସମ୍ଭବ?

ଏମିତି ଅସୁମାରୀ ସ୍ମୃତି ସମ୍ପଦ
ବ୍ୟାପିଛି ଦିଗ୍‌ବଳୟରୁ
ଦିଗ୍‌ବଳୟର ପଣତ ପରି
ମାଟିରୁ ଆକାଶ...

ଏବେ
ନୀରବତା
ନୀରବରେ
ନୀରବରେ
ନିରନ୍ତର
ତମ କଥା କହେ... ■

ଭୁବନେଶ୍ୱର - ୭୫୧୦୧୬
ମୋ: ୯୪୩୭୨୭ ୯ ୯୪୧

# ଭୂମିଲଗ୍ନା



ସେନାପତି ପ୍ରଦ୍ୟୁମ୍ନ କେଶରୀ

ଦେହ ମାଟି ହେଲେ ମହୁ ମହୁ ବାସେ ।

ଦୁଷ୍ଟାମି କଣ ମହୁଠୁ କମ୍ ମିଠା କି ?
ଅଧା ବାଟରେ ଖରା ଟିକେ ରହିଯାଏ
ହୃଦୟ କ୍ଷେତଆଡ଼େ ଚାହେଁ
ଶାଗୁଆ ଘାସ ଦେହରେ କାହାର ଚିହ୍ନା ଚିହ୍ନା ଛାଇ
ଖରାକୁ ଆଖିର ଇସାରାରେ ପାଖକୁ ଡାକେ ।

ବର୍ଷାରେ ତିନ୍ତି ବୁଡ଼ି
ଗାଲେଇ ପଡ଼ିଥିବା ପକ୍ଷୀ
ଖରାର ଆଲିଙ୍ଗନରେ
ଅଳସ ଭାଙ୍ଗି ଜୁଆନ୍ ପୃଥିବୀକୁ ଦେଖେ ।

ଦେହ ଦୋଳିରେ ଝୁଲୁ ଝୁଲୁ କେତେବେଳେ
ଢୁଳେଇ ପଡ଼େ ଥକିଲା ପବନ
ଶ୍ୟାମ ଶ୍ୟାମ ଲାଗୁଥିବା ଈଷତ୍ ଅନ୍ଧାର
ଛପି ଛପି ଆସି ଆଖି ବୁଜି ଧରେ ତ
ଲାଜରେ ଦମ୍ ଦମ୍ ହୁଏ ଗୋରୀ ଜହ୍ନ ।


ତୁମ ଦେହ ଗଛ ବଢ଼ି ବଢ଼ି ଯାଏ ଆକାଶ ଛୁଇଁବାକୁ
ଖସି ଖସି ଆସ ତୁମେ ମେଘ ପରି
ମୋ ଛାତିର ପାହାଡ଼କୁ ମୋତେ ଟିକେ ଶରଧାରେ
ଭିଡ଼ି ଧରି ତୁମ ଉଷ୍ମ ନିଃଶ୍ୱାସରେ ମିଶାଇ ଦେବାକୁ ।

ଯେଉଁଠି ମୁହାଣ, ସେଠି ସବୁବେଳେ
ମିଳନର ବାରମାସୀ ବସନ୍ତ

ସେ ଗୋଟେ ଏମିତି ଜାଗା
ଯେଉଁଠି ନଥାଏ ବ୍ୟର୍ଥତା,
ନଥାଏ ଭୟ କି ଶୂନ୍ୟତା
କ୍ଷୀର ପରି ଦିଶୁଥାଏ ନଈ ଜଳ
ମିଶ୍ରି ପାଣି ପରି ଲାଗେ ଖାର ସମୁଦ୍ର !

ଦେହ ମାଟି ହେଲେ ପାଲଟି ଯାଏ ଅମୃତ
ଭୂମିଲଗ୍ନା ହେଲେ
ଦେହର ଉପବନରେ ଲାଗିଯାଏ ମହୁମାଛିଙ୍କ ଭିଡ଼! ■

ଜଗନ୍ନାଥ କଲୋନୀ, ବାଲିକୁଦା
ପୋଷ୍ଟ: ଗୋପାଳପୁର
କଟକ: ୭୫୩୦୧୧
ମୋ : ୬୩୭୧୫୨୩୫୯୮



# ତତ୍ତ୍ୱ ଓ ଭାଷା



ଡକ୍ଟର ଦେବାଶିଷ ମହାପାତ୍ର

ଭାଷା ପାଇଁ ଭାରତ ବିଶ୍ୱବିଖ୍ୟାତ । ତତ୍ତ୍ୱ ପାଇଁ ବି । ବିଶେଷତଃ, ସାହିତ୍ୟତତ୍ତ୍ୱ । ଭାମହ, ଦଣ୍ଡୀ, ବାମନ, ଆନନ୍ଦବର୍ଦ୍ଧନ, ଅଭିନବଗୁପ୍ତ, କୁନ୍ତକ, କ୍ଷେମେନ୍ଦ୍ର, ବିଶ୍ୱନାଥ କବିରାଜଙ୍କ ସମେତ ବହୁ ଆଚାର୍ଯ୍ୟ, ସାହିତ୍ୟତତ୍ତ୍ୱ ବ୍ୟାଖ୍ୟା କରି ଭାରତୀୟ ଭାଷା ଓ ସାହିତ୍ୟର ପ୍ରସାର କରିଛନ୍ତି । ଆଚାର୍ଯ୍ୟ ବାମନଙ୍କ ମତ, "ରୀତିରାତ୍ମା କାବ୍ୟସ୍ୟ" । କୁନ୍ତକ କହନ୍ତି, "ବକ୍ରୋକ୍ତନି କାବ୍ୟ ଜୀବିତମ୍" । ବିଶ୍ୱନାଥ କବିରାଜ ମତ ଦିଅନ୍ତି, "କାବ୍ୟଂ ରସାତ୍ମକଂ କାବ୍ୟଂ" । ଷଷ୍ଠ ଶତାବ୍ଦୀର ବାମନଙ୍କ 'କାବ୍ୟାଳଙ୍କାର' ସପ୍ତମ ଶତାବ୍ଦୀର ଦଣ୍ଡୀଙ୍କ 'କାବ୍ୟାଦର୍ଶ', ଅଷ୍ଟମ ଶତାବ୍ଦୀର ଆଚାର୍ଯ୍ୟ ବାମନଙ୍କ 'କାବ୍ୟାଳଙ୍କାର ସୂତ୍ର', ନବମ ଶତାବ୍ଦୀର ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନ୍ୟାଲୋକ' ଆମକୁ ତତ୍ତ୍ୱ ଓ ଭାଷା ମଧ୍ୟରେ ପରସ୍ପରର ସମ୍ପର୍କ କଥା କହେ । ସେହିଭଳି ବିଶ୍ୱନାଥ କବିରାଜଙ୍କ 'ସାହିତ୍ୟ ଦର୍ପଣ', ମମ୍ମଟ ଭଟ୍ଟଙ୍କ 'କାବ୍ୟ ପ୍ରକାଶ', ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନ୍ୟାଲୋକ' ଭାଷାର ଆବଶ୍ୟକତା କଥା ଆମକୁ ଅବଗତ କରାଏ । ଆମେ ସମୟର ତାଳେ ତାଳେ ଆଗକୁ ଅଗ୍ରସର ହେଉଛେ । ତେବେ ପାଶ୍ଚାତ୍ୟ ତତ୍ତ୍ୱ ଓ ପ୍ରାଚୀନତତ୍ତ୍ୱର ଭାଷା ଏବେ ବି ଭାଷାର ବ୍ୟବହାର ଓ ଭୂମିକା କଥା ଆମକୁ ସୂଚାଇ ଦିଏ । ଭାମହଙ୍କ 'କାବ୍ୟାଳଙ୍କାର', କ୍ଷେମେନ୍ଦ୍ରଙ୍କ 'ଔଚିତ୍ୟ', ବାମନଙ୍କ 'ରୀତି', କୁନ୍ତକଙ୍କ 'ବକ୍ରୋକ୍ତି', ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନି' ଓ ବିଶ୍ୱନାଥ କବିରାଜଙ୍କ 'ରସ' ଆମକୁ ଭାଷାର ବୈଶିଷ୍ଟ୍ୟ କହେ । ତତ୍ତ୍ୱରେ ଭାଷାର ପ୍ରୟୋଗ ବାସ୍ତବିକ ବିସ୍ମୟକର । ଆମେ ତତ୍ତ୍ୱ ଓ ଭାଷା କ୍ରମରେ ଭାରତୀୟ ସାହିତ୍ୟ ତତ୍ତ୍ୱର ବ୍ୟାଖ୍ୟାକାର ଆଚାର୍ଯ୍ୟଗଣଙ୍କ ମଧ୍ୟରୁ କେତେ ଜଣଙ୍କର ଭାଷା ଓ ବୈଶିଷ୍ଟ୍ୟ କଥା ବିଚାର କରିବା ।

ଦ୍ୱାଦଶ ଶତାବ୍ଦୀର ଜଣେ ଜୈନାଚାର୍ଯ୍ୟ ଭାବେ ପ୍ରସିଦ୍ଧି ପାଇଥିବା ହେମଚନ୍ଦ୍ର 'କାବ୍ୟାନୁଶାସନ' ଗ୍ରନ୍ଥର ରଚୟିତା । ଅଭିନବଗୁପ୍ତ ଓ ମମ୍ମଟଙ୍କ ବିଚାରଧାରା ଦ୍ୱାରା ପ୍ରଭାବିତ ହେମଚନ୍ଦ୍ରଙ୍କ ଦୁଇ ପ୍ରମୁଖ ଶିଷ୍ୟ ରାମଚନ୍ଦ୍ର ଓ ଗୁଣଚନ୍ଦ୍ର 'ନାଟ୍ୟଦର୍ପଣ' ରଚନା କରିଥିଲେ । ହେମଚନ୍ଦ୍ର ସ୍ୱରଚିତ 'କାବ୍ୟାନୁଶାସନ'ର ଗୋଟିଏ ଟୀକା ମଧ୍ୟ ପ୍ରସ୍ତୁତ କରିଛନ୍ତି । ଭାରତୀୟ ସାହିତ୍ୟତତ୍ତ୍ୱର ଭାଷା ବିଚାର ଦିଗରେ ଏସବୁ ଗ୍ରନ୍ଥ ଅତ୍ୟନ୍ତ ଉପାଦେୟ ମନେହୁଏ । ସପ୍ତମ ଶତାବ୍ଦୀର ଆଚାର୍ଯ୍ୟ ଦଣ୍ଡୀଙ୍କ 'କାବ୍ୟାଦର୍ଶ' ଏ ଦୃଷ୍ଟିରୁ ଆଉ ଏକ ଅନନ୍ୟ ଉଦାହରଣ । ଏଥିରେ ସମୁଦାୟ ଚାରିଟି ପରିଚ୍ଛେଦ ଓ ଛ' ଶହ ପଚାଶଟି ଶ୍ଳୋକ ଅଛି । ଗ୍ରନ୍ଥଟି କନ୍ନଡ଼ ଓ ସିଂହଳୀ ଭାଷାରେ ଲିଖିତ । ତିବ୍ବତୀୟ ଭାଷାରେ ବି ଏହାର ଅନୁବାଦ ଦେଖିବାକୁ ମିଳେ ଯାହାକି, ଭାଷା ଦୃଷ୍ଟିରୁ କାବ୍ୟାଦର୍ଶର ଲୋକପ୍ରିୟତା ଓ ଆବଶ୍ୟକତାର ପ୍ରମାଣ ଦିଏ । ଗୌଡ଼ୀ ଓ ବୈଦର୍ଭୀ ରୀତିର ଭିନ୍ନତାକୁ ସେ ଖୁବ୍ ସୁନ୍ଦର ଭାବରେ ପ୍ରକାଶ କରି ଭାଷା ଓ ତତ୍ତ୍ୱ ଉପରେ ଥିବା ତାଙ୍କ ଜ୍ଞାନର ଗଭୀରତା ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି । କାବ୍ୟଲକ୍ଷଣ, କାବ୍ୟଭେଦ, ଗୁଣ, ଅର୍ଥାଳଙ୍କାର, ଯମକାଳଙ୍କାର, ଦଶବିଧି କାବ୍ୟଦୋଷ ପ୍ରଭୃତି ଏହି କାବ୍ୟାଦର୍ଶରେ ସୂତ୍ର ଭାବରେ ବର୍ଣ୍ଣିତ ହୋଇଛି । ଆଳଙ୍କାରିକ ଦଣ୍ଡୀଙ୍କ ଭାଷା ପ୍ରୟୋଗ ଅତି ଚମତ୍କାର । ତ୍ରୟୋଦଶ ଶତାବ୍ଦୀର ଜଣେ ପ୍ରମୁଖ ଆଳଙ୍କାରିକ ଶାରଦାତନୟ । ତାଙ୍କର ଏକ ଉଲ୍ଲେଖନୀୟ ଅବଦାନ 'ଭାବପ୍ରକାଶ' । ଦଶଟି ଅଧ୍ୟାୟରେ ବିଭକ୍ତ ହୋଇଥିବା ଏହି ଗ୍ରନ୍ଥ 'ଭାବପ୍ରକାଶ'ରେ ଶବ୍ଦାର୍ଥ ସମ୍ବନ୍ଧ ବିଷୟରେ ଆଲୋଚନା ଦେଖିବାକୁ ମିଳେ, ଯାହାକି ଭାଷାର ପ୍ରୟୋଗ ବିଧି ବିଷୟରେ ସୂଚାଇବା ସହ ଭାଷା ଓ ଶବ୍ଦ କଥା କହିଥାଏ । ଅଷ୍ଟମ ଶତାବ୍ଦୀର ଅଳଙ୍କାର ପ୍ରସ୍ଥାନର ଜଣେ ଅଗ୍ରଗଣ୍ୟ ଆଚାର୍ଯ୍ୟ ଉଦ୍ଭଟ । ବିଖ୍ୟାତ ବିଦ୍ୱାନ ଭାବେ ନିଜକୁ ପ୍ରତିଷ୍ଠିତ କରିଥିବା ଉଦ୍ଭଟଙ୍କ ରଚିତ 'କାବ୍ୟାଳଙ୍କାର ସାର ସଂଗ୍ରହ' ଏକ ଅତି ଉପାଦେୟ ଗ୍ରନ୍ଥ । ଉଦ୍ଭଟ ଶବ୍ଦ ଭେଦରୁ ଅର୍ଥଭେଦ କଳ୍ପନା କରିଥିଲେ । ଶ୍ଳେଷାଳଙ୍କାରର ଦୁଇଟି ବିଭାଗ ଯଥା: 'ଶବ୍ଦଶ୍ଳେଷ' ଓ 'ଅର୍ଥଶ୍ଳେଷ' ବୋଲି ସେ ବିଭାଜନ କରିଥିଲେ ହେଁ ଏସବୁକୁ ସେ ଅର୍ଥାଳଙ୍କାର ଭାବରେ ପ୍ରାଧାନ ଦେଇଥିଲେ । ଅର୍ଥ ଉପରେ ବିଶେଷ ଗୁରୁତ୍ୱ ଦେଇ ଉଦ୍ଭଟ କରିଥିବା ଯୁକ୍ତିଯୁକ୍ତ ଆଲୋଚନା, ଭାଷା ଦୃଷ୍ଟିରୁ ଅତ୍ୟନ୍ତ ପ୍ରାସଙ୍ଗିକ ଓ ତାତ୍ପର୍ଯ୍ୟପୂର୍ଣ୍ଣ । ଆଳଙ୍କାରିକ ମମ୍ମଟଙ୍କ 'କାବ୍ୟପ୍ରକାଶ' ଉପରେ ଟୀକା ଲେଖିବା ସହ ଅନେକ ଗ୍ରନ୍ଥର ରଚୟିତା ଭାବେ ଖ୍ୟାତ । ଦ୍ୱାଦଶ ଶତାବ୍ଦୀର ଆଲୋଚକ ରୂପ୍ୟକ 'ଅଳଙ୍କାର ସର୍ବସ୍ୱ' ଗ୍ରନ୍ଥ ପାଇଁ ବିଶେଷ ଭାବେ ପରିଚିତ ଓ ପ୍ରତିଷ୍ଠିତ । ଏହା ତାଙ୍କର ମୌଳିକ ଗ୍ରନ୍ଥ । ଏଥିରେ ସେ ୭୫ଟି ଅର୍ଥାଳାଙ୍କାର ଓ ୬ଟି ଶବ୍ଦାଳଙ୍କାରର ବିଶେଷ ବିଶ୍ଳେଷଣ କରିଛନ୍ତି ଯାହାକି ଭାଷା ଅନୁଶୀଳନ ଦୃଷ୍ଟିରୁ ଉଦାହରଣ ସ୍ଥାନୀୟ । ପଣ୍ଡିତ ଜଗନ୍ନାଥ ସପ୍ତଦଶ ଶତାବ୍ଦୀର ଜଣେ ସ୍ୱନାମଧନ୍ୟ କବି ଓ ସମାଲୋଚକ ଭାବେ ସୁପରିଚିତ ଆଳଙ୍କାରିକ ଓ ନୈୟାୟିକ ଭାବେ ମଧ୍ୟ ପ୍ରତିଷ୍ଠା ଅର୍ଜନ କରିଥିଲେ । ତାଙ୍କର 'ରସଗଙ୍ଗାଧର' ନାମକ ଗ୍ରନ୍ଥଟି ପାଣ୍ଡିତ୍ୟପୂର୍ଣ୍ଣ ରଚନା ଭାବେ ଆଲୋଚିତ ହୁଏ । ଭାଷାର ପ୍ରୟୋଗ ସହ ରସ ଓ ଅଳଙ୍କାର ବିଷୟରେ ତାଙ୍କର ବାଖ୍ୟା ଓ ସୈଦ୍ଧାନ୍ତିକ ବିଚାର ଆଲୋଚନା ବେଶ୍ ବୁଦ୍ଧି-ଦୀପ୍ତ । ବିଷୟ ବିଚାର ଆଲୋଚନାରେ ତାଙ୍କର ମୌଳିକତା, ନୂତନତା, ଭାଷା ପ୍ରୟୋଗରେ ବିବିଧତା ପଣ୍ଡିତରାଜ ଜଗନ୍ନାଥଙ୍କୁ ଭାରତୀୟ ସାହିତ୍ୟ ତତ୍ତ୍ୱରେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ କରିପାରିଛି । 'ଏକାବଳୀ' ନାମକ ଅଳଙ୍କାର ଗ୍ରନ୍ଥର ପ୍ରଣୟନ କରି ପ୍ରତିଷ୍ଠିତ ହୋଇଥିବା ଚତୁର୍ଦ୍ଦଶ ଶତାବ୍ଦୀର ଅନନ୍ୟ ଆଳଙ୍କାରିକ ବିଦ୍ୟାଧର ତାଙ୍କର ଏହି ଗ୍ରନ୍ଥରେ ଧ୍ୱନିଭେଦ, ଶବ୍ଦାଳଙ୍କାର, ଅର୍ଥାଳଙ୍କାର, ଗୁଣ ଓ ରୀତି ବିଷୟରେ ବିଶେଷ ଦୃଷ୍ଟିପାତ କରିଛନ୍ତି ।

ଏକାଦଶ ଶତାବ୍ଦୀର ଆଲୋଚକ ଓ ଆଳଙ୍କାରିକ ଭାବେ ନିଜର ପ୍ରତିଷ୍ଠା ଲାଭ କରିଥିବା ଭୋଜରାଜ ସାହିତ୍ୟ ସିଦ୍ଧାନ୍ତ ସମୂହର ସଫଳ ସଂଗ୍ରାହକ ଭାବେ ମଧ୍ୟ ସୁପରିଚିତ । 'ସରସ୍ୱତୀ କଣ୍ଠାଭରଣ' ଗ୍ରନ୍ଥର ପାଞ୍ଚଟି ପରିଚ୍ଛେଦରେ ଭାଷାର ଅପୂର୍ବ ପ୍ରୟୋଗ କରିଛନ୍ତି । ଭାମହ, ବାମନ, ଦଣ୍ଡୀ, କୁନ୍ତକ, କ୍ଷେମେନ୍ଦ୍ର, ଆନନ୍ଦବର୍ଦ୍ଧନ, ବିଶ୍ୱନାଥ କବିରାଜ, ରୁଦ୍ରଟ, ମମ୍ମଟଙ୍କ ଅବଦାନ ଭଳି ଭୋଜରାଜଙ୍କ ଅବଦାନକୁ ମଧ୍ୟ ଅନସ୍ୱୀକାର୍ଯ୍ୟ ଓ ଅବିସ୍ମରଣୀୟ କୁହାଯାଏ । ତତ୍ତ୍ୱ ଓ ଭାଷାର ସଂପର୍କ ତଥା ସମନ୍ୱୟ, ଭାଷା ଆଲୋଚକଙ୍କୁ ଆଜି ବି ବିସ୍ମିତ କରେ । ଯଥାର୍ଥରେ ଆଳଙ୍କାରିକ ଭାମହ କହନ୍ତି, ବର୍ଣ୍ଣ ସମୁଦାୟ ହିଁ ଶବ୍ଦ । ଶବ୍ଦ ହିଁ କାବ୍ୟ । ଏଣୁ କବି ଶବ୍ଦ ବ୍ୟବହାର ପୂର୍ବରୁ ଶବ୍ଦର ଶୁଦ୍ଧତା, ଅଶୁଦ୍ଧତା ବିଷୟରେ ଧ୍ୟାନ ଦେବା । ■

ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ
ଏନ୍.ସି.ଇ.ଆର୍.ଟି, ଭୁବନେଶ୍ୱର-୨୨
ମୋ: ୬୩୭୨୦୮୨୬୯୦

## ପତ୍ରିକା ପରିଚୟ

### ବନଫୁଲ

**ସଂପାଦକ : ରତ୍ନାକର ନାୟକ**




ରାଜନଗର
କେନ୍ଦ୍ରାପଡ଼ା -୨୫
ମୂଲ୍ୟ: ୨୦୦ ଟଙ୍କା

ରତ୍ନାକର ନାୟକଙ୍କ ସଂପାଦିତ 'ବନଫୁଲ'ର ଶାରଦୀୟ ବିଶେଷାଙ୍କ ପ୍ରକାଶ ପାଇଛି । ଏହି ସଂଖ୍ୟାର 'କଳାଜୟୀ କାହାଣୀ' ବିଭାଗରେ ବ୍ରହ୍ମାନନ୍ଦ ପଣ୍ଡାଙ୍କ 'ପାଗଳ' ଗପଟି ହୃଦୟସ୍ପର୍ଶୀ ହୋଇଛି । ସେହିପରି ସୁଷମା ପରିଜାଙ୍କ 'ଦଶ ମହାବିଦ୍ୟା'ରେ ଦଶ ମହାବିଦ୍ୟାଙ୍କ ସ୍ୱରୂପ ଓ ମାହାତ୍ମ୍ୟ ସଂପର୍କରେ ଆଲୋଚନା କରାଯାଇଛି । ସେଭଳି ଡକ୍ଟର ତ୍ରିନାଥ ପଟ୍ଟନାୟକ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଗାୟତ୍ରୀ ଆର୍ଯ୍ୟ, ଭାଗୀରଥି ବେହେରା ପ୍ରମୁଖଙ୍କ ଗଳ୍ପଗୁଡ଼ିକ ମାର୍ମିକ ହୋଇଛି । 'କବିତା ବିଭାଗ'ରେ ସଦାଶିବ ଦାଶ, ସୌଭାଗ୍ୟବନ୍ତ ମହାରଣା, ରବି ଶତପଥୀ, ସୁଶାନ୍ତ କୁମାର ନାୟକ, ଶିଶିର ନାୟକ, ସୁଧୀର ମେହେର, ମନୋଜ ମେହେର ପ୍ରମୁଖଙ୍କ କବିତା ଭାବଗର୍ଭକ ଓ ମନଛୁଆଁ ହୋଇଛି । ସେଭଳି ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଶରତ ଚନ୍ଦ୍ର ମହାପାତ୍ର, ଡକ୍ଟର ସୁସ୍ମିତା କୁମାରୀ ପାତ୍ର, ବିଜୟ ଲକ୍ଷ୍ମୀ ଦାଶଙ୍କ ପ୍ରବନ୍ଧ ଓ ଆଲୋଚନା ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ହୋଇଛି । 'ବନଫୁଲ'ର ଏସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ବାଟୋଇ

**ସଂପାଦକ : ଶତ୍ରୁଘ୍ନ ତରାଇ**




ରାଜନଗର
କେନ୍ଦ୍ରାପଡ଼ା -୭୫୪୨୨୫
ମୂଲ୍ୟ: ୧୫୦ ଟଙ୍କା

ଜୀବନ ଜିଜ୍ଞାସାର ଅଭିଯାତ୍ରୀ 'ବାଟୋଇ'ର ମହାପୂଜା ୨୦୨୫ ସଂଖ୍ୟାଟି ଆକର୍ଷଣୀୟ ହୋଇଛି । ଶତ୍ରୁଘ୍ନ ତରାଇଙ୍କ ସଂପାଦନାରେ ପ୍ରକାଶିତ 'ବାଟୋଇ'ର ଏହି ସଂଖ୍ୟାଟି ବହୁ ବରିଷ୍ଠ, ଯୁବ ଲେଖକଙ୍କ ଲେଖାରେ ସମୃଦ୍ଧ ହୋଇଛି । 'ପ୍ରବନ୍ଧ ବିଭାଗ'ରେ ଆଶୁତୋଷ ପରିଡ଼ା, ଡକ୍ଟର ସର୍ବେଶ୍ୱର ସେଣ, ମନୋଜ ପଟ୍ଟନାୟକ, ଡକ୍ଟର ଭରତ ବେହେରା, ଡକ୍ଟର ବେଣୁଧର ପାଢ଼ୀ ପ୍ରମୁଖଙ୍କ ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ପ୍ରବନ୍ଧ ପ୍ରକାଶ ପାଇଛି । ସେହିପରି ପରେଶ ପଟ୍ଟନାୟକ, ରବି ସ୍ୱାଇଁ, ସଦାନନ୍ଦ ତ୍ରିପାଠୀ, ଗିରୀଶ ସାହୁ, ଅଧ୍ୟାପକ ରମେଶ ଦାସ ପ୍ରମୁଖଙ୍କ ଗପଗୁଡ଼ିକ ମନଛୁଆଁ ହୋଇଛି । 'କବିତା ବିଭାଗ'ରେ ଫନୀ ମହାନ୍ତି, ଅମରେଶ ପଟ୍ଟନାୟକ, ବଂଶୀଧର ଷଡ଼ଙ୍ଗୀ, ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ର, ସୂର୍ଯ୍ୟ ମିଶ୍ର ପ୍ରମୁଖଙ୍କ କବିତାରେ ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ଅତି ମାର୍ମିକ ଭାବେ ଫୁଟି ଉଠିଛି । ସେହିପରି ସଂପାଦକୀୟଠାରୁ ଆରମ୍ଭ ଫିଚର, ସୃଜନ ଆଳାପ, ଅନୁଭବ ଓ ଅନୁଭୂତି, ପୁସ୍ତକ ସମୀକ୍ଷା ଆଦି ବିଭାଗର ଲେଖାଗୁଡ଼ିକ ମଧ୍ୟ ହୃଦୟସ୍ପର୍ଶୀ ହୋଇଛି । ■

### ଗୌରବ

**ସଂପାଦକ : ସଙ୍କର୍ଷଣ ଦାଶ**




ଠାକୁର ସାହି, ପୋ: ବାଟିପଡ଼ା
କେନ୍ଦ୍ରାପଡ଼ା -୭୫୪୨୧୮
ମୂଲ୍ୟ:୧୫୦ ଟଙ୍କା

ମୌଳିକ ଓ ଗବେଷଣାଧର୍ମୀ ସୃଜନର ସମାବେଶ 'ଗୌରବ'ର ପୂଜା ବିଶେଷାଙ୍କ ୨୦୨୫ ଆମର ହସ୍ତଗତ ହୋଇଛି । ସଙ୍କର୍ଷଣ ଦାଶଙ୍କ ସଂପାଦନାରେ ପ୍ରକାଶ ପାଇଥିବା 'ଗୌରବ'ର ଏହି ସଂଖ୍ୟାରେ 'କବିତା ଚିରନ୍ତନୀ'ରେ ରମାକାନ୍ତ ରଥଙ୍କ 'କାଞ୍ଚନ', କମଳାକାନ୍ତ ଲେଙ୍କାଙ୍କ 'ଯୋଗୀରେ ଯୋଗୀ', ଦୀପକ ମିଶ୍ରଙ୍କ 'ପାରି ହେବା' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । 'ଗଳ୍ପ କାଳଜୟୀ'ରେ ରାମଚନ୍ଦ୍ର ବେହେରାଙ୍କ 'ଦୁଇଟି ଉଦ୍ଭଟ ଚରିତ୍ର' ଗଳ୍ପଟି ମନଛୁଆଁ ହୋଇଛି । ପ୍ରବନ୍ଧ ବିଭାଗରେ ଡ. କୈଳାସ ଚନ୍ଦ୍ର ଟିକାୟତ ରାୟ, ଡ. ନଟବର ଶତପଥୀ, ଶତ୍ରୁଘ୍ନ ପାଣ୍ଡବ ପ୍ରମୁଖଙ୍କ ପ୍ରବନ୍ଧଗୁଡ଼ିକ ଉଚ୍ଚାଙ୍ଗ ଓ ମନନଶୀଳ ହୋଇଛି । ସେହିପରି ଫନୀ ମହାନ୍ତି, ଗିରିଜା କୁମାର ବଳିୟାରସିଂହ, ପ୍ରଦୀପ ବିଶ୍ୱାଳ, କ୍ଷୀରୋଦ ପରିଡ଼ା, ଧନଞ୍ଜୟ ସ୍ୱାଇଁ ପ୍ରମୁଖଙ୍କ କବିତା ମାର୍ମିକ ହୋଇଛି । ସେଭଳି ରଜନିକାନ୍ତ ମହାନ୍ତି, ପରେଶ ପଟ୍ଟନାୟକ, ସହଦେବ ସାହୁ, ନିବାରଣ ଜେନା ପ୍ରମୁଖଙ୍କ ଗଳ୍ପଗୁଡ଼ିକ ଆଙ୍ଗିକ ଓ ଆତ୍ମିକ ଉଭୟ ଦୃଷ୍ଟିରୁ ଆକର୍ଷଣୀୟ ହୋଇଛି । 'ଗୌରବ'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ତ୍ରିଶକ୍ତି

**ମୁଖ୍ୟ ସଂପାଦକ : ଆଶିଷ କୁମାର ଚନ୍ଦନ**



ସାଂସ୍କୃତିକ ପରିଷଦ, ପାଟଣାଗଡ଼
ଜି: ବଲାଙ୍ଗିର

ସାରସ୍ୱତ ସଂକଳନ 'ତ୍ରିଶକ୍ତି' ମୁଖ୍ୟ ସଂପାଦକ ଆଶିଷ କୁମାର ଚନ୍ଦନ ଓ ସଂପାଦକ ଦିଲ୍ଲୀପ କୁମାର ମିଶ୍ରଙ୍କ ସଂପାଦନାରେ ପ୍ରକାଶ ପାଇଛି । ଏହି ସଂକଳନରେ ଡ. ଗୋବର୍ଦ୍ଧନ ନାୟକ, ଡ. ସଦାବିହାରୀ ସାହୁ, ଶିବ ପ୍ରସାଦ ପଣ୍ଡା, ଭାବନୀ ଶଙ୍କର ପଟ୍ଟନାୟକ ପ୍ରମୁଖଙ୍କ ପ୍ରବନ୍ଧଗୁଡ଼ିକ ତଥ୍ୟଭିତ୍ତିକ ଓ ଉଚ୍ଚାଙ୍ଗ ହୋଇଛି । ସେହିପରି ମଳୟ ମିଶ୍ରଙ୍କ 'ଏବେ ବି ପୌରାଣିକ ଭୂମିକାରେ ଲୋକମାନେ', ଚୌଧୁରୀ ବରଦା ପ୍ରସନ୍ନ ଦାସଙ୍କ 'ହୃଦୟ', ଆଶିଷ କୁମାର ଚନ୍ଦନଙ୍କ 'ପ୍ରତିତୀ: ଏକ ନାମହୀନ ସଂପର୍କ', ଯାଜ୍ଞସେନୀ ହୋତାଙ୍କ 'ଈଶ୍ୱରଙ୍କୁ ପ୍ରଶ୍ନଟିଏ' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ସେଭଳି ଭାଗୀରଥି ମିଶ୍ର, ପିନାକୀ ମିଶ୍ର, ଡକ୍ଟର ଶ୍ରୀଧରି ଧଳ, ଗଜାନନ ମିଶ୍ର, ଡ. ସଞ୍ଜୟ କୁମାର ମିଶ୍ର ପ୍ରମୁଖଙ୍କ କବିତାର ଭାବ, ଭାଷା ଓ ଉପସ୍ଥାପନା ଶୈଳୀ ମାର୍ମିକ ହୋଇଛି । 'ତ୍ରିଶକ୍ତି'ର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## କଟକରେ ୨୨୧ ଅସୁରକ୍ଷିତ କୋଠା

# ନୋଟିସ୍ ଦେଇ ଚୁପ୍ ବସିଛି ଜିଲ୍ଲା ପ୍ରଶାସନ



କଟକ,୮।୧୧(ସମିସ): କଟକ ସହରରେ ଦୀର୍ଘ ବର୍ଷ ଧରି ମାଳମାଳ ପୁରୁଣା କୋଠା ବିପଦସଂକୁଳ ଅବସ୍ଥାରେ ରହିଛି । ଏହି କୋଠା ଗୁଡିକର ଚିହ୍ନଟ ପ୍ରକ୍ରିୟା ଦୀର୍ଘ ବର୍ଷ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ଏଗୁଡିକୁ ଭାଙ୍ଗିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ। ଏପରିକି ନିକଟ ଅତୀତରେ ସହରରେ ବିପଦସଂକୁଳ ଅବସ୍ଥାରେ ରହିଥିବା କୋଠା ପ୍ରସଂଗରେ ଜିଲ୍ଲା ପ୍ରଶାସନକୁ ତାଗିଦ କରିଥିଲେ ଓଡିଶା ହାଇକୋର୍ଟ । ହାଇକୋର୍ଟଙ୍କ ତାଗିଦା ସତ୍ତ୍ୱେ ପ୍ରଶାସନ ଆଖିବୁଜିଆ ପଦକ୍ଷେପ ଗ୍ରହଣ କରିନଥିବା ବେଳେ କେବଳ କୋଠା ମାଲିକ ମାନଙ୍କୁ ନୋଟିସ ଦେଇ ଚୁପ ବସିଥିଲା। କଟକରେ ଆଜି ଏକ ଅସୁରକ୍ଷିତ ଅବସ୍ଥାରେ ଥିବା କୋଠାର ବାଲକୋନୀ ଭାଙ୍ଗି ୩ଜଣଙ୍କ ମୃତ୍ୟୁ ଘଟଣା ପରେ ପ୍ରଶାସନର ଉତ୍ତରଦାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ହାଇକୋର୍ଟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାଖଲ ହୋଇଥିବା ରିପୋର୍ଟ ଅନୁସାରେ ସହରରେ ମୋଟ ୨୨୧ଟି କୋଠା ଅସୁରକ୍ଷିତ ଥିବା ଦର୍ଶାଯାଇଛି। ଯାହା ବିପଦସଂକୁଳ ବୋଲି ଘୋଷଣା ହୋଇଥିବା ସତ୍ତ୍ୱେ ବିଭିନ୍ନ କାରଣରୁ ବର୍ଷ ବର୍ଷ ଏହି କୋଠା ସବୁ ଭଙ୍ଗାଯିବା ସମ୍ଭବ ହୋଇପାରୁନଥିବାର ଜଣାପଡିଛି। ସରକାରୀ ଓ ଘରୋଇ କୋଠା ବିପଦସଂକୁଳ ଥିଲେ ଏଗୁଡିକୁ ଭାଙ୍ଗିବା ଉପରେ ମଧ୍ୟ ହାଇକୋର୍ଟ ନିକଟରେ ଗୁରୁତ୍ୱାରୋପ କରିଥିଲେ।

ହାଇକୋର୍ଟଙ୍କ ନିର୍ଦ୍ଦେଶର ମାସାଧିକ ସମୟ ପରେ ଜିଲ୍ଲା ପ୍ରଶାସନ ତରଫରୁ ବିଏନଏସ ଧାରା ୧୫୨ରେ ସମସ୍ତ କୋଠା ମାଲିକଙ୍କୁ କେବଳ ନୋଟିସ ଜାରି ହୋଇଥିବା ଜଣାପଡିଛି। ଯୁଦ୍ଧକାଳୀନ ଭିତ୍ତିରେ ଘର ଗୁଡ଼ିକୁ ଖାଲି କରିବା ସହ ଭାଙ୍ଗିବା ପାଇଁ ଏହି ନୋଟିସ ଜାରି କରି ପ୍ରଶାସନ ଆଉ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିନାହିଁ । ବିଶେଷକରି

### ହାଇକୋର୍ଟଙ୍କ ତାଗିଦା ପରେ ବି ଭଙ୍ଗାଯାଇନି ଗୋଟିଏ କୋଠା

ନୋଟିସ ପାଇଥିବା ୨୦୦ରୁ ଅଧିକ କୋଠା ମାଲିକ ସେମାନଙ୍କ ଅସୁରକ୍ଷିତ କୋଠା ଭାଙ୍ଗିବା ଦୂର କଥା ସେମାନଙ୍କ ମଧ୍ୟରୁ ଅନେକ ଘର ଖାଲି କରିନଥିବା ଜଣାପଡିଛି । ସହରର ବିଭିନ୍ନ ଅଞ୍ଚଳରେ ରହିଥିବା ବିପଦସଂକୁଳ କୋଠା ମଧ୍ୟରେ ରହିଛି ସର୍ବାଧିକ ସରକାରୀ କ୍ୱାର୍ଟର, ଅଫିସ, ଅବ୍ୟବହୃତ ଗୋଦାମ ଘର। ଏହା ବାଦ ଘରୋଇ କୋଠା, ମାର୍କେଟ କମ୍ପ୍ଲେକ୍ସ ଆଦି ରହିଛି। ପ୍ରକାଶଥାଉକି ଗତ ୨୦୧୪ର ଭୂମିକମ୍ପ ସମୟରେ ଅନେକ କୋଠାରେ ଫାଟ ସୃଷ୍ଟି ହୋଇଥିଲା । ଏହି ସମୟରେ କଟକ ଜିଲ୍ଲା ପ୍ରଶାସନ, ମହାନଗର ନିଗମ , ପୂର୍ତ୍ତ ବିଭାଗ ସମେତ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ମିଳିତ ସର୍ଭେ ହୋଇ ମହାନଗର ଅଞ୍ଚଳରେ ସେହି ସମୟରେ ୨୩୭ଟି ବିପଦସଂକୁଳ କୋଠା ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ କିଛି କୋଠାକୁ ଘର ମାଲିକ ଭାଙ୍ଗିଥିଲେ ମଧ୍ୟ ଅନ୍ୟମାନେ ଭାଙ୍ଗିନଥିଲେ। ହେଲେ ଏବେ ବି ସହରରେ ୨୨୧କୋଠା ଅସୁରକ୍ଷିତ ରହିଥିବା ବେଳେ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକେ ତଥା ସେହି ବାଟ ଦେଇ ଯାଉଥିବା ପଥଚାରୀଙ୍କ ମୁଣ୍ଡ ଉପରେ ବିପଦ ହୋଇ ଉଭା ହୋଇଛି। ଆଜିର ଅଭାବନୀୟ ଘଟଣା ପରେ ପ୍ରଶାସନ କଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଛି ।

ମିଳିଥିବା ସୂଚନାନୁସାରେ ବିଗତ ୫ବର୍ଷ ମଧ୍ୟରେ ଚିହ୍ନଟ ହୋଇଥିବା କୋଠାର ୧୦ ପ୍ରତିଶତ ଅସୁରକ୍ଷିତ କୋଠା ଭଙ୍ଗାଯାଇପାରିନଥିବାର ପରିଲକ୍ଷିତ ହୋଇଛି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦୦ରୁ ଅଧିକ ଅସୁରକ୍ଷିତ କୋଠା ଗୁଡିକୁ ଭାଙ୍ଗିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

■ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ସ୍ୱାସ୍ଥ୍ୟ ସେବା ଏମିତି...

# ଗୋଟିଏ ଲାପ୍ରୋସ୍କପିକ୍ ମେସିନ୍‌ରେ ଚାଲିଛି ସର୍ଜରୀ

ଭୁବନେଶ୍ୱର, ୮।୧୧(ସମିସ): ରାଜଧାନୀର ପ୍ରମୁଖ ଚିକିତ୍ସାଳୟ କ୍ୟାପିଟାଲ ହସ୍ପିଟାଲକୁ ପ୍ରତିଦିନ ଶହଶହ ରୋଗୀ ଆସୁଛନ୍ତି। ଆଖପାଖ ଅଞ୍ଚଳଠୁ ଆରମ୍ଭକରି ଉପକଣ୍ଠବର୍ତ୍ତୀ ଅଞ୍ଚଳର ଲୋକଙ୍କ ପାଇଁ ଭରସା କ୍ୟାପିଟାଲ ହସ୍ପିଟାଲ। ହେଲେ ଏଠାରେ ସାମାନ୍ୟ ସର୍ଜରୀ ପାଇଁ ମଧ୍ୟ ରୋଗୀଙ୍କୁ ୧୫ରୁ ୨୦ ଦିନ ଯାଏଁ ଅପେକ୍ଷା କରିବାକୁ ପଡୁଛି। ଅସ୍ତ୍ରୋପଚାର ପାଇଁ ରୋଗୀ ନାକେଦମ୍ ହେଉଛନ୍ତି। କାରଣ ସର୍ଜରୀ ବିଭାଗରେ ଗୋଟିଏ ମାତ୍ର ଲାପ୍ରୋସ୍କପିକ୍ ସର୍ଜରୀ ମେସିନ୍ ରହିଛି। ରୋଗୀ ସଂଖ୍ୟା ଦିନକୁ ଦିନ ବଢୁଥିଲେ ମଧ୍ୟ ବର୍ଷ ବର୍ଷ ଧରି ଗୋଟିଏ ମେସିନ୍ ହିଁ ସର୍ଜରୀ କରାଯାଉଛି।

କ୍ୟାପିଟାଲ ହସ୍ପିଟାଲକୁ ସର୍ଜରୀ ପାଇଁ ଦୈନିକ ୫୦ରୁ ୮୦ ରୋଗୀ ଆସୁଛନ୍ତି। ହେଲେ ନା ବିଭାଗରେ ଆବଶ୍ୟକ ମୁତାବକ ଡାକ୍ତର ଅଛନ୍ତି ନା ଆବଶ୍ୟକ ସଂଖ୍ୟକ ଲାପ୍ରୋସ୍କପିକ୍ ମେସିନ ଅଛି। ଫଳରେ ରୋଗୀଙ୍କୁ ଠିକ୍ ସମୟରେ ଚିକିତ୍ସା ମିଳିପାରୁ ନାହିଁ। ଯେଉଁଥିପାଇଁ ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଘରୋଇ ହସ୍ପିଟାଲଗୁଡ଼ିକରେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଏନେଇ କୋଣାର୍କରୁ ସର୍ଜରୀ ପାଇଁ ଆସିଥିବା ସସ୍ମିତା ନାମ୍ନୀ ଜଣେ ମହିଳା କୁହନ୍ତି, ଗାଲ୍‌ବ୍ଲାଡର ଷ୍ଟୋନ୍ ସର୍ଜରୀ ପାଇଁ ୧୨/୧୩ ଦିନ ହେଲା ସେ ୱାର୍ଡରେ ରହିଲେଣି। ବିଭିନ୍ନ ପ୍ରକାର ଟେଷ୍ଟ କରିବା ପରେ ମଧ୍ୟ ଏଯାଏଁ ସର୍ଜରୀରେ ତାଙ୍କ ପାଳି ପଡ଼ିନାହିଁ। ପ୍ରାଇଭେଟ୍‌ରେ ତାଙ୍କୁ ଅଧିକ ପଇସା କହିବାରୁ ସେ ଏଠାକୁ ଆସିଥିଲେ। ହେଲେ ଏଠାରେ ଏତେ ଦିନ ଧରି ଅପେକ୍ଷା କରିବାକୁ ପଡୁଥିବାରୁ ବିରକ୍ତି ଭାବ ପ୍ରକାଶ କରିଥିଲେ। ସେହିପରି ତାଙ୍କ ନିକଟ ବେଡ୍‌ରେ ଥିବା ବାଲିପାଟଣାର ବାସନ୍ତୀ ମୁଦୁଲି କୁହନ୍ତି, ଦୀର୍ଘ ୧୫ ଦିନ ଅପେକ୍ଷା କରିବା ପରେ ଦୁଇ ଦିନ ତଳେ ତାଙ୍କ ପାଳି ପଡ଼ିଛି। ଏଠାରେ ଅଧିକାଂଶ ସର୍ଜରୀ ରୋଗୀଙ୍କ କେବଳ ଅପେକ୍ଷାରେ ଦିନ ବିତୁଥିବା ତାଙ୍କଠୁ ଜାଣିବାକୁ ମିଳିଥିଲା।

ସର୍ଜରୀରେ ପ୍ରାୟ ୮୦ଟି ବେଡ୍ ରହିଛି। ହେଲେ ଗୋଟିଏ ମାତ୍ର ମେସିନ୍ ଏବଂ ଡାକ୍ତରଙ୍କ ସଂଖ୍ୟା କମ୍ ଯୋଗୁଁ ଲୋକଙ୍କ ଚିକିତ୍ସା ବିଳମ୍ବ ହେଉଛି। ଲୋକଙ୍କୁ ଏଠାରେ ଆଡ୍‌ମିସନ୍ ଦିଆଯାଉଛି, ହେଲେ ଲାପ୍ରୋସ୍କପିକ୍ ସର୍ଜରୀ ପାଇଁ ଅପେକ୍ଷାରେ ସମୟ ବିତୁଛି। ସାମାନ୍ୟ ଗାଲ୍‌ବ୍ଲାଡର ଷ୍ଟୋନ୍ କିମ୍ବା କିଡ଼ନୀ ଷ୍ଟୋନ୍ ପାଇଁ ଆଡ୍‌ମିସନ ପରେ ସର୍ବମୋଟ୍ ଗୋଟିଏ ଦିନ ୱାର୍ଡରେ ରହିବା କଥା। ହେଲେ ଏହା ବଦଳରେ ୧୫ରୁ ୨୦ ଦିନ ରହିବାକୁ ପଡୁଛି। କିଛି ରୋଗୀ ୨ରୁ ୩ ଦିନ ପାଳି ନ ପଡ଼ିବାରୁ ଘରୋଇ ହସ୍ପିଟାଲ ଚାଲିଯାଉଛନ୍ତି। ଏହାସହ ଏତେ ଦିନ ରୋଗୀ ବିନା କାରଣରେ ରହିବାରୁ ମାନସିକ ଭାବେ ଚାପଗ୍ରସ୍ତ ମଧ୍ୟ ହେଉଛନ୍ତି।

ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଏବେ ଗୋଟିଏ ମେସିନ୍ ଅଛି। ଅନ୍ୟଏକ ମେସିନ୍ ପାଇଁ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଆଉଏକ ଲାପ୍ରୋସ୍କପିକ୍ ସର୍ଜରୀ ମେସିନ୍ ଆସିବ ବୋଲି ସେ କହିଛନ୍ତି।

## ବ୍ରହ୍ମପୁର ଜେଲକୁ ଫେରିଲେ ଶଙ୍କର ଓ ଅରବିନ୍ଦ

ବ୍ରହ୍ମପୁର,୮।୧୧(ସମିସ): ୫ଦିନିଆ ରିମାଣ୍ଡ ସରିବା ପରେ ପୁଲିସ ଏସଆଇ ଚାକିରି କେଲେଙ୍କାରୀ ଘଟଣାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପ୍ରୁଷ୍ଟି ଓ ଅରବିନ୍ଦ ଦାଶଙ୍କୁ ଶନିବାର କ୍ରାଇମବ୍ରାଞ୍ଚ କଟକରୁ ବ୍ରହ୍ମପୁର ଆଣିଛି। ଉଭୟଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରି ପରେ ମଣ୍ଡଳ କାରାଗାରକୁ ପଠାଇଦିଆଯାଇଛି। କ୍ରାଇମବ୍ରାଞ୍ଚ ଉଭୟଙ୍କୁ ୫ଦିନ ରିମାଣ୍ଡରେ ନେଇ କଟକରେ ଜେରା କରିବା ପରେ ଶନିବାର ବ୍ରହ୍ମପୁର କୋର୍ଟରେ ହାଜର କରିଛି। ପୂର୍ବରୁ ଅଭିଯୁକ୍ତ ମୁନା ମହାନ୍ତି, ପ୍ରିୟଦର୍ଶନୀ ସାମଲ ଓ ଲୋକନାଥ ସାହୁଙ୍କୁ ୫ଦିନିଆ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଜେରା କରିଥିଲା।


**AFFIDAVIT**

I, Prabhata Kumar Samal, about 62 years, Son of Late Chaitanya Charan Samal, At-Goutam Nagar, Bidyadharpur, Naya Bazar, Cuttack – 753004 having Adhaar No. 939815753292 and PAN No. ANMPS0042B declare by this affidavit No. 8978 dated 03.09.2025 that my name is "Prabhata Kumar Samal" and is not "Prabhat Kumar Samal" as wrongly mentioned in some documents. Hence my name is to be read as "Prabhata Kumar Samal" for all future purposes.

**AFFIDAVIT**

I, Suhel Ahmed Mohammed c/o Mir Sanawar Ali, Resident of Village- Nania Mohalla, Krushnanandapur, Po-Krishnanandapur, Dist-Jagatsinghapur, Odisha, declare by this affidavit No.2363 dtd 16.10.2025 that now onwards I shall be known as **MOHAMMED SUHEL AHMAD** for all future purposes.

**AFFIDAVIT**

I SUNAINA DASH, W/o PRABIR KUMAR HOTA, resident of At/Po- Sasahandi, Via- Borigumma, Ps.- Kotpad, DT.- Koraput-764 056, Odisha declare by this Affidavit No.1764, Dated- 30/10/2025, that now onwards I shall be known as **SUNEINA DASH** for all future purpose.

**AFFIDAVIT**

By virtue of an affidavit No.-1219, Dtd.10.10.2025 sworn before the Executive Magistrate, Bargarh, I, Jigyanasha Subhadarsini Sahu, D/o-Debashish Sahu, At Bandutikra, P/o: Bargarh, Dist: Bargarh, Odisha state that my name has been inadvertently spelt in my Aadhar card No. 3635 7016 5439 as Jingyasa Subhadarshini instead of Jigyanasha Subhadarsini Sahu, but both the names are one and same . Henceforth, I will be known as **Jigyanasha Subhadarsini Sahu** for all future purposes

**ହଜିଛି**

ମୁଁ ମାନଗୋବିନ୍ଦ ସାହୁ, ପିତା-ସୁବଳ ସାହୁ, ସ୍ଥାୟୀ ଠିକଣା-ଭଣ୍ଡାରିକୁଦା, ରାୟବିଧାର, ପୁରୀ, ପିନ୍-୭୫୨୦୧୧ ଏହା ଜଣାଇବାକୁ ଚାହେଁ ଯେ, ଗତ ତା ୦୨.୦୯.୨୦୨୫ ଦିନ ବାଇକ ଯୋଗେ ମୁଁ ପୁରୀ କୋର୍ଟରୁ ବାହାରି ରାୟ ବିଧାର ଘରକୁ ଯାଉଥିବା ସମୟରେ ମୋ ପାଖରେ ଥିବା ସମ୍ପତ୍ତି ସମ୍ବନ୍ଧୀୟ ଦସ୍ତାବେଜ କୌଣସି ସ୍ଥାନରେ ହଜିଯାଇଛି । ହଜିଯାଇଥିବା ଦସ୍ତାବେଜର ବିବରଣୀ: ସୁବଳ ସାହୁ ସପକ୍ଷରେ ଜାରି ହୋଇଥିବା ଅରିଜିନାଲ ବିକ୍ରୟ ଦଲିଲ ନଂ. ୫୪୮ (ତାରିଖ: ୦୬.୦୬.୨୦୦୮) ବହୁତ ଚେଷ୍ଟା କରିବା ସତ୍ତ୍ୱେ ମୁଁ ଉପରୋକ୍ତ ଦସ୍ତାବେଜକୁ ଖୋଜି ପାଇଲି ନାହିଁ । ଯଦି କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି ତେବେ ଆଗାମୀ ୧୫ ଦିନ ମଧ୍ୟରେ ମାନଗୋବିନ୍ଦ ସାହୁ, ମୋବାଇଲ୍ ନଂ. ୮୨୪୯୩୩୩୧୫୬ କିମ୍ବା ଆଡଭୋକେଟ୍ ରାଜିବ ଲୋଚନ ଦାସ, ମୋବାଇଲ୍ ନଂ. ୯୭୭୭୪୫୨୨୪୪ ରେ ଯୋଗାଯୋଗ କରିବାକୁ ଅନୁରୋଧ ।

**AFFIDAVIT**

By virtue of an affidavit no-6074 sworn before the Executive Magistrate, Champua on dtd-06/11/2025, I Mohammad Daud, S/o- Late Abdul Kayum, resident of At- Muslim Basti, Po/Ps- Champua, Dist- Keonjhar, Odisha. My Aadhar Card Bearing No: 7914 0977 8741 & my son's Passport No-L5752113. I have changed my name from **Mohammed Daud** (old name) to **Mohammad Daud** (new name). Henceforth both name **Mohammed Daud** and **Mohammad Daud** is one & same person he will be known as **Mohammad Daud** for all future purposes.

**Mohammad Daud**

**NOTICE**

I, Sadashiba Dhal age-48, S/o-Bharat Dhal of Resident At-Gouribelda, Po-Kasida, Ps-Jaleswar, Dist-Balasore, Odisha-756034. Declared by Affidavit Before P.K Mishra (O.R.S) in the Court of Executive Magistrate, Balasore, Affidavit Sl No:- 11564,Date-04/11/2025 ,That my Minor Daughter **SUSMITA DHAL** (Old Name) but by assumed Minor daughter name **SMITARANI DHAL** (New Name ). Hence I declared my minor daughter **SUSMITA DHAL** (Old Name) and **SMITARANI DHAL** (New Name) the same and one person for all future purpose.

Sadashiba Dhal


# ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ପାଇଁ ଲୋକ ହନ୍ତସନ୍ତ: ବିଜେଡି

■ ନିର୍ବାଚନୀ ପ୍ରଚାରରେ ସରକାରୀ କଳର ଭରପୂର ଉପଯୋଗ କରୁଛି ବିଜେପି

■ ନିଜେ ଭାଙ୍ଗୁଛନ୍ତି ଆଚାର ସଂହିତା

ଭୁବନେଶ୍ୱର, ୮।୧୧(ସମିସ): ନିର୍ବାଚନକୁ ଆଉ କିଛି ଘଣ୍ଟା ବାକି ଥିବା ବେଳେ ସରକାରୀ କଳକୁ ରାଜନୀତି କାମରେ ବେଶ୍ ଉପଯୋଗ କରୁଛି ବିଜେପି। କ୍ଷମତା ଲୋଭରେ ଗଣତନ୍ତ୍ରକୁ ହତ୍ୟା କରିବାକୁ ଶାସକ ଦଳ ପଛାଉ ନାହିଁ। ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚାର ପାଇଁ ସରକାରୀ ସମ୍ପଦର ଦୁରୁପଯୋଗ କରିବାରେ ବିଜେପି ସବୁ ସୀମା ଟପିଯାଇଛି। ଏପରିକି, ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ଟେଣ୍ଟ ବାନ୍ଧି ଜାତୀୟ ରାଜପଥରେ ଲୋକଙ୍କ ଯିବା ଆସିବା ବନ୍ଦ କରିଦିଆଗଲା। ଲୋକଙ୍କୁ ଯନ୍ତ୍ରଣା ଦେବାରେ ଲୋକଙ୍କ ସରକାର ସାମାନ୍ୟ ହେଳା କରୁନାହିଁ ବୋଲି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି।

ଡ. ମହାନ୍ତି କହିଛନ୍ତି ଯେ ଶନିବାର ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ବିଜେପି ପୂରା ପ୍ରଶାସନକୁ କାମରେ ଲଗାଇ ଦେଇଛି। ଖରିଆର ରୋଡ୍ ଏନ୍‌ଏସି ଓ ନୂଆପଡ଼ା ଏନ୍‌ଏସିରେ ବିଜେପି ରୋଡ୍ ଶୋ' କାମରେ ସରକାରୀ ବ୍ୟବସ୍ଥା ଦୁରୁପଯୋଗ କରିଛି। ପୂରା ପ୍ରଶାସନ ରାଜନୀତି କାମରେ ବ୍ୟସ୍ତ ଥିବା ସାମ୍ନାକୁ ଆସିଛି। କ୍ଷମତା ଲୋଭରେ ଅନ୍ଧ ବିଜେପି ଆଦର୍ଶ ଆଚରଣ ବିଧିକୁ ମଧ୍ୟ ମାନୁନାହିଁ। ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ରାଇପୁର ଜାତୀୟ ରାଜପଥକୁ ବନ୍ଦ କରି ବିଶାଳ ଷ୍ଟେଜ୍ ନିର୍ମାଣ କରାଯାଇଥିଲା। ସେଥିପାଇଁ ଗତ ରାତିରୁ ସେହି ବାଟେ ଗାଡ଼ି, ମୋଟର ଓ ଲୋକଙ୍କ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ରାଜନୀତି ପାଇଁ ବିଜେପି ଲୋକଙ୍କୁ ଦୁର୍ଦ୍ଦଶା ମୁହଁକୁ ଠେଲି ଦେଉଛି। ଗୋଟିଏପଟେ ନିଜକୁ ଲୋକଙ୍କ ସରକାର ବୋଲାଉଛନ୍ତି, ଅନ୍ୟପଟେ ଲୋକଙ୍କୁ ଦହଗଞ୍ଜ କରି ମାରୁଛନ୍ତି ବୋଲି ଡ. ମହାନ୍ତି କ୍ଷୋଭର ସହ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ପ୍ରଚାର କାମ ପାଇଁ ୨୦୦ଟି ବସ୍ ବରଗଡ଼ ଜିଲ୍ଲାରୁ ଓ କଳାହାଣ୍ଡି ଜିଲ୍ଲାରୁ ୧୫୦ଟି ବସ୍ ଆଣି କାମରେ ଲଗାଇଛନ୍ତି। ଦଳୀୟ କାମ ପାଇଁ ବିଜେପି ସରକାରୀ ସମ୍ପତ୍ତିର ବେଶ ଦୁରୁପଯୋଗ କରି ରାଜନୈତିକ ପ୍ରଚାର କରିଛି ବୋଲି ଡ. ମହାନ୍ତି ଅଭିଯୋଗ କରିଛନ୍ତି।

## ବାଲିଯାତ୍ରାରେ 'ଓଡ଼ିଆ ଅସ୍ମିତା' ପ୍ରହସନ

# ଆନ୍ଧ୍ର ସଂସ୍ଥାକୁ ଅନୁମତି; ଓଡ଼ିଆଙ୍କୁ ମାର୍‌ମାର୍



କଟକ, ୮।୧୧(ସମିସ): କିଛି ବର୍ଷ ଧରି ବାଲିଯାତ୍ରାରେ ଜଳକ୍ରୀଡ଼ା ଆୟୋଜନ ହୋଇଆସୁଛି। ମହାନଦୀରେ କାୟାକିଂ, ସ୍ପିଡ୍ ବୋଟ୍ ଭଳି ଜଳକ୍ରୀଡ଼ାର ମଜା ନେଉଛନ୍ତି ବାଲିଯାତ୍ରାକୁ ଆସୁଥିବା ଦେଖଣାହାରୀ। ହେଲେ ଚଳିତଥର ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ଓଡ଼ିଆ ସଂସ୍ଥାକୁ ଜଳକ୍ରୀଡ଼ାରୁ ବାଦ୍ ପକାଇ ଆନ୍ଧ୍ରର ଏକ ସଂସ୍ଥାକୁ ଜଳକ୍ରୀଡ଼ା ଆୟୋଜନ ପାଇଁ ଅନୁମତି ମିଳିସାରିଥିବା ଜଣାପଡ଼ିଛି। ଚଳିତବର୍ଷ କଟକ ବାଲିଯାତ୍ରାରେ ଆନ୍ଧ୍ରର ଏକ ସଂସ୍ଥା 'ସିମ୍ପଲ ୱାଟର ସ୍ପୋର୍ଟସ'କୁ ଜଳକ୍ରୀଡ଼ା ପାଇଁ ପ୍ରଶାସନିକ ଅନୁମତି ଦିଆଯାଇଛି। ବାଲିଯାତ୍ରା ଆରମ୍ଭ ଦିନରୁ ଶୁକ୍ରବାର ପର୍ଯ୍ୟନ୍ତ ଏହି ବିବାଦ ଲାଗି ରହିଥିବା ବେଳେ ପ୍ରଶାସନର ନିଷ୍ପତ୍ତିକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। 'ଓଡ଼ିଆ ଅସ୍ମିତା'ର ବାହାସ୍ଫୋଟ ମାରୁଥିବା ବିଜେପି ସରକାର ଅମଳରେ ଘଟିଥିବା ଏଭଳି ଘଟଣାକୁ ନେଇ କଟକର କିଛି ବୁଦ୍ଧିଜୀବୀ ମଧ୍ୟ ନିନ୍ଦା କରିଛନ୍ତି।

ଘଟଣାରୁ ପ୍ରକାଶ ଯେ ଗଙ୍ଗାମନ୍ଦିର ଅଞ୍ଚଳର ଯୁବକ ସାତ୍ୟକୀ ବୋଷଙ୍କ ଓଡ଼ିଶା ମେରିଟାଇମ୍ ନାମରେ ଏକ ସଂସ୍ଥା ରହିଛି। ବିଭିନ୍ନ ରକମର ଜଳକ୍ରୀଡ଼ା ଆୟୋଜନ କରିବା ଏହି ସଂସ୍ଥାର କାର୍ଯ୍ୟ। ୨୦୧୯ ମସିହାରୁ ସାତ୍ୟକୀ ଜଳକ୍ରୀଡ଼ା ସରଞ୍ଜାମ ଧରି ବାଲିଯାତ୍ରାକୁ ଆସିଥାନ୍ତି। ପ୍ରଶାସନିକ ଅନୁମୋଦନ ଜରିଆରେ ଏଠାରେ ଜଳକ୍ରୀଡ଼ା ଆୟୋଜନ କରି କିଛି ଟଙ୍କା ରୋଜଗାର କରନ୍ତି। ଚଳିତଥର ମଧ୍ୟ ସେ ଏଥିପାଇଁ ଆଗଭର ହୋଇଥିଲେ। ମହାନଦୀ କୂଳରେ ନିଜ କ୍ୟାମ୍ପ ପକାଇବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। କାର୍ତ୍ତିକ ପୂର୍ଣ୍ଣମୀ ପୂର୍ବରୁ ତାଙ୍କୁ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଏନଓସି ମିଳି ଯାଇଥିଲା। ବାଲିଯାତ୍ରା ଆରମ୍ଭ ତଥା କାର୍ତ୍ତିକ ପୂର୍ଣ୍ଣମୀ ଦିନ ସେ ନିଜ କ୍ୟାମ୍ପରେ ଥିବା ବେଳେ ସେଠାରେ ଆସି ପହଞ୍ଚିଥିଲେ କଟକ ଡିସିପି ଖିଲାରୀ ରିଷିକେଶ ଦ୍ୟାନଦେଓ। ଜଳକ୍ରୀଡ଼ା ପାଇଁ ଆଣିଥିବା ଏନଓସି ମାଗିଥିଲେ ସାତ୍ୟକୀଙ୍କୁ। ଆବଶ୍ୟକ କାଗଜପତ୍ର ଦେଖାଇବା ପରେ ଡିସିପି ସେଠାରୁ ଚାଲିଥିଲେ। ପୂର୍ଣ୍ଣମୀ ସକାଳୁ ମହାନଦୀ କୂଳରେ ଲୋକଙ୍କ ଭିଡ଼ ଜମିଥିବା ବେଳେ ସାତ୍ୟକୀ ଜଳକ୍ରୀଡ଼ା ଆରମ୍ଭ କରିଥିଲେ। ଗୋଟିଏ କାୟାକିଂ ବୋଟ୍ ପାଣିରେ ବୁଲୁଥିବା ବେଳେ ଜଣେ ପୁଲିସ ଅଧିକାରୀ ସେଠାକୁ ଆସି ଏହା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଠାରେ ସାତ୍ୟକୀ ସମସ୍ତ କାଗଜପତ୍ର ଦେଖାଇଥିଲେ ସୁଦ୍ଧା ପୁଲିସ ଅଧିକାରୀ ଜଣକ ଶୁଣି ନ ଥିଲେ। ପରେ ଘଟଣା ପହଞ୍ଚିଥିଲା କଟକ ଜିଲ୍ଲାପାଳ, କଟକ ଡିସିପି ଏବଂ ଏନଓସି ପ୍ରଦାନ କରିଥିବା ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ। ସାତ୍ୟକୀ ସମସ୍ତଙ୍କୁ ଏ ବାବଦରେ କହିଥିଲେ ସୁଦ୍ଧା କୌଣସି ସନ୍ତୋଷଜନକ ଉତ୍ତର ମିଳି ନଥିଲା। ଏପରିକି ତୁମର ଏନଓସି ବାତିଲ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ହେଲେ ସାତ୍ୟକୀ ଏନଓସି ବାତିଲ କରାଯିବା ନେଇ ବିଧିବଦ୍ଧ ସରକାରୀ ଚିଠି ମାଗିଥିଲେ। ଇତିମଧ୍ୟରେ ଦୁଇ ଦିନ ବିତିଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ସାତ୍ୟକୀଙ୍କୁ ପ୍ରଦାନ କରାଯାଇଥିବା ଏନଓସି ବାତିଲ କରାଯାଇନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦଳାଚକଟା ପାଇଁ...

ଅଘଟଣ ପରେ ତାଙ୍କୁ ପୁରୀ ଜିଲ୍ଲାକୁ ଅନ୍ୟତ୍ର ବଦଳି କରାଯାଇ ସାରିଛି। ଏତଦ୍ ବ୍ୟତୀତ ଯେଉଁ ୭ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ କରାଯାଇଛି, ସେମାନେ ନିଜ ଦାୟିତ୍ୱରେ କେଉଁ ପ୍ରକାର ଅବହେଳା କରିଥିଲେ ସେନେଇ ଉଲ୍ଲେଖ କରାଯାଇଛି।

ଗତ ରଥଯାତ୍ରା ସମୟରେ ପୁଲିସ ପକ୍ଷରୁ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର(ଆଇସିସିସି)କୁ ନେଇ ବଡ଼ ବଡ଼ କଥା କୁହାଯାଇଥିଲେ ହେଁ, ଏହାର ପୋଲ ଖୋଲିଛି ଉପରୋକ୍ତ ରିପୋର୍ଟ। ଆଇସିସିସିକୁ ସେତେବେଳେ ମୁଖ୍ୟତଃ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ଆଇନ ଶୃଙ୍ଖଳା ନିୟନ୍ତ୍ରଣ, ଜରୁରୀକାଳୀନ ସ୍ଥିତି ଏବଂ ଭିଆଇପି ଗସ୍ତ ସମୟରେ ସହଯୋଗ ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ଏହି ଏଆଇ ଭିତ୍ତିକ ସର୍ଭେଲାନ୍ସ ସିଷ୍ଟମର ଯେତେବେଳେ ସର୍ବାଧିକ ଆବଶ୍ୟକତା ଥିଲା, ତାହା ସେତେବେଳେ ସଠିକ୍ ଭାବେ କାର୍ଯ୍ୟ କରିନଥିଲା ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଟେଣ୍ଡର ଅନୁଯାୟୀ ମୁକ୍ତାକାଶ ରଙ୍ଗମଞ୍ଚ ପରି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇନଥିବା ବେଳେ ଅନ୍ୟ କେତେକ ସ୍ଥାନରୁ ସିସିଟିଭି କ୍ୟାମେରାରୁ ଫିଡ୍ ଆସିନଥିଲା। ସେହିପରି ଅନେକ ସ୍ଥାନରେ ସିସିଟିଭି କ୍ୟାମେରା ସଠିକ୍ ଭାବରେ କାମ କରିନଥିବା ବେଳେ ଯାତ୍ରୀଙ୍କୁ ସୂଚନା ପାଇଁ ଲଗାଯାଇଥିବା ଏଲଇଡି ପ୍ୟାନେଲ ମଧ୍ୟ କାମରେ ଆସିନଥିଲା। ସେହିପରି ଆଇସିସିସି ଅଧୀନରେ ଡ୍ରୋନର ଉପଯୋଗ କରାଯାଇନଥିବା ବେଳେ କ୍ୟାମେରା ଯୋଗାଇଥିବା ଭେଣ୍ଡର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥଳରୁ ଗୁରୁତ୍ୱପୂର୍ଣ୍ଣ ଫିଡ୍ ପ୍ରଦାନରେ ବିଫଳ ହୋଇଥିଲା। ମୋଟାମୋଟି ଭାବେ ସୁରୁଖୁରୁର ରଥଯାତ୍ରା ପରିଚାଳନାରେ ସିସିଟିଭି କ୍ୟାମେରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାବେଳେ ଏହି ବ୍ୟବସ୍ଥା ଏକପ୍ରକାର ଫେଲ୍ ମାରିଥିବା ରିପୋର୍ଟରେ କୁହାଯାଇଛି। ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର(ଆଇସିସିସି) ଦାୟିତ୍ୱରେ ଥିବା କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସଙ୍କୁ ରେଡ ଫ୍ଲାଗଭୁକ୍ତ କରିବା ପାଇଁ ଅନୁ ଗର୍ଗଙ୍କ କମିଟି ସୁପାରିସ କରିଛି। ସେହିପରି ରଥଯାତ୍ରା ସମୟରେ ସେବାୟତ ଓ ମନ୍ଦିର ପ୍ରଶାସନ ମଧ୍ୟରେ ସମନ୍ୱୟର ଘୋର ଅଭାବ ଯୋଗୁଁ ନୀତିକାନ୍ତିରେ ବିଳମ୍ବ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ସୂଚନାଯୋଗ୍ୟ ଯେ ଶରଧାବାଲିରେ ଘଟିଥିବା ଏହି ଅଘଟଣ ପାଇଁ ମୋଟ ୩ ଜଣଙ୍କର ଜୀବନ ଯାଇଥିଲା। ଦଳାଚକଟା ଘଟିବା ଦିନ ହିଁ ରାଜ୍ୟ ସରକାର ତତ୍କାଳୀନ ଜିଲ୍ଲାପାଳ ସିର୍ଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସପି ବିନୀତ୍ ଅଗ୍ରୱାଲଙ୍କୁ ବଦଳି କରିଥିଲେ।

### ଡିସେମ୍ବର ପହିଲାରୁ...

ନାହିଁ।ପୁଣି ସରକାର କୌଣସି ପ୍ରସଙ୍ଗରେ ବିତର୍କ କରିବାକୁ ଚାହାନ୍ତି ନାହିଁ। ତୃଣମୂଳ କଂଗ୍ରେସ ନେତା ଡି. ଓବରଏନ ମଧ୍ୟ କହିଛନ୍ତି ଯେ ଯାହା ଜଣାପଡୁଛି ସରକାର ବିତର୍କ କରିବାକୁ ଡରୁଛନ୍ତି।

ସୂଚନାଯୋଗ୍ୟ ଯେ ଅତୀତରେ ସଂସଦର ଶୀତକାଳୀନ ଅଧିବେଶନ ସାଧାରଣତଃ ନଭେମ୍ବର ତୃତୀୟ ସପ୍ତାହରୁ ଆରମ୍ଭ ହୋଇ ଡିସେମ୍ବର ୨୫ ପୂର୍ବରୁ ଶେଷ ହେବାର ପରମ୍ପରା ରହିଆସିଛି। ଗତ ବର୍ଷ ମଧ୍ୟ ଶୀତକାଳୀନ ଅଧିବେଶନ ନଭେମ୍ବର ୨୫ରୁ ଆରମ୍ଭ ହୋଇ ଡିସେମ୍ବର ୨୦ରେ ଶେଷ ହୋଇଥିଲା। ତେବେ ସେ ଯାହା ହେଉନା କାହିଁକି ସଂକ୍ଷିପ୍ତ ହେଉ ପଛେ ଏହି ଅଧିବେଶନ ସରଗରମ ହେବ। ନିର୍ବାଚନ କମିସନ ୧୨ଟି ରାଜ୍ୟରେ ଏସ୍ଆଇଆର୍ ଆରମ୍ଭ କରିଥିବା ବେଳେ ବିରୋଧୀ ଦଳର ଏହାର ତୀବ୍ର ବିରୋଧ କରୁଛନ୍ତି। ପୂର୍ବ ଅଧିବେଶନ ଭଳି ଏହି ଅଧିବେଶନରେ ମଧ୍ୟ ଏହାକୁ ନେଇ ଅଚଳାବସ୍ଥା ସୃଷ୍ଟି ହେବାର ସମ୍ଭାବନା ରହିଛି। ପୁଣି ବିହାର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏହି ଅଧିବେଶନ ହେଉଥିବାରୁ ଏହା ସଂସଦକୁ ସରଗରମ କରି ରଖିବ।

ଗତ ଜୁଲାଇ ୨୧ରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ମୌସୁମୀ ଅଧିବେଶନ ବସିଥିଲା। ପ୍ରଥମ ଦିନରେ ହିଁ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଇସ୍ତଫା ଦେଇଥିଲେ। ଏହାପରେ ପୂରା ଅଧିବେଶନ।ାରେ ବିହାରରେ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍ଆଇଆର୍)କୁ ନେଇ ହଙ୍ଗାମା ହୋଇଥିଲା। ମୌସୁମୀ ଅଧିବେଶନରେ ମୋଟ୍ ଉପରେ ୨୧ଟି ବୈଠକ ବସିଥିଲା। ଲୋକସଭାରେ ୧୨୦ ଘଣ୍ଟା ଚର୍ଚ୍ଚାର ସମୟ ନିର୍ଦ୍ଧାରିତ କରାଯାଇଥିଲା। କିନ୍ତୁ ମାତ୍ର ୩୭ ଘଣ୍ଟାର କାର୍ଯ୍ୟ ହୋଇଥିଲା। ସେହିପରି ରାଜ୍ୟସଭାରେ ମାତ୍ର ୪୧ ଘଣ୍ଟା ଚର୍ଚ୍ଚା ହୋଇଥିଲା। ଲୋକସଭା ଓ ରାଜ୍ୟସଭାରେ ମୋଟ୍ ଉପରେ ୨୭ଟି ବିଲ୍ ପାସ୍ ହୋଇଥିଲା।

### କଟକରେ ଆପାର୍ଟମେଣ୍ଟ...

ରକ୍ଷଣବେକ୍ଷଣ ହେଉନଥିବାରୁ କାନ୍ଥ ଓ ବାଲ୍‌କୋନୀରେ ଦୀର୍ଘ ଦିନ ହେବ ଫାଟ ସୃଷ୍ଟି ହୋଇଥିଲା। ଏହି ଫ୍ଲାଟ୍‌ର ତଳେ ଏକ ପରିବାର ଆଜବେଷ୍ଟସ୍ ଘରେ ରହୁଥିଲେ। ବାଲକୋନୀ ଭୁସୁଡ଼ିବା ପରେ ବଡ଼ ବଡ଼ ଖଣ୍ଡ ଗୁଡ଼ିକ ଆଜବେଷ୍ଟସ୍ ଉପରେ ପଡ଼ିଥିଲା। ଘର ଭିତରେ ପରିବାରର ୩ ଜଣ ସଦସ୍ୟ ଥିବା ବେଳେ ଅନ୍ୟ ୪ଜଣ ସଦସ୍ୟ ଘର ବାରଣ୍ଡାରେ ବସିଥିଲେ। ବାଲକୋନୀ ଭୁସୁଡ଼ିବା ପରେ ଭଙ୍ଗା ସିମେଣ୍ଟ ଓ ରଡ଼ ଖଣ୍ଡ ଭିତରେ ବାପା ଅବଦୁଲ୍, ମା' ରେହେମାତୁନ୍ ଓ ପୁଅ ରିହାନ୍ ଚାପି ହୋଇ ରହିଯାଇଥିଲେ। ଅନ୍ୟ ସଦସ୍ୟମାନେ ବାରଣ୍ଡାରେ ବସିଥିବା ହେତୁ ସେମାନଙ୍କ ଉପରେ ସିମେଣ୍ଟ ଓ ରଡ୍ ଖଣ୍ଡ ମାଡ଼ ହୋଇଥିଲା। ଘଟଣାସ୍ଥଳରେ ପ୍ରଚଣ୍ଡ ଶବ୍ଦ ହେବାରୁ ସ୍ଥାନୀୟ ଲୋକ ଭୟଭୀତ ହୋଇ ବାହାରକୁ ଚାଲି ଆସିଥିଲେ। ଏହି ଦୁର୍ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରକୁ ଖବରଦେଇଥିଲେ। ୨ଟି ରେସ୍କ୍ୟୁ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। କଟର ମେସିନ୍ ଓ ଅନ୍ୟାନ୍ୟ ତଳେଇ ଭଙ୍ଗା ଉପକରଣ ସାହାଯ୍ୟରେ ଆଜବେଷ୍ଟସ୍ ଘରକୁ ଭଙ୍ଗା ଯାଇ ପ୍ରଥମେ ୩ଜଣଙ୍କୁ ଉଦ୍ଧାର କରାଯାଇ ଏସସିବି ମେଡିକାଲ୍ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଆମ୍ବୁଲାନ୍ସ ଡକାଯାଇ ଅନ୍ୟ ଗୁରୁତରଙ୍କୁ ଏସ୍‌ସିବି ପଠାଯାଇଥିଲା। ଏ ସମ୍ପର୍କରେ ରେସ୍କ୍ୟୁ ଟିମ୍‌ର ମୁଖ୍ୟ ତଥା ଫାୟାର୍ ଅଫିସର ସଞ୍ଜିବ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଫ୍ଲାଟ୍‌ଟି ସର୍ବ ପୁରାତନ ହୋଇଥିବା ବେଳେ ତାହାର ରକ୍ଷଣବେକ୍ଷଣ ଆଦୌ କରାଯାଉ ନଥିଲା। ଉଭୟ କାନ୍ଥ, ବାଲକୋନୀ ଓ ଝରକା ଦିନକୁ ଦିନ ଦୁର୍ବଳ ହୋଇଯାଇଥିଲା। କାନ୍ଥ ଏବଂ ବାଲ୍‌କୋନୀ ମଝିରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିଲା। ଫ୍ଲାଟ୍‌ର ମାଲିକଙ୍କ ବେପରୁଆ ମନୋଭାବ ଯୋଗୁଁ ଏତେବଡ଼ ଦୁର୍ଘଟଣା ଘଟିଛି ବୋଲି ସେ କହିଛନ୍ତି।

ସ୍ଥାନୀୟ ବାସିନ୍ଦା ସୂର୍ଯ୍ୟକାନ୍ତ ହାଲଦାର୍ କହିଛନ୍ତି ଯେ, ଯିଏ କେହିବି ଦୁର୍ଘଟଣା ଘଟିଥିବା ଫ୍ଲାଟ୍‌ଟିକୁ ଦେଖିବ, ସେ ଏହା ସର୍ବ ପୁରାତନ ବୋଲି ଜାଣି ପାରିବ। ଆଦୌ ରକ୍ଷଣବେକ୍ଷଣା ହେଉନଥିବା କାରଣ'ରୁ ଏଭଳି ଦୁର୍ଘଟଣା ଘଟିଲା। ଫ୍ଲାଟ୍ ମାଲିକ ଏଥି ପାଇଁ ଦାୟୀ ବୋଲି ସେ ସିଧାସଳଖ ମତ ରଖିଛନ୍ତି। ଏନକ୍ଲେଭ୍ ମାଲିକଙ୍କୁ ବାରମ୍ବାର ଏହି ପିବଦଶଙ୍କୁଳ ଫ୍ଲାଟ୍‌ର ମରାମତି ପାଇଁ ଦାବି ହେଉଥିଲେ ମଧ୍ୟ ସେ ଏ ଦିଗରେ କୌଣସି ପଦକ୍ଷେପ ନେଇନଥିବା ଅଭିଯୋଗ ଉଠିଛି। ଅନ୍ୟପଟେ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ସେଠାରେ ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧିନ ହୋଇଥିଲା।

### ଏଥର ସ୍ୱୟଂଚାଳିତ...

ପୁରୁଣା ଏବଂ ନୂଆ ନିଯୁକ୍ତିଦାତାଙ୍କ ଯାଞ୍ଚ କରିବାକୁ ହେଉଥିଲା। ଏହି ପ୍ରକ୍ରିୟା ପାଇଁ ମାସେରୁ ଦୁଇ ମାସ ଲାଗୁଥିଲା। ଅନେକ ଥର ଦାବି ମଧ୍ୟ ଖାରଜ ହୋଇଯାଇଥାଏ। ସୁଧ ହାରରେ ମଧ୍ୟ କ୍ଷତି ହେଉଥିଲା। ଇପିଏଫଓ ତଥ୍ୟ ଅନୁଯାୟୀ ପ୍ରତି ବର୍ଷ ଲକ୍ଷାଧିକ ଦାବି ପଡ଼ି ରହୁଥିଲା। ନୂଆ ନିୟମରେ ଏହି ସମସ୍ୟାରୁ ନିର୍ଯାତ ମିଳିବ। ଏବେ କର୍ମଚାରୀ ନୂଆ ଚାକିରିରେ ସାମିଲ ହେଲେ ନିଯୁକ୍ତିଦାତା ୟୁଏଏନ ଲିଙ୍କ୍ କରାଇବେ। ଇପିଏଫଓ ପୋର୍ଟାଲରେ ଆଧାର ଏବଂ କେୱାଇସି ଦ୍ୱାରା ଅଟୋ-ଭେରିଫିକେସନ ହେବ। ପୁରୁଣା ପିଏଫ୍ ବାଲାନ୍ସ ସିଧାସଳଖ ଭାବେ ନୂଆ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଯିବ। ଏଥିପାଇଁ କୌଣସି କାଗଜପତ୍ର ଦେବାକୁ ପଡ଼ିବ ନାହିଁ। ତିନିରୁ ୫ ଦିନ ମଧ୍ୟରେ କାମ ଶେଷ ହୋଇଯିବ। ତେବେ ଏଥିପାଇଁ ୟୁଏଏନ ସକ୍ରିୟ ଏବଂ ଆଧାର ଲିଙ୍କ୍ ଥିବା ଜରୁରୀ।

ଏହି ନୂଆ ପ୍ରୟାସ ଦ୍ୱାରା କର୍ମଚାରୀଙ୍କୁ ୫ଟି ପ୍ରମୁଖ ଲାଭ ମିଳିବ। କର୍ମଚାରୀଙ୍କ ସମୟ ବଞ୍ଚିବ। କାଗଜପତ୍ରର ଝିନ୍‌ଝଟ୍ ଅପଲୋଡରୁ ମୁକ୍ତି ମିଳିବ ଏବଂ ସବୁକିଛି ସ୍ୱୟଂକ୍ରିୟ ଭାବେ ହୋଇଯିବ। ସୁଧ ଧାରାବାହିକ ଭାବେ ଜାରି ରହିବ। ଏଥିରେ କୌଣସି କ୍ଷତି ହେବ ନାହିଁ। ଅବସର ସମୟରେ ସବୁ ଅର୍ଥ ଗୋଟିଏ ସ୍ଥାନରେ ମିଳିବ। ଘରୋଇ ଚାକିରିଆଙ୍କ ପାଇଁ ଚାକିରି ବଦଳାଇବା ସହଜ ହୋଇଯିବ। ଇପିଏଫଓ ପକ୍ଷରୁ କୁହାଯାଇଛି ଯେ ଏହି ସ୍ୱୟଂଚାଳିତ ପ୍ରକ୍ରିୟା ଦ୍ୱାରା ୧୦ କୋଟିରୁ ଊର୍ଦ୍ଧ୍ୱ ସଦସ୍ୟଙ୍କୁ ଲାଭ ମିଳିବ। ୟୁଏଏନକୁ ଆଧାର ଲିଙ୍କ ନେଇ ହେଉଥିବା ଠକେଇ ମଧ୍ୟ ବନ୍ଦ ହୋଇଯିବ। ଏଥିପାଇଁ ୟୁଏଏନ ନମ୍ବରକୁ ସକ୍ରିୟ କରିବା ପାଇଁ କର୍ମଚାରୀଙ୍କୁ ନିବେଦନ କରାଯାଇଛି।

### ବିନା ସୂଚନା ଫଳକରେ ନିର୍ମାଣାଧୀନ କାମକୁ ଗ୍ରାମବାସୀଙ୍କ ବିରୋଧ

# ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଭଦ୍ରକ, ୮ ।୧୧(ସମିସ)



ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ନାୟକାଣୀଡ଼ିହି ପଞ୍ଚାୟତ ଅଧୀନ ମଲ୍ଲିକାଦେଇପୁର ଗାଁରେ ବନ ବିଭାଗ ପକ୍ଷରୁ ବନ ସୁରକ୍ଷା ସମିତିର ଏକ କାର୍ଯ୍ୟାଳୟ ନିର୍ମାଣ ପାଇଁ ସରକାରଙ୍କର ଏକ ପ୍ରକଳ୍ପ ରହିଛି। ଉକ୍ତ ପ୍ରକଳ୍ପଟିକୁ ନାୟକାଣୀଡ଼ିହି ପଞ୍ଚାୟତ ଅଧୀନ ମଲ୍ଲିକାଦେଇପୁର ମୌଜାର ଖାତା ନୋ ୩୬୫, ଓ ପ୍ଲଟ ନୋ ୪୫୫, କିସମ- ବସ୍ତିଯୋଗ୍ୟ ୨.୪୮ ଡିସିମିଲ ସରକାରୀ ଜମି ଉପରେ ବାସୁଦେବପୁର ପଞ୍ଚାୟତ ସମିତି ପକ୍ଷରୁ ୮ ଲକ୍ଷ ୫୦ ହଜାର ଟଙ୍କାର ଦୁଇ ମହଲା ବିଶିଷ୍ଟ ଗୃହ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି। ହେଲେ ଏହି ପ୍ଲଟଟି ବସ୍ତି ଯୋଗ୍ୟ ହୋଇଥିବା ବେଳେ ଏଠାରେ କିଭଳି ଏକ ସରକାରୀ କାର୍ଯ୍ୟାଳୟର ନିର୍ମାଣ କରାଯାଉଛି। ନବଘନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ନବଘନ ମହାବିଦ୍ୟାଳୟକୁ ଲାଗି ରହିଥିବାରୁ ପିଲାମାନେ ଏହାକୁ ଖେଳ ପଡ଼ିଆ ଭାବେ ବ୍ୟବହାର କରୁଛନ୍ତି। କରଞ୍ଜଆଡିଆ ନୋଡାଲ ଉଚ୍ଚ ବିଦ୍ୟାଳୟ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ବାଲିଘାଇ ପ୍ରାଥମିକ ବିଦ୍ୟାଳୟ ଓ ସ୍ଥାନୀୟ ଅଞ୍ଚଳର ଅନ୍ୟ ବେସରକାରୀ ଶିକ୍ଷା ଅନୁଷ୍ଠାନ ଗୁଡିକର ଖେଳପଡ଼ିଆ ନଥିବାରୁ ସେମାନେ ଉକ୍ତ ପଡ଼ିଆକୁ ଖେଳପଡ଼ିଆ ଭାବେ ବ୍ୟବହାର କରି ସେମାନଙ୍କର ବାର୍ଷିକ ଖେଳ ଉତ୍ସବ ବର୍ଷ ବର୍ଷ ଧରି ସେଠାରେ ଆୟୋଜନ କରି ଆସୁଛନ୍ତି। ନବଘନ ମହାବିଦ୍ୟାଳୟ ଓ ନବଘନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୩୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ସେମାନଙ୍କ ପାଇଁ ଖେଳପଡ଼ିଆ ନାହିଁ। ତେଣୁ ଏହି କଲେଜର ଛାତ୍ରଛାତ୍ରୀ କଲେଜ ଆରମ୍ଭ ହେବା ଦିନରୁ ଏହାକୁ ନିଜର ଖେଳ ପଡ଼ିଆ ଭାବେ ବ୍ୟବହାର କରି ଆସୁଛନ୍ତି। ଏହାସହ ଏହି ପଡ଼ିଆରେ ବିଭିନ୍ନ ପ୍ରକାର ସରକାରୀ ଓ ବେସରକାରୀ ସଭାସମିତି, ମହୋତ୍ସବ, ପର୍ବ ପର୍ବାଣିରେ ସାମୂହିକ ଲୋକେ ଏହାକୁ ବ୍ୟବହାର କରି ଆସୁଛନ୍ତି। ଏହି ପଡ଼ିଆଟି ନାୟକାଣୀଡ଼ିହି ଓ ଗୋବିନ୍ଦପୁର ପଞ୍ଚାୟତ ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଏଠାରେ ପ୍ରତ୍ୟେକ ଦିନ ଦୁଇ ପଞ୍ଚାୟତର ସହ ସହ ପିଲା ଖେଳୁଛନ୍ତି। ଏହି ଦୁଇ ପଞ୍ଚାୟତରେ କ୍ରୀଡା ଭିତିଭୂମିର ଅଭାବ ଯୋଗୁଁ ଓ ସେଭଳି ଉପଯୁକ୍ତ ପଡ଼ିଆ ନ ଥିବାରୁ ଲୋକେ ଏହାକୁ ପୁରୁଷ ପୁରୁଷ ଧରି ବ୍ୟବହାର କରି ଆସୁଛନ୍ତି। ବିଭିନ୍ନ ଅଞ୍ଚଳରୁ ଉଚ୍ଚ ଶିକ୍ଷା ପାଇଁ ନବଘନ କଲେଜକୁ ଆସୁଥିବା ଛାତ୍ରଛାତ୍ରୀ ସେମାନଙ୍କ ପଢ଼ା ସାରି ସେମାନଙ୍କର କଲେଜର ଖେଳ ପଡ଼ିଆ ନ ଥିବାରୁ ଉକ୍ତ କଲେଜକୁ ଲାଗି ଥିବା ପଡ଼ିଆକୁ ସେମାନେ ନିଜର ଖେଳ ପଡ଼ିଆ ଭାବେ ବ୍ୟବହାର କରି ଆସୁଛନ୍ତି। କ୍ରୀଡ଼ାର ଭିତିଭୂମିକୁ ସୁଦୃଢ କରିବା ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା କରୁଥିବା ବେଳେ ଏଠାରେ କିଭଳି ଖେଳପଡ଼ିଆ ଭାବେ ବ୍ୟବହାର କରୁଥିବା ବସ୍ତି ଯୋଗ୍ୟଥିବା କିସମକୁ ଏକ ସରକାରୀ କାର୍ଯ୍ୟାଳୟ ସ୍ଥାପନ କରାଯାଉଛି। ବିନା ଫଳକରେ ଏହାର ନିର୍ମାଣ କାର୍ଯ୍ୟର ତଳସ୍ତର ସମାପ୍ତ ହୋଇଛି। ପୁଣି ଏହି ପ୍ରକଳ୍ପଟି ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ବିନା ଫଳକରେ କେମିତି ହୋଇପାରୁଛି; ଯାହା ଅଞ୍ଚଳବାସୀଙ୍କୁ ଚକିତ କରିଛି। ସାମୂହିକ ସ୍ୱାର୍ଥରେ ବ୍ୟବହାର କରାଯାଉଥିବା ପଡ଼ିଆ ଉପରେ ହେଉଥିବା ନିର୍ମାଣ କାର୍ଯ୍ୟକୁ ବିରୋଧ କରି ଗ୍ରାମବାସୀ ସମେତ ଶତାଧିକ କଲେଜ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଏହି ପ୍ରକଳ୍ପକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ଦାବି ରଖିଛନ୍ତି। ଯଦି ଏହାର ଉପଯୁକ୍ତ ତଦନ୍ତ କରି ପ୍ରକଳ୍ପଟିକୁ ଅନ୍ୟତ୍ର ସ୍ଥାନାନ୍ତରିତ କରା ନ ଯାଏ ତେବେ ଗ୍ରାମବାସୀ ଓ କଲେଜ ଛାତ୍ରଛାତ୍ରୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

**୩ ଦିନ ଭିତରେ ପ୍ରକଳ୍ପକୁ ଅନ୍ୟତ୍ର ସ୍ଥାନାନ୍ତର ନ ହେଲେ ଆନ୍ଦୋଳନ**

## ସିଆଇଟିୟୁର ୭ମ ଜିଲ୍ଲାସ୍ତରୀୟ ସମ୍ମିଳନୀ




ଭଦ୍ରକ, ୮ ।୧୧(ସମିସ): ଭାରତର ସମ୍ବିଧାନ, ଧର୍ମନିରପେକ୍ଷ ଗଣତନ୍ତ୍ର ଓ ଭାରତର ସାର୍ବଭୌମତ୍ୱର ସୁରକ୍ଷା ସମେତ ଶ୍ରମିକ ସପକ୍ଷବାଦୀ ସମସ୍ତ ଶ୍ରମ ଆଇନର ସୁରକ୍ଷା, ସମସ୍ତ ସ୍କିମ ଶ୍ରମିକଙ୍କୁ ସ୍ଥାୟୀ ଶ୍ରମିକର ମାନ୍ୟତା ଦେବା ଆଦି ଦାବି କରି ସିଆଇଟିୟୁର ୭ମ ଭଦ୍ରକ ଜିଲ୍ଲା ସମ୍ମିଳନୀ ଭଦ୍ରକ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ଖୋଲା ଅଧିବେଶନ ଭଦ୍ରକ କଚେରୀ ବଜାରସ୍ଥିତ ଷ୍ଟେଟ ବ୍ୟାଙ୍କ ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଧାରଣ ସଭାରେ ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତି ବିରୁଦ୍ଧରେ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ। ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ମାଧ୍ୟମରେ ମୋଦି ସରକାର ଶ୍ରମିକ ଛଟେଇ କରୁଥିବାରୁ ଶ୍ରୀ ପତି ଗଭୀର ଉଦବେଗ ପ୍ରକାଶ କରିଥିଲେ। ଅନ୍ୟତମ ବକ୍ତା ଭାବେ ବରିଷ୍ଠ ବାମପନ୍ଥୀ ନେତା ସନ୍ତୋଷ ଦାସ ଯୋଗଦେଇ ଶ୍ରମିକ-ଚାଷୀ-କୃଷି ଶ୍ରମିକମାନେ ଏକଜୁଟ ହୋଇ ସାମ୍ପ୍ରଦାୟିକ- କର୍ପୋରେଟ କୁଚକ୍ର ବିରୁଦ୍ଧରେ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ। ସିଆଇଟିୟୁ ରାଜ୍ୟ ସମ୍ପାଦକ ରମେଶ ଯେନା, ସିଆଇଟିୟୁ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ସିଆଇଟିୟୁ ଜିଲ୍ଲା ସମ୍ପାଦକ କାଳନ୍ଦୀ ପାତ୍ର, ଜିଲ୍ଲା ଉପସଭାପତି ରାଧାନାଥ ଦାସ, ଅନ୍ୟତମ ଉପସଭାପତି ବିଷ୍ଣୁ ଦାଶ, ମଳୟ ଭୋଇ, ଯୁବନେତା ବିକାଶ ନାଥ ପ୍ରମୁଖ ଏହି ଖୋଲା ସଭାରେ ଉଦବୋଧନ ଦେଇଥିଲେ। ପ୍ରଥମେ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ ସଂଗଠନର ପତାକା ଉତୋଳନ କରିଥିବା ବେଳେ ସଂସ୍କୃତି ଭବନ ଠାରେ ଏହି ସମ୍ମିଳନୀକୁ ରାଜ୍ୟ ସମ୍ପାଦକ ରମେଶ ଯେନା ସମ୍ମିଳନୀକୁ ଉଦଘାଟନ କରିଥିଲେ। ଏହି ସମ୍ମିଳନୀରେ ଶ୍ରମିକ ନେତା ଦିବ୍ୟସିଂହ ନାୟକ ଜିଲ୍ଲା ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଥିବା ବେଳେ ଶ୍ରମିକ ନେତା କାଳନ୍ଦୀ ପାତ୍ର ଜିଲ୍ଲା ସମ୍ପାଦକ ଭାବେ ପୁନଃ ନିର୍ବାଚିତ ହୋଇଥିଲେ। ଶ୍ରମିକ ନେତା ରାଧାନାଥ ଦାସ, ମଳୟ ଭୋଇ, ବିଷ୍ଣୁ ଦାଶ, ସୀତା ଦାଶ ପ୍ରମୁଖ ଜିଲ୍ଲା ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସେକ୍ ସତାରୁଦ୍ଦିନ୍, ମମତା ଯେନା ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ଶ୍ରମିକ ନେତା ବିଷ୍ଣୁ ଦାଶ ଜିଲ୍ଲା କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଏହି ସମ୍ମିଳନୀକୁ ଓଡ଼ିଶା କୃଷକ ସଭା ଜିଲ୍ଲା ସଭାପତି ଚନ୍ଦ୍ରଶେଖର ନାୟକ, ଓଡ଼ିଶା କ୍ଷେତମଜଦୂର ୟୁନିୟନ ଜିଲ୍ଲା ସମ୍ପାଦକ ଗିରିଧାରୀ ନାଥ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ବରିଷ୍ଠ ଶ୍ରମିକ ନେତା ଅଭିନ୍ନ ଚନ୍ଦ୍ର ରାୟ, ଚାଷୀ ନେତା ନିରଞ୍ଜନ ପାଣି ପ୍ରମୁଖ ଶୁଭେଚ୍ଛା ଜଣାଇ ଥିଲେ।

## ରକ୍ତଦାନ ଶିବିର: ୬୨ ୟୁନିଟ୍ ସଂଗୃହୀତ

ଭଦ୍ରକ, ୮ ।୧୧(ସମିସ): ଧର୍ମପ୍ରାଣା ସମାଜସେବୀ ସ୍ୱର୍ଗତ ମଙ୍ଗଳାକ୍ଷୀ ବାରିକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଆଜି ମଙ୍ଗଳାକ୍ଷୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଭଦ୍ରକ ବନ୍ତଛକସ୍ଥିତ ସତ୍‌ସଙ୍ଗ ବିହାର ନିକଟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ରକ୍ତଭଣ୍ଡାରର ମୁଖ୍ୟ ଡାକ୍ତର ବିମଳା ମିଶ୍ରଙ୍କ ତତ୍ତ୍ୱାବଧାନରେ ବ୍ଲଡ୍ ବ୍ୟାଙ୍କର ରୂପକ କୁମାର ସେନାପତିଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ସହଯୋଗିତାରେ ଏହି ଶିବିରର ଆୟୋଜନ ହୋଇଥିଲା। ସକାଳ ୯ଟାରୁ ଆରମ୍ଭ ହୋଇଥିବା ଏହି ଶିବିର ଅପରାହ୍ନ ୨ଟା ଶେଷ ହୋଇଥିବାବେଳେ ମୋଟ ୬୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରଟି ଟ୍ରଷ୍ଟର ସଭାପତି ରମାକାନ୍ତ ପଲାଇଙ୍କ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣରେ ଉଦ୍‌ଯାପିତ ହୋଇଥିଲା। ପ୍ରତ୍ୟେକ ରକ୍ତଦାତାଙ୍କୁ ଟ୍ରଷ୍ଟ ପକ୍ଷରୁ ଗୋଟାଏ ଲେଖାଏଁ ଛତା ପ୍ରଦାନ କରି ଶ୍ରୀ ପଲାଇ କୃତଜ୍ଞତା ଜ୍ଞାପନ କରିଥିଲେ। ବିଶେଷକରି ରଶ୍ମିରଞ୍ଜନ ମହାକୁଡ, ମନିଷା ପଲେଇ ଓ ମିନାକ୍ଷୀ ମହାକୁଡ ପ୍ରମୁଖ ଏହି ଶିବିରର ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ।



## ଗଞ୍ଜେଇ ଜବତ; ୨ ବେପାରୀ ଗିରଫ

ଭଦ୍ରକ, ୮ ।୧୧(ସମିସ): ଭଦ୍ରକ ସହରାଞ୍ଚଳ ଥାନା ପୁଲିସ୍ ୨ଜଣ ଗଞ୍ଜେଇ ବେପାରୀଙ୍କୁ ପୁଲିସ୍ ଚରମ୍ପା ରେଳଷ୍ଟେସନ ୧୧୯ ନଂ. ଫାଟକ ନିକଟରୁ ଗିରଫ କରିଛି। ପ୍ରକାଶଯୋଗ୍ୟ, ଶୁକ୍ରବାର ସନ୍ଧ୍ୟାରେ ଭଦ୍ରକ ସହରାଞ୍ଚଳ ଥାନା ପୁଲିସ ପାଟ୍ରୋଲିଂ ଗାଡିକୁ ଚରମ୍ପା ଡାହାଣୀଗଡ଼ିଆ ଛକ ନିକଟରେ ଏକ ବାଇକ୍ ଦ୍ରୁତଗତିରେ ଓଭରଟେକ୍ କରିଥିଲା। ଫଳରେ ପୁଲିସ୍ ଉକ୍ତ ଗାଡିର ପିଛା କରି ଚରମ୍ପା ରେଳଷ୍ଟେସନର ୧୧୯ ନଂ ଫାଟକ ନିକଟରେ ମାଡିବସିଥିଲା। ଏହି ୨ଜଣ ଯୁବକ ହେଲେ ଭଦ୍ରକ ପୁରୁଣାବଜାର ଥାନା ଅଞ୍ଚଳର ସେକ୍ କଲିମୁଦ୍ଦିନ୍ ଓ ଅଫସର ଅନସାରୀ। ଯୁବକଦ୍ୱୟଙ୍କ ନିକଟରୁ ୬ କିଲୋ ୯୦୦ ଗ୍ରାମ ଗଞ୍ଜେଇ ସମେତ ବାଇକ୍‌ଟିକୁ ଜବତ ହୋଇଛି।



## ମାଛ ଟ୍ରକ୍ ଧକ୍କାରେ ଜଣେ ଗୁରୁତର

ବାରିକପୁର, ୮ ।୧୧(ସମିସ): ଭଣ୍ଡାରିପୋଖରୀ ଥାନା ଆଖୁଆପଦା ନିକଟରେ ଏକ ମାଛ ଟ୍ରକ୍ ଧକ୍କାରେ ଜଣେ ପିକପ ଚାଳକ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଗତ ଶୁକ୍ରବାର ରାତି ପ୍ରାୟ ୧୦ ସମୟରେ ରାଜପଥରେ ଯାଉଥିବା ପିକପଟିର ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ଗାଡି ଚାଳକ ପିକଅପକୁ ରାସ୍ତା ଉପରେ ରଖି ତନଖି କରୁଥିବା ବେଳେ କଟକ ପଟୁ ଆସୁଥିବା ମାଛ ଟ୍ରକ୍ ଗାଡି ଓ ଚାଳକକୁ ଧକ୍କା ଦେଇଥିଲା। ଫଳରେ ପିକଅପ ଚାଳକ ଗୁରୁତର ହୋଇଛନ୍ତି। ପୁଲିସ ମାଛ ଟ୍ରକ୍ ଟିକୁ ଥାନାରେ ଅଟକ ରଖିଛି। ଆନ୍ଧ୍ରପ୍ରଦେଶରୁ ଆସାମକୁ ଟ୍ରକଟି ମାଛ ବୋଝେଇ କରି ଯାଉଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିଲା।

### ଶିଳାନ୍ୟାସକୁ ଅଢ଼େଇ ବର୍ଷ ପୂରିଲା

## ଏନ୍‌ଏସି କାର୍ଯ୍ୟାଳୟ ଓ କର୍ମଚାରୀଙ୍କ ଗୃହ ନିର୍ମାଣ ନୋହିଲା



ଧାମନଗର, ୮ ।୧୧(ସମିସ): ଧାମନଗର ଏନଏସି ନୂତନ କାର୍ଯ୍ୟାଳୟ ଓ କର୍ମଚାରୀ ବାସଭବନ ଗୃହର ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଟଙ୍କା ମହଜୁଦ ଅଛି; କିନ୍ତୁ ଶିଳାନ୍ୟାସକୁ ଅଢ଼େଇ ବର୍ଷ ପୂରିଥିଲେ ମଧ୍ୟ ଏ ଯାଏ ଏନଏସି ଅଫିସ ଓ କର୍ମଚାରୀଙ୍କ ନିମନ୍ତେ ଗୃହ ନିର୍ମାଣ ହୋଇପାରିନାହିଁ। ତେଣୁ ଏଥିପାଇଁ କିଏ ଦାୟୀ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିକରିଛି। ଆଜକୁ ପ୍ରାୟ ଅଢ଼େଇ ବର୍ଷ ତଳେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳଙ୍କ କରକମଳରେ ଏହା ଶିଳାନ୍ୟାସ ହୋଇଥିଲା। ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନାମ ସହିତ ଅଧକ୍ଷା ନିବେଦିତା ଜେନା ଓ ତତ୍କାଳୀନ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାରିଙ୍କ ନାମ ଥିବା ଏହି ଦୁଇ ଶିଳାନ୍ୟାସ ଫଳକ ଏସଡିପିଓଙ୍କ କାର୍ଯ୍ୟାଳୟ ନିକଟସ୍ଥ ପଡ଼ିଆରେ ଦଣ୍ଡାୟମାନ ପୂର୍ବକ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ବିକାଶକୁ ବିଦ୍ରୂପ କରୁଛି। ଅନ୍ୟୂନ ୬ କୋଟି ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ନିର୍ମାଣରେ କିଏ ବାଧା ସୃଷ୍ଟି କରୁଛି। ଯାହା ଏ ଅଞ୍ଚଳ ବିକାଶର ପଥରୋଧ କରୁଛି। ଘଟଣାରୁ ଜଣାଯାଏ, ଏହି ପ୍ରକଳ୍ପର ଟେଣ୍ଡର ପୁଲିସ ହାଇସିଂ ବୋର୍ଡକୁ ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। ପରେ ନିର୍ବାଚନ ଆଚରଣ ବିଧିପାଇଁ ଏହି କାର୍ଯ୍ୟ ଆଗେଇ ପାରି ନଥିଲା। ନିର୍ବାଚନ ପରେ ସରକାର ଏବଂ ଜିଲ୍ଲାପାଳ ବଦଳିଲେ। ଯାହା ଫଳରେ ପୂର୍ବ ସରକାର ସମୟରେ ହୋଇଥିବା ନିଷ୍ପତି କାର୍ଯ୍ୟକାରୀ ହୋଇ ପାରିନଥିଲା। ପରେ ଅଧକ୍ଷା, ମନ୍ତ୍ରୀ ଓ ସାଂସଦଙ୍କ ପ୍ରତିନିଧି ଏବଂ ଇଓଙ୍କ ଅସହମତି ଯୋଗୁଁ ସମସ୍ତ ସିଦ୍ଧାନ୍ତ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଗଲା। ଜିଲ୍ଲାପାଳ ଏହି ପ୍ରକଳ୍ପ କାର୍ଯ୍ୟ କରିବାକୁ ଏମପିସିସିକୁ ଟେଣ୍ଡର ଦେବାକୁ ସ୍ଥିର କଲେ। ତାହା ବି ଧାର୍ଯ୍ୟ ନ ହୋଇ ପଡ଼ିରହିଛି। ଅଟକଳ ରାଶିର ୫ ଶତକଡ଼ା ଅଗ୍ରୀମ ପିସି ମଗାଯିବା ହେତୁ ଏମପିସିସି ଏହି କାର୍ଯ୍ୟରୁ ଓହରି ଯିବାକୁ ଶ୍ରେୟ ମଣିଛି। ଧାମନଗର ଏନ୍‌ଏସିର ବିକାଶରେ ବାଧା ପାଇଁ ବର୍ତ୍ତମାନର ଇଓଙ୍କ ଉଦାସୀନତା ମନୋଭାବ ହିଁ ଅନେକାଂଶରେ ଦାୟୀ। ଏହି ପ୍ରକଳ୍ପ ନିର୍ମାଣ ଓ ବସଷ୍ଟାଣ୍ଡ କାର୍ଯ୍ୟାରମ୍ଭ ପାଇଁ ପୂର୍ବ ଜିଲ୍ଲାପାଳଙ୍କ ଭଳି ବର୍ତ୍ତମାନର ଜିଲ୍ଲାପାଳଙ୍କ ଆନ୍ତରିକତା ପ୍ରକାଶ ପୂର୍ବକ ଧାମନଗର ଏନ୍‌ଏସିର ଉନ୍ନତି ଦିଗରେ ଯତ୍ନବାନ ହୋଇ ଯଥାଶୀଘ୍ର ଉକ୍ତ ଉନ୍ନତି କାର୍ଯ୍ୟ କରିବା ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି। ଏଥି ସହିତ ଏହି ବିଜ୍ଞାପିତ ଅଞ୍ଚଳ ପରିଷଦ ବିକାଶରେ ବାଧା ସୃଷ୍ଟି କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସହରାଞ୍ଚଳବାସୀ ଦାବି କରିଛନ୍ତି।

## କୋଠାରରେ ସ୍ୱତନ୍ତ୍ର ସେବା ଶିବିର

ଅସୁରାଳି, ୮ ।୧୧(ସମିସ): କୋଠାର ମା' ସାରଦା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ସେବା ଶିବିର ଉଦଘାଟିତ ହୋଇଯାଇଛି। ଏହିଁ ଶିବିରର ୩ୟ ଦିବସ ସ୍ଥାନୀୟ ଗୋବିନ୍ଦପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ କାଳରେ ଯୋଗ ଗୁରୁ ସଞ୍ଜୀବ ନାୟକଙ୍କ ନେତୃତ୍ୱରେ ଗୋବିନ୍ଦପୁର ପଞ୍ଚାୟତ ଅଫିସ ପ୍ରାଙ୍ଗଣରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଦ୍ୱିତୀୟ ପ୍ରହରରେ ଏକ ସ୍ୱଚ୍ଛ ଭାରତ ଉପରେ ଆଲୋଚନାଚକ୍ର ହୋଇଥିଲା। ସଭା ସଞ୍ଚାଳନ କରିଥିଲେ ଅଧ୍ୟାପକ ପ୍ରଭାତ କୁମାର ଧଳ। ସଭାରେ ସଭାପତିତ୍ୱ କରିଥିଲେ ଧୂଷୁରୀ ପ୍ରେସ ୟୁନିଅନ ସଭାପତି ସନ୍ତୋଷ ଦାସ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମିଛ କବିତାର ସମ୍ପାଦକ ଦୀପ୍ତିରଞ୍ଜନ ନାୟକ। ସମ୍ମାନିତ ଅତିଥି ଭାବେ ରାଜ୍ୟ ନିଶା ନିବାରଣ ସଂଗଠନର ମହିଳା ରାଜ୍ୟ ସଭାପତି ଅଞ୍ଜନା ମହାକୁଡ, ସାମ୍ବାଦିକ ସିଦ୍ଧାର୍ଥ ମିଶ୍ର ଓ ରବୀନ୍ଦ୍ର ପାଣିଗ୍ରାହୀ ଆଲୋଚନା କରିଥିଲେ। ଶିବିରାର୍ଥୀ ପ୍ରଭୁପାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ଆଗାମୀ ୧୨ତାରିଖ ପର୍ଯ୍ୟନ୍ତ ଚାଲିବ।

### ହକି ଖେଳର ୧୦୦ ବର୍ଷ ପୂର୍ତ୍ତି

## ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲରେ ପ୍ରଦର୍ଶନୀ



ଭଦ୍ରକ, ୮ ।୧୧(ସମିସ): ହକି ଖେଳର ୧୦୦ ବର୍ଷ ପୂରଣ ନିମନ୍ତେ ଆଜି ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲରେ ହକିର ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରଦର୍ଶନୀ ପ୍ରତିଯୋଗତା ଅନୁଷ୍ଠିତ ହୋଇଥିଲା। ଭଦ୍ରକ ସ୍ପୋର୍ଟସ ଏକାଡେମୀ ଓ ଏସ୍‌ବିଡି ସ୍ପୋର୍ଟସ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ରୂପେ ଜିଲ୍ଲାପାଳ ଦିଲୀପ ରାଉତରାଏ, ଅନ୍ୟତମ ଅତିଥି ରୂପେ ସ୍କୁଲ ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ, ଅଧକ୍ଷ ଯୁଧିଷ୍ଠିର ଦେବତା, କ୍ରୀଡା ବିଭାଗର ସ୍ୱତନ୍ତ୍ର ଅଧିକାରୀ ରମେଶ କୁମାର ମହାନ୍ତି ଓ ପୂର୍ବତନ ହକି ଖେଳାଳି ଅଟଳ ବିହାରୀ ସାମଲ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ବିଜୟୀ ଖେଳାଳିଙ୍କୁ ଟ୍ରଫୀୟି ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ରାଜେଶ୍ ନାୟକକୁ ସର୍ବଶ୍ରେଷ୍ଠ ଖେଳାଳି ରୂପେ ସମ୍ବର୍ଦ୍ଧିତ କରାଯାଇଥିଲା। ଏସ୍‌ବିଡି ସ୍ପୋର୍ଟସ ଏକାଡେମୀକୁ ଚମ୍ପିଆନ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାକୁ ମୁଖ୍ୟ ପରିଚାଳକ ରୂପେ ମନୋଜ କୁମାର ସାହୁ, ଚିତ୍ତରଞ୍ଜନ ଜେନା, ଅପୁ ମଣ୍ଡଳ, ବଳରାମ ସାହୁ, ପିତାମ୍ବର ରେଡି, ଇତିଶ୍ରୀ ସେଠୀ ଓ ପ୍ରିୟମମ୍ବଦା ସାମଲ ପ୍ରମୁଖ ସହଯୋଗ କରିଥିଲେ।

## କେନାଲ ରାସ୍ତାରେ ବେଆଇନ ଭାରୀଯାନ ଚଳାଚଳ

ବାରିକପୁର, ୮ ।୧୧(ସମିସ): ଭଣ୍ଡାରିପୋଖରୀ ଥାନା ନିକଟ ୩ ନମ୍ବର ହାଇଲେବୁଲ କେନାଲ ରାସ୍ତା ଦେଇ ଦୈନିକ ଶହଶହ ମାଲବାହୀ ଗାଡି ଚଳାଚଳ କରୁଛି। ବିଶେଷ କରି ଏହି କେନାଲ ରାସ୍ତାରେ ବାଲି ଟ୍ରାକ୍ଟର, ଗୋରୁ ଓ ଛେଳି ବୋଝେଇ ପିକଅପ, କୋଇଲା ଗାଡି, ଇଟା ଗାଡି, କାଠ ଗାଡି ଦୈନିକ ବେଆଇନ ଭାବେ ଯାଉଛି। ଜାତୀୟ ରାଜପଥର ଛତାବର ଟୋଲ ପ୍ଲାଜା ନିକଟରେ ଅନେକ ସମୟରେ ପୁଲିସ ରହୁଥିବା କାରଣରୁ ବେଆଇନ ଗାଡିଗୁଡିକ କେନାଲ ରାସ୍ତା ଦେଇ ଖସି ଯାଉଛନ୍ତି। ଏହାଛଡା ଟୋଲ ଫ୍ରି ମଧ୍ୟ ଛାଡ ହେଉଛି। ଯଦିଓ ବାଲି ପୋଖରୀ ନିକଟରେ ଅସ୍ଥାୟୀ ଭାବେ ମାଲବାହୀ ଗାଡିଗୁଡିକ ଠାରୁ ଅର୍ଥ ଆଦାୟ ହେଉଛି; କିନ୍ତୁ ତାହା ଟୋଲ ପ୍ଲାଜା ଠାରୁ ଢେର କମ୍ ରହିଛି। ଏହାଛଡା ବେଆଇନ ଭାବେ ମାଲ ପରିବହନ ମଧ୍ୟ କେନାଲ ରାସ୍ତାରେ ସୁବିଧା ହେଉଛି। ତେଣୁ ଭଦ୍ରକ ପଟୁ କଟକ ଓ ଅପରପାର୍ଶ୍ୱରୁ ଭଦ୍ରକ ଅଭିମୁଖେ ଆସୁଥିବା ଗାଡି ଗୁଡିକ ପାଇଁ ସୁରକ୍ଷିତ ହେଉଛି ତିନି ନମ୍ବର ହାଇଲେବୁଲ କେନାଲ ରାସ୍ତା। ଦିନରେ ଯେତିକି ବେଆଇନ ଗାଡି ଚଳାଚଳ କରୁଛି ରାତିରେ ଏହାର ଦଶଗୁଣ ଗାଡି ଯାଉଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ସ୍ଥାନୀୟ ଥାନା ପକ୍ଷରୁ ଏଭଳି ବେଆଇନ ଚଳାଚଳ ଉପରେ ରୋକ ଲଗାଇବା ଏଯାଏଁ ସମ୍ଭବ ହୋଇନାହିଁ। ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



### ବରିଷ୍ଠ ନାଗରିକ ସଂଘର ଜରୁରୀ ବୈଠକ

## 'ବରିଷ୍ଠଙ୍କୁ ସେବା ଯୋଗାଇବା ନିର୍ମାଲ୍ୟ ତୁଲ୍ୟ'



ତିହିଡି, ୮ ।୧୧(ସମିସ): ତିହିଡି ବ୍ଲକ ବରିଷ୍ଠ ନାଗରିକ ସଂଘର ଉପଦେଷ୍ଟା ସୁରେନ୍ଦ୍ର ନାୟକଙ୍କ ଆବାହକତ୍ୱରେ ବଡ଼ଗାଲୋ ନିକଟସ୍ଥ ଗଣେଶ ମନ୍ଦିର ସନ୍ନିକଟ ନୂତନ ଭାବେ ଉଦ୍ଘାଟିତ ସଭା ଗୃହରେ ଆଜି ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋମନାଥ ପାଢ଼ୀ ସଭାପତିତ୍ୱ କରିଥିଲେ। ଜୀବନର ପରାର୍ଦ୍ଧ ଜୀବନରେ ସମସ୍ତ ବରିଷ୍ଠ ନାଗରିକ ନାଜର ଆତ୍ମୀୟଙ୍କ ସେବାରେ କାଳାତିପାତ କରିବା ପାଇଁ ମତପ୍ରକାଶ ପାଇଥିଲା। ଏଥି ସଂଗେ ସଂଗେ ବ୍ୟାଙ୍କ୍, ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ ତଥା ପୋଷ୍ଟ ଅଫିସରେ ନାହିଁ ନ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବାରୁ ସେମାନଙ୍କୁ ସେବା ଯୋଗାଇବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସଂଘର କର୍ମକର୍ତ୍ତା ନିବେଦନ କରିଥିଲେ। ବରିଷ୍ଠଙ୍କୁ ସେବା ଯୋଗାଇବା ଓ ସେବା ଦେବା ନିର୍ମାଲ୍ୟ ତୁଲ୍ୟ କାର୍ଯ୍ୟ କରେ ବୋଲି ଅତିଥିମାନେ କହିଥିଲେ। ଏହି ପରିପ୍ରେକ୍ଷୀରେ ସମ୍ପାଦକ ବିଭୂତିଭୂଷଣ ସେନାପତି ସ୍ୱାଗତ ଭାଷଣ ଓ ସୁରେନ୍ଦ୍ର କୁମାର ନାୟକ ନୂତନ ସଭା ଗୃହର ବିବରଣୀ ଦେଇଥିଲେ। ଉପସଭାପତି ମହେଶ ପ୍ରସାଦ ଦାସ, ସେବା ନିବୃତ୍ତ କର୍ମଚାରୀ ଧନେଶ୍ୱର ବିଶ୍ୱାଳ, ଶିକ୍ଷାବିତ୍ ସନ୍ନ୍ୟାସୀ ଚରଣ ବ୍ରହ୍ମ, ନିତ୍ୟାନନ୍ଦ ମଲ୍ଲିକ, କୃତିବାସ ଯେନା, ରଘୁନାଥ ଯେନା, ହରିଶ୍ଚନ୍ଦ୍ର ବାରିକ, ଜଗନ୍ନାଥ ନାୟକ, ରାମନାରାୟଣ ନାୟକ, ଜୟଦେବ ଦାସ, ରଘୁନାଥ ପାତ୍ର, ଅକ୍ଷୟ କୁମାର ବ୍ରହ୍ମ, କୁଳମଣି ସାହୁ, ରବୀନ୍ଦ୍ର କୁମାର ଦାସ, ଅନାଦି ଚରଣ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ନାଗରିକ ସଂଘର ସଂଗଠକ ଗୟାଧର ବଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଭଦ୍ରକ ଜିଲ୍ଲା: ୧୫ ବର୍ଷରେ ବଜ୍ରପାତ ନେଲାଣି ୧୪୮ ଜୀବନ

## ମୃତକ ପରିବାରକୁ ୬ କୋଟିରୁ ଊର୍ଦ୍ଧ୍ୱ ଅନୁକମ୍ପା ରାଶି ପ୍ରଦାନ

ଭଦ୍ରକ, ୮ ।୧୧(ସମିସ)



ଭଦ୍ରକ ଜିଲ୍ଲାରେ ବଜ୍ରପାତ ମୃତ୍ୟୁସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗତ ୧୫ ବର୍ଷରେ ଜିଲ୍ଲାରେ ପ୍ରାୟ ୧୪୮ ଜଣଙ୍କ ବଜ୍ରାପାତଜନିତ ମୃତ୍ୟୁ ଘଟିଛି। ବଜ୍ରପାତ ମୃତକଙ୍କ ପରିବାରକୁ ଅନୁକମ୍ପା ରାଶି (ଏସଗ୍ରେସିଆ) ବାବଦରେ ପ୍ରାୟ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ବାବଦରେ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟଯେ, ଗତ ୨୦୧୨-୧୩ ମସିହାରେ ବଜ୍ରପାତରେ ଜିଲ୍ଲାରେ ୧୩ ଜଣଙ୍କର ମୃତ୍ୟୁ ଘଟିଥିଲା। ସେତେବେଳେ ପ୍ରତି ମୃତକଙ୍କ ପରିବାରକୁ ୧ ଲକ୍ଷ ୫୦ ହଜାର ଟଙ୍କାର ଆର୍ôଥକ ଅନୁଦାନ ପ୍ରଦାନ କରାଯାଇଥିଲା। ୨୦୧୩-୧୪ ମସିହାରେ ୬ ଜଣଙ୍କର ପ୍ରାଣ ନେଇଥିଲା ବଜ୍ରପାତ। ୨୦୧୫ରେ ଜିଲ୍ଲାରେ ୧୦ ଜଣ ଲୋକଙ୍କର ମୃତ୍ୟୁ ଘଟିଥିଲା। ୨୦୧୬ ମସିହାରେ ଜିଲ୍ଲାରେ ୧୪ ଜଣ ଲୋକଙ୍କର ବଜ୍ରାଘାତରେ ମୃତ୍ୟୁ ଘଟିଥିଲା। ସେହିପରି ୨୦୧୭ ମସିହାରେ ୨୬ ଜଣ ଲୋକଙ୍କର ବଜ୍ରପାତରେ ମୃତ୍ୟୁ ଘଟିଥିଲା। ରାଜ୍ୟ ସରକାର ଗତ ୨୦୧୫-୧୬ ମସିହାରେ ବଜ୍ରପାତ ମୃତ୍ୟୁ ଜନିତ ଅନୁକମ୍ପା ରାଶିକୁ ଦେଢ଼ଲକ୍ଷରୁ ୪ ଲକ୍ଷକୁ ବୃଦ୍ଧି କରିଥିଲେ। ୨୦୧୮ ମସିହାରେ ୧୪ ଜଣଙ୍କର ବଜ୍ରପାତରେ ମୃତ୍ୟୁ ଘଟିଥିବା ବେଳେ ୨୦୧୯ ରେ ୮ ଜଣଙ୍କର ମୃତ୍ୟୁ ଘଟିଥିଲା। ସେହିପରି ୨୦୨୦ ମସିହାରେ ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦୨୧ରେ ୯ ଜଣଙ୍କର ମୃତ୍ୟୁ ଘଟିଥିଲା। ସେହିପରି ୨୦୨୨ରେ ୮ ଜଣ, ୨୦୨୩ରେ ୧୨ ଜଣ, ୨୦୨୪ରେ ୧୧ ଜଣ ଓ ଚଳିତ ୨୦୨୫ ମସିହା ଜୁଲାଇ ମାସ ସୁଦ୍ଧା ବଜ୍ରପାତ ଜଣଙ୍କ ଜୀବନ ନେଇଥିବା ସୂଚନା ମିଳିଛି। ବଜ୍ରପାତ ଯୋଗୁଁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ବଜ୍ରପାତ ଜନିତ ମୃତ୍ୟୁସଂଖ୍ୟା କମାଇବା ପାଇଁ ସରକାରଙ୍କ ପକ୍ଷରୁ ସଚେତନତା କରାଯାଉଛି। ତେବେ ପୂର୍ବ ସରକାରଙ୍କ ତାଳ ଗଛ ଲଗାଇବା ପ୍ରକଳ୍ପ ଏଯାଏଁ କାର୍ଯ୍ୟକାରୀ ହୋଇନି। ତେଣୁ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ପାଇଁ ବ୍ୟାପକ ଜଣ ସଚେତନତା କାର୍ଯ୍ୟକ୍ରମ ସହ ପ୍ରତିରୋଧ ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ବଦଳିଲେ ଜିଲ୍ଲାର ୭ ପୁଲିସ ଅଧିକାରୀ

ଭଦ୍ରକ, ୮ ।୧୧(ସମିସ): ଭଦ୍ରକ ଜିଲ୍ଲା ପୋଲିସ ପ୍ରଶାସନରେ ଏକ ଅଦଳବଦଳ ହୋଇଛି। ଏଥିରେ ୭ ଜଣ ପୁଲିସ ଅଧିକାରୀଙ୍କୁ ଏସ୍‌ପି ମନୋଜ କୁମାର ରାଉତ ବଦଳି କରିଛନ୍ତି। ସୂଚନାଯୋଗ୍ୟ ଯେ, ନିକଟରେ ଭଦ୍ରକ ଜିଲ୍ଲାର ୧୧ ଏସଆଇ ପଦୋନ୍ନତି ପାଇ ଆଇଆଇସି ହୋଇଥିଲେ। ସେମାନଙ୍କ ମଧ୍ୟରୁ କିଛି ଅଧିକାରୀଙ୍କୁ ଆଜି ଏସ୍‌ପି ଥାନା ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ସେହିଭଳି ଆଉ କେତେକ ଥାନାଧିକାରୀଙ୍କୁ ମଧ୍ୟ ଗୋଟିଏ ଥାନାରୁ ଅନ୍ୟ ଥାନାକୁ ବଦଳି କରାଯାଇଛି। ବଦଳି ହୋଇଥିବା ଅଧିକାରୀମାନେ ହେଲେ କେନ୍ଦୁଆପଦା ଫାଣ୍ଡି ଅଧିକାରୀ ପଦବୀରେ ଥିବା ଶାନ୍ତନୁ ଜେନାଙ୍କୁ ଧାମରା ଥାନାଧିକାରୀ ଭାବେ ବଦଳି କରାଯାଇଛି। ସେହିଭଳି ସାବରଙ୍ଗ ଥାନା ଆଇଆଇସି ଉମାଶଙ୍କର ନାୟକଙ୍କୁ ନାୟକାଣୀଡିହ ଥାନାକୁ ପଠାଯାଇଛି। ସେଠାରେ ଥିବା ଆଇଆଇସି ରାଜଲକ୍ଷ୍ମୀ ନାୟକଙ୍କୁ ଭଣ୍ଡରିପୋଖରୀ ଥାନାର ଆଇଆଇସି ଭାବେ ଅଣାଯାଇଛି। ଭଣ୍ଡାରିପୋଖରୀ ଥାନା ଅଧିକାରୀଙ୍କ କମଳାକାନ୍ତ ଦାଶଙ୍କୁ ପୁଲିସ ହେଡକ୍ୱାର୍ଟରକୁ ଅଣାଯାଇଛି। ଧାମରା ଥାନାରେ ଥିବା ଶୋଭନ କୁମାର ସ୍ୱାଇଁଙ୍କୁ ସାବରଙ୍ଗ ଥାନା ଦାୟିତ୍ୱ ଦିଆଯାଇଛି। ପୁଲିସ ମୁଖ୍ୟାଳୟରେ ଥିବା ସବ୍ ଇନ୍ସପେକ୍ଟର ଅଭିମନ୍ୟୁ ଦାସଙ୍କୁ କେନ୍ଦୁଆପଦା ଫାଣ୍ଡିକୁ ପଠାଇଥିବା ବେଳେ ସାବରଙ୍ଗର ଏଏସଆଇ କମଳାକାନ୍ତ ନାୟକଙ୍କୁ ବନ୍ତ ଥାନାକୁ ବଦଳି କରାଯାଇଛି।

# ତାରିଣୀ ମନ୍ଦିରର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆମ୍ବୁଲାନ୍ସ ସେବା ଲୋକାର୍ପିତ

ଘଟଗାଁ, ୮।୧୧(ସମିସ)



ଘଟଗାଁ ମା'ତାରିଣୀ ମନ୍ଦିର ଟ୍ରଷ୍ଟ ବୋର୍ଡ ତରଫରୁ ରୋଗୀମାନଙ୍କ ପାଇଁ ଆମ୍ବୁଲାନ୍ସ ସେବାକୁ ଲୋକାର୍ପିତ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଦେବୋତ୍ତର ବିଭାଗର ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର ବିକାଶ ଗୋଏଲ, ସ୍ଥାନୀୟ ସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ ଡାକ୍ତର ମୁକ୍ତିକାନ୍ତ ନାୟକ, ଦେବୋତ୍ତର ଡିଭିଜିନାଲ ନିରୀକ୍ଷକ ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ରୋଗୀଙ୍କୁ ନେବା ସମୟରେ ଅକ୍ସିଜେନ ସହ ସ୍ୱାସ୍ଥ୍ୟ କର୍ମଚାରୀ ଓ ଆବଶ୍ୟକ ଔଷଧ ରଖିବା ବ୍ୟବସ୍ଥା ହୋଇଛି। ଏହି ଆମ୍ବୁଲାନ୍ସ ପାଇଁ ଯୋଗାଯୋଗ ପାଇଁ ଫୋନ ନମ୍ବର ୯୩୪୮୨-୯୬୭୧୧ ରଖାଯାଇଛି।

ଉଲ୍ଲେଖନୀୟ ଯେ ମନ୍ଦିର ଟ୍ରଷ୍ଟ ବୋର୍ଡର ନିଜସ୍ୱ ପାଣ୍ଠିରୁ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଏପରି କାର୍ଯ୍ୟକୁ ପ୍ରଶଂସା କରାଯାଇଛି। କାର୍ଯ୍ୟକ୍ରମକୁ ମନ୍ଦିର କର୍ମଚାରୀ ଅବନୀ ଜେନା ହରେକୃଷ୍ଣ ପଲେଇ, ଶରତ ବେହେରା, ନକୁଳ ବେଜ ପ୍ରମୁଖ ପରିଚାଳନା କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ଅଟୋ ଚୁର୍‌ମାର୍; ଚାଳକ ମୃତ



କେନ୍ଦୁଝର, ୮।୧୧(ସମିସ): ଅଜଣା ଗାଡ଼ି (ଓଡି-ଜିର-୯-ୟାଇ-୮୦୯୦) ଧକ୍କାରେ ଏକ ଅଟୋ ଚୁର୍‌ମାର୍ ହୋଇଯାଇଛି। ଏଥିରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଯୁବକ ଜଣଙ୍କ ହେଲେ ରାଇସୁଆଁ ରାଜବନ୍ଧ ସାହିର ଆକାଶ କୁମାର ମାର୍ଡି(୨୧)। ଗତକାଲି ରାତ୍ର ୧୦ଟା ପାଖାପାଖି ଆକାଶ ବଡବାପାଙ୍କୁ କରଞ୍ଜିଆ ବସଷ୍ଟାଣ୍ଡରେ ଛାଡି ଏକ ଭଡାରେ ଯାଇଥିଲେ। ଫେରୁଥିବାବେଳେ ୪୯ନମ୍ବର ଜାତୀୟ ରାଜପଥର ବଦାପଳସା ଅଶୋକ ଲିଲାଣ୍ଡ ସୋରୁମ୍ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ଅଟୋ ଟକୁ ଧକ୍କାଦେଇ ଚାଲିଯାଇଥିଲା। ଫଳରେ ଆକାଶଙ୍କ ମୃତ୍ୟୁ ଘଟିଛି। ସଦର ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋ ସମେତ ଶବ ଜବତ କରି ତଦନ୍ତ ଚଳାଇଛି। ଏନେଇ ଏକ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ବଳରାମପୁରରେ ବିଜ୍ଞାନ ପ୍ରଦର୍ଶନୀ



ଆନନ୍ଦପୁର, ୮।୧୧(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ବଳରାମପୁରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ହୋଇଯାଇଛି। ପ୍ରଧାନଶିକ୍ଷକ ଅନୀଲ କୁମାର ନାୟକ ଉଦଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପୀ ଦାସ ଏବଂ ଚିନ୍ତାମଣି ସାହୁ ବିଚାରକ ଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ଚିନ୍ମୟୀ ସେଠୀ ଓ ଶିକ୍ଷକ ବାବୁଲାଲ ନାୟକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରକଳ୍ପର ପ୍ରଦର୍ଶନୀ ହୋଇଥିଲା। ନିବେଦିତା ଦାସ, ସୁପ୍ତିପ୍ରୀୟା ଚକ୍ର, ପ୍ରମିଳା ସେଠୀ, ସୁଷମା ଜେନା, ମାନସୀ ସାହୁ, ସୁବ୍ରତ ସାହୁ, ନାଗଭୂଷଣ ରାଉତ, ସୁଭଦ୍ରା ନାୟକ, ଆଶିଷ ସାହୁ, ରଶ୍ମି ବେହେରା, ରସାନନ୍ଦ ସାହୁ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନେ ୩୨ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

## ପୋଖରୀରେ ପଡ଼ି ମହିଳା ମୃତ

ଭଣ୍ଡାରିପୋଖରୀ, ୮।୧୧(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ତେସିଙ୍ଗା ପଞ୍ଚାୟତ ଭାଗଡ଼ା ଗ୍ରାମର ସରସ୍ୱତୀ ବେହେରା(୪୩) ଶୁକ୍ରବାର ମଧ୍ୟାହ୍ନରେ ଗ୍ରାମ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିବା ଜଣାଯାଇଛି। ସ୍ଥାନୀୟ ଦମକଳ କେନ୍ଦ୍ର କର୍ମଚାରୀମାନେ ସରସ୍ୱତୀଙ୍କୁ ପୋଖରୀରୁ ଉଦ୍ଧାର କରି ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଥାନାରେ ୨୨/୨୫ନଂ ଅପମୃତ୍ୟୁ ମାମଲା ରଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି।

## ରାଜ୍ୟ 'ସୁରଭି'କୁ ଯିବେ ବର୍ଷା ପ୍ରିୟଦର୍ଶିନୀ ଷେଣ୍ଡ

ଭଣ୍ଡାରିପୋଖରୀ, ୮।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ମଣିନାଥପୁର ନରେନ୍ଦ୍ର କୁମାର ପରିଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏକାଦଶ ଶେଣୀ ଛାତ୍ରୀ



ବର୍ଷା ପ୍ରିୟଦର୍ଶିନୀ ଷେଣ୍ଡ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିର ସୃଜନଶୀଳ ଲେଖା ବିଭାଗରେ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ଉତ୍ସବ ପାଇଁ ମନୋନୀତ ହୋଇଛନ୍ତି। ଗତ ଶୁକ୍ରବାର ଜିଲ୍ଲାସ୍କୁଲ ପରିସରରେ ଅନୁଷ୍ଠିତ ମହୋତ୍ସବରେ କୁମାରୀ ଷେଣ୍ଡଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ପ୍ରଥମ ପୁରସ୍କାର ପ୍ରଦାନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମୀର କୁମାର ଚୌଧୁରୀଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଆଗାମୀ ସପ୍ତାହର ପ୍ରଥମ ଭାଗରେ ଭୁବନେଶ୍ୱରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ କୁମାରୀ ଷେଣ୍ଡ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି। ଏହି ସଫଳତା ପାଇଁ ଶନିବାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସମ୍ପୃକ୍ତ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ରାଜ୍ୟସ୍ତରୀୟ ମହୋତ୍ସବରେ ସଫଳତା କାମନା କରାଯାଇଛି।

## ୧୬ରେ ରାଜ୍ୟସ୍ତରୀୟ ଜନଜାତି ଛାତ୍ରଛାତ୍ରୀ ସମ୍ମିଳନୀ




ଚମ୍ପୁଆ, ୮।୧୧(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ରାଜ୍ୟସ୍ତରୀୟ ଜନଜାତି ଛାତ୍ରଛାତ୍ରୀ ସମ୍ମିଳନୀ କେନ୍ଦୁଝରରେ ଚଳିତ ମାସ ୧୬ ଏବଂ ୧୭ ତାରିଖ ହେବାକୁ ଯାଉଛି। କନ୍ଧମାଳ, ଗଜପତି, ରାୟଗଡ଼ା, ମୟୂରଭଞ୍ଜ, ରାଉରକେଲା ଆଦି ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୫୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ନେଇ ଏକ ପ୍ରସ୍ତୁତି ଜୋର୍‌ସୋରରେ ଚାଲିଛି। ଏଥିରେ ଛାତ୍ରବୃତ୍ତି, ବାସଗୃହ, ଟ୍ୟୁସନ ଫି, ପାଠ୍ୟପୁସ୍ତକ, ଯୋଗାଯୋଗ ଭତ୍ତା, ପୋଷାକ ଆଦି ସୁବିଧା ସହିତ ଉଚ୍ଚଶିକ୍ଷା ଏବଂ ରୋଜଗାରମୂଳକ ପ୍ରଶିକ୍ଷଣ ଯୋଜନା ଏବଂ ସେମାନଙ୍କ ସଂସ୍କୃତିକୁ ସୁରକ୍ଷା ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯିବ। ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରଶ୍ନୋତ୍ତର ଅଧିବେଶନର ବ୍ୟବସ୍ଥା ରହିଛି। ଜନଜାତି ଛାତ୍ରଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା ସାଂସ୍କୃତିକ ବେଶଭୂଷା ମଧ୍ୟରେ ଆୟୋଜନ କରାଯିବ। ଏନେଇ ଅଖିଳଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସହସମ୍ପାଦକ କ୍ଷୀରୋଦ ପଣ୍ଡା, ମୟୂରଭଞ୍ଜ ବିଭାଗ ସହସଂଯୋଜକ ଚିନ୍ମୟ କୁମାର ବାରିକ, କେନ୍ଦୁଝର ଜିଲ୍ଲା ସଂଯୋଜକ ସ୍ୱରାଜ କେତନ ମହାନ୍ତ ଏବଂ ଦୀପକ ମୁଣ୍ଡା ବିଭିନ୍ନ ସୂଚନା ଦେଇଥିଲେ।

## ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ର ସାମୂହିକ ଗାନ ଉତ୍ସବ



ଆନନ୍ଦପୁର, ୮।୧୧(ସମିସ): ଆନନ୍ଦପୁର ପୌରପାଳିକା ଓ ବିଭିନ୍ନ ୍ୱବିଦ୍ୟାଳୟରେ ରାଷ୍ଟ୍ରଗୀତ 'ବନ୍ଦେମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ବଙ୍କିମ୍‌ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଦ୍ୱାରା ୧୮୭୫ ମସିହାରେ ରଚିତ ଏହି ଗୀତର ସାମୂହିକ ଗାତ ଉତ୍ସବକେନ୍ଦ୍ର ଓ ରାଜ୍ୟ ସରକାର ପକ୍ଷରୁ ପାଳନ କରାଯାଇଥିଲା ବେଳେ ଆନନ୍ଦପୁର ପୌରପାଳିକା ପକ୍ଷରୁ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ଗୋଷ୍ଠୀ ସଂଗଠିକା ରାଜଶ୍ରୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ରଜନୀରାଣୀ ଖଟୁଆ, ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ବିଜେପି ଜିଲ୍ଲା ଉପସଭାପତି ନିରାକାର ଦଳେଇ, କାଉନ୍‌ସିଲର ରଶ୍ମିତା ବାରି, ନିବେଦିତା ବେହେରା, ଲିନାରାଣୀ ସାହୁ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ପୌର କର୍ମଚାରୀ ଧନୁର୍ଜୟ ଦାଶ, ଶୁଭକାନ୍ତ ଜେନା, ଅଂଶୁମାନ ପାଢ଼ୀ, ଏସ୍‌କେ. ଶାହାବାଜ ଆଲାମ, ଭାଗୀରଥ ଦାଶଙ୍କ ସହ ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ ଓ ସମସ୍ତ କର୍ମଚାରୀ ଏହି ରାଷ୍ଟ୍ରଗୀତ ଗାନ କରିଥିଲେ। ସେହିପରି ଆନନ୍ଦପୁର ବ୍ଲକର ବିଭିନ୍ନ ହାଇସ୍କୁଲରେ ଏହି ଉତ୍ସବ ପାଳନ କରାଯାଇଥିବା ବେଳେ ଛାତ୍ରଛାତୀମାନଙ୍କ ମଧ୍ୟରେ ରଙ୍ଗୋଲି, ଚିତ୍ରାଙ୍କନ, ବକ୍ତୃତା, ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା।

## ସ୍ୱାମ ପାଟଣା କଲେଜରେ ସାଇବର ସଚେତନତା

ତୁରୁମୁଙ୍ଗା, ୮।୧୧(ସମିସ): ଦେଶ ଓ ରାଜ୍ୟରେ ସାଇବର କ୍ରାଇମ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବେଳେ ଏଥିରେ ଅଙ୍କୁଶ ଲଗାଇବା ଏବଂ ସଚେତନତା ଉଦ୍ଦେଶ୍ୟରେ ଶନିବାର ପାଟଣା ପୁଲିସ ପକ୍ଷରୁ ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। କଲେଜ ଛାତ୍ରଛାତ୍ରୀ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀଙ୍କ ସହ କାର୍ଯ୍ୟକ୍ରମରେ ସାଧାରଣ ଲୋକେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଙ୍କୁ ସାଇବର ଠକେଇରୁ ସୁରକ୍ଷିତ ରହିବା ପାଇଁ ବିଭିନ୍ନ ପରାମର୍ଶ ଓ ସଚେତନତା କାର୍ଯ୍ୟକ୍ରମ ସହ ପାଲା ମାଧ୍ୟମରେ ସାଇବର ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଭାରପ୍ରାପ୍ତ ଥାନାଧିକାରୀ ସ୍ୱରୂପ ରଞ୍ଜନ ନାୟକ, ପାଟଣା ଥାନା ଏସଆଇ ଲକ୍ଷ୍ମଣ ମାଝୀଙ୍କ ସହ ଅନ୍ୟ ପୁଲିସ କର୍ମଚାରୀ ସାମିଲ ଥିଲେ। ଛାତ୍ରଛାତ୍ରୀ ମୋବାଇଲରେ



ଆସୁଥିବା ଓଟିପି ଓ ଫେକ୍‌କଲ୍‌ରୁ କିଭଳି ନିଜ ଏକାଉଣ୍ଟକୁ ସୁରକ୍ଷିତ ରଖିବେ ସେନେଇ ସଚେତନ କରାଯାଇଥିଲା।

## ନୂଆପଡ଼ା ପ୍ରଚାରରେ ସଞ୍ଜୀବ

ବାରିକପୁର, ୮।୧୧(ସମିସ): ନୂଆପଡ଼ା ପାଇଁ ହେଉଥିବା ଉପନିର୍ବାଚନ ପ୍ରଚାର ଆଉ ଅଳ୍ପ କେତେ ଘଣ୍ଟା ମଧ୍ୟରେ ଶେଷ ହେବ। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ନୂଆପଡ଼ା ପ୍ରଚାର ମଇଦାନରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ



ଛୁରିଆଙ୍କ ପାଇଁ ପ୍ରଚାର କରୁଛନ୍ତି। ପ୍ରାୟ ୧୫ଦିନ ହେବ ଶ୍ରୀ ମଲ୍ଲିକ ନୂଆପଡ଼ା ନିର୍ବାଚନମଣ୍ଡଳୀର କୋମନା ବ୍ଲକରେ ରହି ପ୍ରଚାର କରୁଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଲୋକପ୍ରିୟ ବିଧାୟକ ସଞ୍ଜୀବ ପ୍ରତ୍ୟକ ଦିନ ବିଭିନ୍ନ ପଞ୍ଚାୟତ ଗସ୍ତ କରିଛନ୍ତି। ପଞ୍ଚାୟତର ୱାର୍ଡଗୁଡିକରେ କର୍ମୀ ବୈଠକ ଡାକି ପ୍ରଚାରକୁ ସରଗରମ କରୁଥିବା ବେଳେ ବିଜେଡି ପ୍ରାର୍ଥିନୀଙ୍କୁ ବହୁ ପରିମାଣରେ ଭୋଟଦେଇ ନବୀନ ପଟ୍ଟନାୟକ ଓ ବିଜେଡି ସପକ୍ଷରେ ସମର୍ଥନ ଲୋଡୁଛନ୍ତି। ସକାଳୁ ବିଳମ୍ବିତ ରାତି ଯାଏ ପ୍ରଚାର ମଙ୍ଗ ଧରିଥିବା ଶ୍ରୀ ମଲ୍ଲିକ ବିଜେଡି ସପକ୍ଷରେ ସର୍ବାଧିକ ଜନମତ ସୃଷ୍ଟି କରୁଥିବା ଜଣାପଡ଼ିଛି। ମହିଳା, ଛାତ୍ର, ଯୁବ ଓ ବରିଷ୍ଠ କର୍ମୀ ମାନଙ୍କୁ ନେଇ ବିଧାୟକ ଶେଷ ପର୍ଯ୍ୟାୟ ପ୍ରଚାରରେ ଉପନୀତ ହୋଇଛନ୍ତି।

## ଫେଲ୍ ମାରିଛି ମେଗା ପାନୀୟଜଳ କଳ୍ପ

ବାରିକପୁର, ୮।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଫେଲ ମାରିଥିବା ଅଭିଯୋଗ ହେଉଛି। ୨୦୧୬ରେ ଆଖୁଆପଦା ଆନିକଟଠାରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ କାମ ଆରମ୍ଭ ହୋଇଥିଲା। ଅତ୍ୟାଧୁନିକ ମୋଟର ଜରିଆରେ ବୈତରଣୀରୁ ପାଣି ଆଣି ଏହାକୁ ବିଶୋଧନ କରିବା ସହିତ



ପାଇପ ଯୋଗେ ଘର ଦୁଆର ମୁହଁରେ ଜଳ ଯୋଗାଇବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ପ୍ରକଳ୍ପ ସକାଶେ ପ୍ରାଥମିକ ଭାବେ ୬୭କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ତିନି ବର୍ଷରେ କାମ ସାରିବାକୁ ନିର୍ଦ୍ଦେଶ ହୋଇଥିଲା। ଇତିମଧ୍ୟରେ ୮ବର୍ଷ ବିତିଯାଇଥିଲେ ସୁଦ୍ଧା ନା ପ୍ରକଳ୍ପ କାମ ସରିଛି ନା ପାଇପ ଯୋଗେ ଲୋକେ ପାଣି ପାଇ ପାରୁଛନ୍ତି। ବ୍ଲକର ୧୧୯ଟି ଗାଁକୁ ଏହି ମେଗା ପ୍ରକଳ୍ପରେ ଯୋଡ଼ା ଯାଇଥିଲେ ସୁଦ୍ଧା ସର୍ବସାଧାରଣସର୍ବନିମ୍ନ୧୯ଟିସ୍ଥାନରେପାଣିମୁଦାଏପାଇପାରିନାହାନ୍ତି। ଦୈନିକ ବୈତରଣୀରୁ ପାଣି ଆସୁଥିଲେ ବି ତ୍ରୁଟିପୂର୍ଣ୍ଣ ପାଇପ ସଂଯୋଗ କାର୍ଯ୍ୟ ଯୋଗୁଁ ଜଳ ଚାଷଜମି ଓ ରାସ୍ତାଘାଟରେ ବହିଯାଉଛି। ଯେଉଁ କେତୋଟି ସ୍ଥାନରେ ଟ୍ୟାପ ନିର୍ମାଣ ହୋଇଛି ପରିଚାଳନାଗତ ଶୂନ୍ୟତା ଯୋଗୁଁ ସେଥିରେ ମଧ୍ୟ ପାଣି ନଷ୍ଟ ହେଉଛି। ସରକାରୀ କାଗଜରେ ପ୍ରକଳ୍ପ ଚାଲୁଥିବା ଲିପିବଦ୍ଧ ହେଉଥିବା ବେଳେ ଲୋକେ କିନ୍ତୁ ଏହାଦ୍ୱାରା ଉପକୃତ ହେଉନାହାନ୍ତି। ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ନେଇଥିବା ଘରୋଇ ସଂସ୍ଥା ଓ ଜିଲ୍ଲା ଜଳ ଏବଂ ପରିମଳ ବିଭାଗ ଅଧିକାରୀଙ୍କ ଅପାରଗତା ଯୋଗୁଁ ପ୍ରକଳ୍ପଟି ପୂର୍ଣ୍ଣାଙ୍ଗ ହେଉ ନଥିବା କୁହାଯାଉଛି। ତେଣୁ ଏହା ଉପରେ ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଉଜ୍ଜ୍ୱଳ ବରାଳଙ୍କ ପରଲୋକ



ଆନନ୍ଦପୁର, ୮।୧୧ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଗ୍ରାମର ଧର୍ମପରାୟଣା ମହିଳା ଉଜ୍ଜ୍ୱଳ ବରାଳ (୮୦)ଙ୍କର ଗତକାଲି ରାତିରେ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ପ୍ରଭାତ ବରାଳ, ସାନପୁଅ ନରେଶ ବରାଳ, ଝିଅ ସୁରମା ବରାଳଙ୍କ ସହ ପରିବାର ସଦସ୍ୟ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ଖବର ପାଇ ତାଙ୍କ ଅଳତିସ୍ଥ ବାସଭବନରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଗାଁ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନପୁଅ ନରେଶ ମୁଖାଗ୍ନି ଦେଇଛନ୍ତି।

# ତିନି ରାତ୍ର ବାଦିପାଲା ମହାମଞ୍ଚ ଉଦ୍‌ଯାପିତ

ତେଲକୋଇ, ୮।୧୧(ସମିସ): ତେଲକୋଇ ବ୍ଲକ ପୁରୁଯୋଡା ଗ୍ରାମ କାର୍ତ୍ତିକେଶ୍ୱର ସତ୍ୟନାରାୟଣ ପୂଜା ପାଲା ମଣ୍ଡପରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ତିନି ରାତ୍ର ବାଦିପାଲା ମହାମଞ୍ଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମବାସୀଙ୍କ ତରଫରୁ ପାରମ୍ପରିକ କାର୍ତ୍ତିକ ପୂର୍ଣ୍ଣିମା ପାଳନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ବାଦିପାଲା ଗାୟିକା ସ୍ୱରଭାରତୀ ସସ୍ମିତା ପ୍ରଧାନ ଓ ଗାୟିକା ପ୍ରତିଭା ବାସନ୍ତୀ ବେହେରା ମଧ୍ୟରେ ହୋଇଥିଲା। ସମୀକ୍ଷକ ଭାବେ ଗୋବର୍ଦ୍ଧନ ପାତ୍ର ଓ ଦେବାନନ୍ଦ ମହାନ୍ତ ଯୋଗ ଦେଇଥିଲେ। ସ୍ୱନାମଧନ୍ୟା ଗାୟିକା ଦୁହେଁ ଖୁବ୍ ସୁନ୍ଦର ପାଲା ପରିବେଷଣ କରିଥିଲେ। ଗାୟିକା ସସ୍ମିତା ପ୍ରଧାନ ଦାନବୀର ହରିଶ୍ଚନ୍ଦ୍ର



କଥାବସ୍ତୁ ଅତି ସୁନ୍ଦର ଭାବେ ଦର୍ଶକଙ୍କୁ ବୁଝାଇ ମୋହିତ କରିଥିଲେ। ବାସନ୍ତୀ ବେହେରାଙ୍କ ମହାଭାରତର ଧର୍ମବୃକ୍ଷ ଓ ପାପବୃକ୍ଷ ବିଷୟବସ୍ତୁ ତଥା ସୁନ୍ଦର କଣ୍ଠସ୍ୱର ଆକର୍ଷଣ ହୋଇଥିଲା। ପାଲାପୂଜା କମିଟି ସଭାପତି ବଳଭଦ୍ର ବେହେରା, ସମ୍ପାଦକ ଭାଗୀରଥି ମହାନ୍ତ, ସଦସ୍ୟ ବସନ୍ତ ନାୟକ, ବଳରାମ ମହାନ୍ତ, ମହେଶ୍ୱର ନାୟକ, ମାଗୁଣୀ ଚରଣ ପାତ୍ର, ଚିନ୍ତାମଣୀ ପାତ୍ର, ଡିକ୍ରେଷନ ପାତ୍ର, ସୋଷେଣ କୁମାର ପାତ୍ର, ଦୁଃଖବନ୍ଧୁ ବେହେରା, ଦୁର୍ଯୋଧନ ମହନ୍ତ, ସନ୍ତୋଷ ନାୟକ ସହଯୋଗ କରିଥିଲେ।

# ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋ-ଖୋ ପ୍ରତିଯୋଗିତା



କେନ୍ଦୁଝର, ୮।୧୧(ସମିସ)

କେନ୍ଦୁଝର ଷ୍ଟାଡିୟମ ପଡ଼ିଆରେ ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋ ଖୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଶନିବାର ୧୪ ବର୍ଷରୁ କମ୍ ପ୍ରତିଯୋଗିତାର ଶୁଭାରମ୍ଭ ମହୋତ୍ସବ ଅନୁଷ୍ଠିତ ହୋଇଥିଲା।

ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୁଦ୍ରନାରାୟଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅବସରପ୍ରାପ୍ତ କ୍ରୀଡ଼ା ସହନିର୍ଦ୍ଦେଶକ ନୀଳମାଧବ ନନ୍ଦ, ମୁଖ୍ୟବକ୍ତା ଜ୍ୟୋତିପ୍ରକାଶ ପରିଡ଼ା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟନାରାୟଣ ମହାନ୍ତ, ଶ୍ରୀକାନ୍ତ କୁମାର ବେହରା, ମନ୍ମଥନାଥ ମହାନ୍ତ ଓଷ୍ଟା ସଭାପତି, ଓଷ୍ଟା ସମ୍ପାଦକ ରଞ୍ଜନ କୁମାର ଘଡେଇ, ଶାନ୍ତନୁ କୁମାର ମିଶ୍ର ଓଷ୍ଟାର ଉପଦେଷ୍ଟା, ମନୋଜ କୁମାର ପଣ୍ଡା, ଜିଲ୍ଲା ଶାରିରୀକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା, ସମାଜସେବୀ ଦିଲୀପ କୁମାର ପଣ୍ଡା, ରବୀନ୍ଦ୍ର କୁମାର ପାଢ଼ୀ କେନ୍ଦୁଝର ଆଥ୍‌ଲେଟିକ୍ ଟିମ୍‌ର ଯୁଗ୍ମ ସମ୍ପାଦକ ଉପସ୍ଥିତ ଥିଲେ। ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଭୁବନେଶ୍ୱର ଦଳ ଚାମ୍ପିଅନ୍ ଓ ବାଲେଶ୍ୱର ଦଳ ରନର୍ସ ଅପ୍ ହୋଇଥିବା ବେଳେ ୧୭ ବର୍ଷରୁ କମ୍ ବାଳକ ବିଭାଗର ପୁରୀ ଦଳ ଚାମ୍ପିଅନ୍ ଏବଂ ଜଗତସିଂହପୁର ଦଳ ରନର୍ସ ଅପ୍ ହୋଇଥିଲେ। ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଖୋ ଖୋ ପ୍ରତିଯୋଗିତାର ଶୁଭାରମ୍ଭ ସଭାରେ ସହ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ। ମୋଟ ୮୦୬ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।

## ଜଗଦ୍ଧାତ୍ରୀ ମେଳାରେ ନାବାଳକକୁ ଛୁରାମାଡ଼

ବାରିପଦା, ୮ ।୧୧(ସମିସ): ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ବୁଲିବାକୁ ଆସିଥିବା ଜଣେ ନାବାଳକକୁ ଶୁକ୍ରବାର ବିଳମ୍ବିତ ରାତିରେ ଛୁରାମାଡ଼ ହୋଇଛି । ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ପିଆରଏମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତ ନାବାଳକ ଜଣକ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ କଳାବାଡିଆ ଗ୍ରାମ ପଞ୍ଚାୟତର ପଣସଡିହା ଗ୍ରାମର ଅର୍ଜୁନ ନାଏକଙ୍କ ପୁଅ ଆକାଶ(୧୬) । ସେ ଜଗଦ୍ଧାତ୍ରୀ ମେଳା ବୁଲିବାକୁ ଆସିଥିବା ବେଳେ ରାତିରେ ବାଙ୍ଗିରିପୋଷି-ପୁରୀ ଟ୍ରେନରେ ଘରକୁ ପ୍ରତ୍ୟାବର୍ତ୍ତନ କରିବାକୁ ଭଞ୍ଜପୁର ରେଲୱେ ଷ୍ଟେସନ ନିକଟରେ ତାଙ୍କ ସାଙ୍ଗ ସଞ୍ଜୟ ନାଏକ ସହିତ ଅପେକ୍ଷା କରିଥିଲେ । ଏହି ସମୟରେ ୭/୮ ଜଣ ଯୁବକ ଅତର୍କିତ ଭାବେ ତାଙ୍କୁ ଆକ୍ରମଣ କରିଥିଲେ । ଦୁର୍ବୃତ୍ତଙ୍କ ଛୁରା ମାଡ଼ରେ ତାଙ୍କ ପେଟରେ ଗଭୀର କ୍ଷତ ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ପରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ । ଅବସ୍ଥା ଗୁରୁତର ଥିବାରୁ ରାତିରେ କଟକ ଏସସିବି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଏନେଇ ଜିଆରପି ଥାନାରେ ମାମଲା ରୁଜୁ କରି ରେଲ ସୁରକ୍ଷାବଳ ପକ୍ଷରୁ ଘଟଣା ତଦନ୍ତ ଜାରି ରହିଛି ।

## ଲୁହାଖଣ୍ଡ ବୋଝେଇ ଟ୍ରଲର ଦୁର୍ଘଟଣାଗ୍ରସ୍ତ; ୨ ଆହତ

ବାରିପଦା, ୮ ।୧୧(ସମିସ): ବାରିପଦା ଉପକଣ୍ଠ ମୁର୍ଗାବାଡ଼ିଠାରେ ଏକ ଲୁହା ଖଣ୍ଡ ବୋଝେଇ ଟ୍ରଲର ଦୁର୍ଘଟଣାଗ୍ରସ୍ତ ହେବାରୁ ୨ଜଣ ଆହତ ହୋଇଛନ୍ତି । ପଶ୍ଚିମବଙ୍ଗର ଖଡଗପୁରଠାରୁ ବଡ଼ ବଡ଼ ଲୁହା ଖଣ୍ଡ ବୋଝେଇ ଏକ ଟ୍ରଲର ସମ୍ବଲପୁର ଅଭିମୁଖେ ଯାଉଥିଲା । ତେବେ ଗାଡି ଡ୍ରାଇଭରଙ୍କ ଆଖି ଲାଗିଯିବା କାରଣରୁ ଜାତୀୟ ରାଜପଥର ମୁର୍ଗାବାଡି ପେଟ୍ରୋଲ ପମ୍ପ ପାଖରେ ଶନିବାର ଭୋରୁ ଭରସ୍ୟାମ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ଯୋଗୁଁ ଗାଡ଼ିର ବାମ ପାଖ ଦୁଇ ଚକ ଫାଟି ଯାଇଛି । ବୋଝେଇ ହୋଇଥିବା ସମସ୍ତ ବଡ଼ ବଡ଼ ଲୁହାଖଣ୍ଡଗୁଡିକ ବାମ ପାଶ୍ୱର୍ରେ ଫ୍ଲାଏ ଓଭର ତଳକୁ ଖସିଯାଇଛି । ଫଳରେ ସର୍ଭିସ ରୋଡରେ ଲୁହାଖଣ୍ଡ ପଡି ରାସ୍ତା ଅବରୋଧ ହୋଇଥିଲା । ଗାଡିର ଡ୍ରାଇଭର ଓ ହେଲପର ଆହତ ହୋଇଥିବା ବେଳେ ପିଆରଏମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ଭଞ୍ଜପୁର ଥାନା ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି । କ୍ରେନ ଯୋଗେ ଲୁହାଖଣ୍ଡଗୁଡ଼ିକୁ ରାସ୍ତାରୁ ହଟାଯିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ରେଳ ଧାରଣାରେ କଟି ଯୁବକ ମୃତ

### ହତ୍ୟା ଅଭିଯୋଗ ଆଣିଲେ ପରିବାର; ୩ ଅଟକ

ଭଦ୍ରକ,୮ ।୧୧(ସମିସ): ଧାମରା-ଭଦ୍ରକ ରେଳ ଧାରଣାରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଉଛନ୍ତି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ମାଣିପୁର ଗାଁର ଚଗଲା ଦାସଙ୍କ ପୁଅ ସିପୁନ ଦାସ (୨୨) । ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ସିପୁନଙ୍କୁ କେହି ଫୋନ କରି ଡାକିଥିଲେ । ତା' ପରଠାରୁ ସିପୁନ ଆଉ ଘରକୁ ଫେରି ନ ଥିଲେ । ଶନିବାର ସକାଳୁ ରେଳ ଧାରଣା ନିକଟରୁ ଗଣ୍ଡି ମୁଣ୍ଡ ଅଲଗା ହୋଇଥିବା ସିପୁନଙ୍କ ମୃତଦେହ ମିଳିଥିଲା । ଏଥିସହିତ ରେଳ ଧାରଣାରୁ କିଛି ଦୂରରେ ରକ୍ତଛିଟା ପଡିଥିବା ମଧ୍ୟ ଦେଖିବାକୁ ମିଳିଛି; ଯାହାକୁ ନେଇ ପରିବାର ଲୋକେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ବାଂଶଡା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ଘଟଣାସ୍ଥଳରେ ବାଂଶଡା ଥାନା ପୁଲିସ ଓ ଚାନ୍ଦବାଲି ତହସିଲଦାର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଏପର୍ଯ୍ୟନ୍ତ ମୃତଦେହ ରେଳ ଧାରଣାରେ ପଡି ରହିଛି । ଫଳରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଅନ୍ୟପକ୍ଷରେ ଏହି ଘଟଣାରେ ମୃତକଙ୍କ ପିତା ଚଗଲା ଦାସ ବାଂଶଡା ଥାନାରେ ପୂର୍ବ ଶତ୍ରୁତାକୁ ନେଇ ତାଙ୍କ ପୁଅକୁ ହତ୍ୟା କରି ରେଳଧାରଣାରେ ପକାଇ ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଏହି ଘଟଣାରେ ପୁଲିସ ୩ଜଣଙ୍କୁ ସନ୍ଦେହରେ ଅଟକ ରଖି ପଚାରା ଉଚୁରା କରୁଛି ।

### ମହାବଳ ବାଘର ଆତଙ୍କ

# ସନ୍ଧ୍ୟା ପରେ ରାସ୍ତା ଶୂନଶାନ, ଗାଁ ତାଟି-କବାଟ ବନ୍ଦ





ଆନନ୍ଦପୁର, ୮ ।୧୧ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଗ୍ରାମାଞ୍ଚଳରେ ମହାବଳ ବାଘର ଆତଙ୍କ ଲାଗି ରହିଛି । ବାଘଟିକୁ ଠାବ କରିବା ପାଇଁ ଆନନ୍ଦପୁର ବନବିଭାଗ ତିନିଟି ପାଟ୍ରୋଲିଙ୍ଗ ଟିମ ଆଖପାଖ ଅଞ୍ଚଳ ଓ ବିଭିନ୍ନ ଜଙ୍ଗଲରେ ଅନୁସନ୍ଧାନ ଚଳାଇଥିବା ସୂଚନା ମିଳିଛି । ଶନିବାର ଦେଓଗାଁ ବନାଞ୍ଚଳର ଝିଙ୍କିପିଟା ଓସ୍ତାପୁରା ଅସନବହାଳି ବରବାହାଳି ଭଗାମୁଣ୍ଡା କୁମ୍ଭଟାଙ୍ଗିରି ଅଞ୍ଚଳରେ ଏସିଏଫ ଉମାକାନ୍ତ ଦାସ ପ୍ରବୀର କୁମାର ମୁର୍ମୁ ଓ ବନପାଳ ମଧୁସୂଦନ ସାହୁଙ୍କ ତତ୍ତ୍ୱାବଧାନରେ ୩ଟି ଟିମ ବିଭିନ୍ନ ଅଞ୍ଚଳରେ ଅନୁସନ୍ଧାନ ଚଳାଇଥିଲେ ମଧ୍ୟ କୌଣସି ସୁରାକ ମିଳିନାହିଁ । ଆନନ୍ଦପୁର ବ୍ଲକର ଷଡ଼ଙ୍ଗୀଠାରେ ବାଘ ପାଦଚିହ୍ନ ଠାବ ହୋଇଥିଲା । ସାତକୋଶିଆ ଜଙ୍ଗଲ ଯାଇଥିବା ଅନୁସନ୍ଧାନରୁ ଜଣାପଡ଼ିବା ପରେ ସନ୍ତୋଷପୁର ଜଙ୍ଗଲିଆ ରାସ୍ତାରେ ଅଟେଇ ସଂରକ୍ଷିତ ଜଙ୍ଗଲକୁ ଫେରିଛି

**ବନବିଭାଗର ତିନି ଟିମ ବାଘ ଖୋଜାରେ**

ବୋଲି ବନ୍ୟପ୍ରାଣୀ ଡିଏଫଓ ପ୍ରଶାନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି । ବନ ବିଭାଗ ପକ୍ଷରୁ ତଦନ୍ତ କରାଯିବା ସହ ବାଘ ବିଷୟରେ ତଥ୍ୟ ସଂଗ୍ରହ କରାଯାଉଛି । ଆଖାପାଖ ଗ୍ରାମରେ ଡାକବାଜିଯନ୍ତ୍ର ଯୋଗେ ସତର୍କତା ସୂଚନା ଦେବାସହିତ ଠାବ ହେବା ଯାଏ ରାତିସାରା ବନବିଭାଗ ତରଫରୁ ପାଟ୍ରୋଲିଙ୍ଗ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆନନ୍ଦପୁର ରେଞ୍ଜର ନବକିଶୋର ନାଏକ ଦିନତମାମ ବାଘର ଗତିବିଧି ସମ୍ପର୍କରେ ଜାଣିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ସଂଧ୍ୟା ପରେ ଘରୁ ନବାହାରିବା ଓ ଗୃହପାଳିତ ପଶୁଙ୍କୁ ଜଙ୍ଗଲକୁ ନ ଛାଡ଼ିବାପାଇଁ ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ସୂଚନାଯୋଗ୍ୟ, କିଛିଦିନ ତଳେ ସାକିକୋଶିଆ ରେଞ୍ଜ ଠାକୁରମୁଣ୍ଡା ଅଞ୍ଚଳରେ ଏକ ବାଘ ବୁଲୁଥିବା ଜଣାପଡ଼ିଥିଲା । ପରେ ସିଂହନାଳୀ ଜଙ୍ଗଲ ନିକଟରେ ମଧ୍ୟ ବାଘର ପାଦଚିହ୍ନ ଦେଖିବାକୁ ମିଳିଥିଲା । ବାଘ ସମ୍ପର୍କରେ ଖବର ପ୍ରଚାର ହେବା ପରେ ସ୍ଥାନୀୟଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

## ଜାତୀୟ ରାଜପଥରେ ପୋକ ଆତଙ୍କ



ଯାଜପୁର,୮ ।୧୧(ସମିସ): ଯାଜପୁର ଜିଲ୍ଲା ଦେଇ ଯାଇଥିବା କୁଆଖିଆ-ମଙ୍ଗଳପୁର ୨୦ ନମ୍ବର ଜାତୀୟ ରାଜପଥର ବରୁଆଁ ନିକଟରେ ଥିବା ଖରସ୍ରୋତା ସେତୁ ଉପରେ ଗତ କିଛି ଦିନ ଧରି ଅଜଣା ପୋକଙ୍କ ଆତଙ୍କ ଦେଖାଦେଇଛି । ଫଳରେ ଏହି ରାସ୍ତା ଦେଇ ଯାଉଥିବା ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯିଏ ସେ ରାସ୍ତାରେ ଦେଇ ଯାଉଛି ସିଏ ଗାଡ଼ିରୁ ପଡ଼ି ଖଣ୍ଡିଆଖାବରା ହେଉଛି । ସେଥିପାଇଁ କିଛି ଲୋକ ସେହି ସ୍ଥାନରେ ଗାଡ଼ିରେ ଓହ୍ଲାଇ ଚାଲି ଚାଲି ଯାଉଛନ୍ତି ।

ଘଟଣାରୁ ପ୍ରକାଶ ଯେ ଗତ କିଛି ଦିନ ହେବ ସନ୍ଧ୍ୟା ପରେ ଖରସ୍ରୋତା ପୋଲ ଉପରେ ଅସଂଖ୍ୟ ପୋକ ଦେଖିବାକୁ ମିଳୁଛି । ଗାଡ଼ି ମଟରର ଆଲୋକ ଦେଖି ଏହି ଅଜଣା ପୋକଗୁଡିକ ସେତୁ ଉପରେ ଆସୁଥିବା କୁହାଯାଉଛି । ତେବେ ଏହା କେଉଁ ପ୍ରକାରର ପୋକ ତାହା ଜଣାପଡିନଥିଲେ

**ଯିଏ ଯାଉଛି, ସିଏ ପଡୁଛି**

ମଧ୍ୟ ଏହାକୁ ଦିୱାଲି ପୋକ କୁହାଯାଉଛି । ରାସ୍ତାରେ ଯାଉଥିବା ସାଇକଲ ଓ ବାଇକ ଆରୋହୀମାନେ ରାସ୍ତା ଘାଟ ଦେଖି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି । ସେତୁ ଉପରେ ଏକ ଇଞ୍ଚ ବହଳର ପୋକ ପଡିଥିବା ଦ୍ୱାରା ବାଇକ ଆରୋହୀମାନେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି । ଏମତିକି ଚାରିଚକିଆ ଓ ବଡ଼ଗାଡି ଗୁଡିକର ସାମ୍ନା କାଚରେ ପୋକମାନେ ବାଡ଼େଇ ହେବା ହେତୁ କାଚ ଉପରେ ଏକ ଆସ୍ତରଣ ଜମିଯାଉଛି । ଫଳରେ ଗାଡି ଚଳାଇବା ଚାଳକଙ୍କ ପାଇଁ କଷ୍ଟସାଧ୍ୟ ବ୍ୟାପାର ହୋଇପଡିଛି । ରାତି ପାହି ସକାଳର ସୂର୍ଯ୍ୟ କିରଣ ପଡିବା ପରେ ମଲା ପୋକ ମାନଙ୍କ ଉତ୍କଟ ଗନ୍ଧ ଯୋଗୁଁ ସେହି ରାସ୍ତାରେ ଯାତାୟତ କରୁଥିବା ଲୋକେ ଦୁର୍ଗନ୍ଧରେ ଅଣନିଃଶ୍ୱାସୀ ହୋଇ ଯାଉଛନ୍ତି । ପ୍ରତିବର୍ଷ ଏହି ପୋକମାନେ ଦୀପାବଳିରୁ ଦୀର୍ଘ ଏକ ମାସ ପର୍ଯ୍ୟନ୍ତ ଦେଖଯାଆନ୍ତି । ଫଳରେ ସଞ୍ଜ ହେଲେ ସେହି ରାସ୍ତା ଦେଇ ଯିବାକୁ ଏବେ ଲୋକେ ଡରୁଛନ୍ତି ।

### ସାମ୍ବାଦିକଙ୍କୁ ଆକ୍ରମଣ; ସୋସିଆଲ ମିଡ଼ିଆରେ ଭିଡିଓ ଭାଇରାଲ

## ନ୍ୟାୟ ନ ମିଳିଲେ ଧାରଣାରେ ବସିବ ସଂଘ

ରାସଗୋବିନ୍ଦପୁର,୮ ।୧୧(ସମିସ): ହାତୀ ଉପଦ୍ରବକୁ ନେଇ ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ହୋଇଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି; ଯାହାକୁ ନେଇ ସାମ୍ବାଦିକ ଜଣକ ରାସଗୋବିନ୍ଦପୁର ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି । ସାମ୍ବାଦିକ ଚିତ୍ତରଞ୍ଜନ ବେହେରାଙ୍କ ଲିଖିତ ଅଭିଯୋଗ ମୁତାବକ, ଶୁକ୍ରବାର ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଭାଦୁଆଶୋଳ ପଞ୍ଚାୟତ ଅଧୀନ କୃଷ୍ଣଚନ୍ଦ୍ରପୁର ଗାଁର ଅଙ୍ଗନବାଡି କେନ୍ଦ୍ରକୁ ଯାଇଥିଲେ । ଏହି



ସମୟରେ କିଛି ଦୂରରେ ୩ଜଣ ପିଲା ବିଲରେ ଖେଳୁଥିବାବେଳେ ସେ ଭିଡିଓ ଉତ୍ତୋଳନ କରିଥିଲେ । ପରେ ସେ ହାତୀ ଭାଙ୍ଗିଥିବା କେନ୍ଦ୍ରର ଭିଡିଓ ଉତ୍ତୋଳନ କରିଥିଲେ । ହେଲେ ଅଙ୍ଗନୱାଡି କର୍ମୀ ଜଣକ ଡିଲିଟ କରିବାକୁ ତାଙ୍କୁ କହିଥିଲେ । ସେ ବାରଣ କରିବାରୁ କର୍ମୀ ଜଣକ ତାଙ୍କ ପୁଅ ଉତ୍କଳ କେଶରୀ ପାଲଙ୍କୁ ଡାକିଥିଲେ । କିଛି ସମୟ ପରେ ଉତ୍କଳ ଓ ତାଙ୍କ ଜଣେ ସହଯୋଗୀ ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି କିଛି ନବୁଝି ମିଥ୍ୟା ଅଭିଯୋଗ କରି ତାଙ୍କୁ ଅତର୍କିତ ଆକ୍ରମଣ କରିବା ସହ ଅଶ୍ଳୀଳ ଭାଷା କହିଥିଲେ । ମାଡରେ ତାଙ୍କର କାନରୁ ରକ୍ତ ବାହାରିବା ସହ ବେକରେ ଗଭୀର ଆଘାତ ଲାଗିଛି । ଚିତ୍ତରଞ୍ଜନ ଜଣେ ଏସସି ସମ୍ପ୍ରଦାୟର ହୋଇଥିବା ବେଳେ ଦିବ୍ୟାଙ୍ଗ । ତାଙ୍କ ଜାତିକୁ ଆକ୍ଷେପ କରି ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ତେବେ ଉତ୍କଳଙ୍କ ମା' ପାଲଟା ସାମ୍ବାଦିକ ଚିତ୍ତରଞ୍ଜନଙ୍କ ନାମରେ ଅଭିଯୋଗ ଆଣିଛନ୍ତି । ଏପରିକି ଘଟଣାର ଆପୋଷ ସମାଧାନ ପାଇଁ ଉତ୍କଳ ବାଧ୍ୟ କରୁଛନ୍ତି ବୋଲି ଚିତ୍ତରଞ୍ଜନ ପ୍ରକାଶ କରିଛନ୍ତି । ତେଣୁ ଘଟଣାର ତଦନ୍ତ କରି ଚିତ୍ତରଞ୍ଜନଙ୍କୁ ନ୍ୟାୟ ଦେବାକୁ ମୋରଡ଼ା ବ୍ଲକ ସାମ୍ବାଦିକ ସଂଘ ଓ ପ୍ରେସ କ୍ଲବ ଦାବି କରିଛି; ନଚେତ ଥାନା ସମ୍ମୁଖରେ ଧାରଣାରେ ବସିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

### ମୟୂରଭଞ୍ଜ ଡିଏମ୍ଏଫ୍ ବୋର୍ଡ ଟ୍ରଷ୍ଟି କମିଟି ସଦସ୍ୟ ଚୟନରେ ପାତରଅନ୍ତର

## ବାଦ୍ ପଡ଼ିଛନ୍ତି ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଓ କୁଲେଇଶିଳା ସରପଞ୍ଚ

ବାଲେଶ୍ୱର/ରାଇରଙ୍ଗପୁର, ୮ ।୧୧(ସମିସ): ମୟୂରଭଞ୍ଜ ହେଉଛି ଖଣି ଖାଦାନର ଜିଲ୍ଲା । ବାମନଘାଟି ଉପଖଣ୍ଡରେ ଗୋରୁମହିଷାଣି, ବାଦାମପାହାଡ଼ ଓ ସୁଲେଇପାଟରେ ବୃହତ ଲୁହା ଖଣି ରହିଛି । ଖଣି ଖନନ ଦ୍ୱାରା ପ୍ରଭାବିତ ଅଞ୍ଚଳର ପାରିପାଶ୍ୱିକ ଉନ୍ନୟନ କାର୍ଯ୍ୟର ତଦାରଖ ଓ ଯୋଜନା ଆଦି ପାଇଁ ଜିଲ୍ଲା ଖଣିଜ ଫାଉଣ୍ଡେସନ (ଡିଏମଏଫ) ବୋର୍ଡର ଟ୍ରଷ୍ଟି ରହିଛି । ତେବେ ପାତରଅନ୍ତର କରାଯାଇ ମୟୂରଭଞ୍ଜ ଜିଲ୍ଲା ଡିଏମଏଫ ବୋର୍ଡ ଟ୍ରଷ୍ଟି କମିଟିରୁ ଖଣି ଅଞ୍ଚଳର କେତେକ ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧିଙ୍କୁ ବାଦ ଦେବା ଘଟଣା ଏବେ ଚର୍ଚ୍ଚାର ପରିସରକୁ ଆସିଛି; ଯାହାକି ପ୍ରଶାସନର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବାଦାମପାହାଡ଼ ଓ ସୁଲେଇପାଟ ଲୁହାଖଣି ଥିବା କୁସୁମୀ ବ୍ଲକ ଅଧ୍ୟକ୍ଷା ମାନ୍ଦେ ପୂର୍ତ୍ତିଙ୍କୁ

**ଶାସକ ଦଳକୁ ସୁହାଇଲା ଭଳି ପଞ୍ଚାୟତିରାଜ ପ୍ରତିନିଧିଙ୍କୁ କମିଟିରେ ସାମିଲ**

କମିଟିରେ ସ୍ଥାନ ଦିଆଯାଇଥିବା ବେଳେ ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମଙ୍କୁ ବାଦ ଦିଆଯାଇଛି । ଏନେଇ ଶ୍ରୀ ହେମ୍ବ୍ରମ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ରାଜନୈତିକ ଅବିସନ୍ଧି ରଖି ଏହା କରାଯାଇଥିବା ସ୍ପଷ୍ଟ ଅନୁମେୟ । ଡ଼ିଏମଏଫ ବୋର୍ଡର ସଭାପତି ଜିଲ୍ଲାପାଳ ରହିଥିବା ବେଳେ ଏଭଳି ପାତରଅନ୍ତର ନୀତି ଅବଲମ୍ବନ କରାଯାଇଛି । ସେହିପରି ଗୋରୁମହିଷାଣୀ ଲୁହା ଖଣି ଅଞ୍ଚଳର କୁଲେଇଶିଳା ସରପଞ୍ଚ ମିଲିରାଣୀ ମୁଣ୍ଡାଙ୍କୁ ମଧ୍ୟ କମିଟିରୁ ବାଦ ଦିଆଯାଇଛି । ଡ଼ିଏମଏଫ ବୋର୍ଡ ଗାଇଡ ଲାଇନ ଅନୁସାରେ ପୂର୍ବରୁ ଟ୍ରଷ୍ଟି କମିଟିରେ ଖଣି ଅଞ୍ଚଳର ଉଭୟ ବ୍ଲକର ଅଧ୍ୟକ୍ଷ ଏବଂ ସ୍ଥାନୀୟ ସରପଞ୍ଚ ସଦସ୍ୟ ଥିଲେ । ରାଜ୍ୟ ସରକାରଙ୍କ ଏଭଳି ପାତରଅନ୍ତର ନୀତି ଡ଼ିଏମଏଫ ବୋର୍ଡ ଗାଇଡ ଲାଇନ ଓ ନିର୍ବାଚିତ ପଞ୍ଚାୟତିରାଜ ପ୍ରତିନିଧିଙ୍କ କ୍ଷମତାକୁ ସଂକୁଚିତ କରାଯାଉଥିବା ନେଇ ଅଭିଯୋଗ ହେଉଛି ।

## ପାଣିପାଇପ୍ ବିଛା ଯୋଗୁଁ ରାସ୍ତା ହେଉଛି ନଷ୍ଟ

ପାଣିକୋଇଲି,୮ ।୧୧(ସମିସ): ଗ୍ରାମାଞ୍ଚଳରେ ଏବେ ବିଶୁଦ୍ଧ ପାଣି ଯୋଗାଇବା ଲକ୍ଷ୍ୟରେ ପାଇପ୍ ବିଛା କାମ ଚାଲୁ ରହିଛି । ହେଲେ ପାନୀୟ ଜଳ ଯୋଗାଇବା ପାଇଁ ପକାଯାଉଥିବା ପାଇପ୍ ରାସ୍ତା କଡ଼ରେ ନିଆଯାଉଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଟିନ୍ଦା ଗ୍ରାମକୁ ଯାଇଥିବା ରାସ୍ତାରେ । ଜେସିବି ଦ୍ୱାରା ଗାତ ଖୋଳି ପାଇପ୍ ବିଛାଯାଉଛି । ଫଳରେ ପିଚୁ ରାସ୍ତା କଡ଼ ଭାଙ୍ଗିଯାଉଛି । ରାସ୍ତାର ଉଭୟ ପଟ ଖୋଳି ଦେଇ ପାଇପ୍ ପୂରାଇବା ପରେ ତାକୁ ସମାନ କରାଯାଉନଥିବାରୁ ପିଚୁର ଦୁଇ କଡ଼ରେ ଖାଲ ହୋଇଯାଉଛି । ଯାହା ଫଳରେ ପୂର୍ବରୁ ରାସ୍ତାରେ ଦୁଇଟି ଗାଡ଼ି ଗଲେ ଗୋଟିଏ ଗାଡ଼ି ପିଚୁରୁ ରାସ୍ତା ତଳକୁ ଓହ୍ଲାଇ ଥାଏ । ମାତ୍ର ଏବେ ରାସ୍ତା ତଳକୁ ଗାଡ଼ି ଗଡ଼ିବା ସମ୍ଭବ ହେଉନାହିଁ । ଯାହା ଫଳରେ ଦୂରରୁ ଗାଡି ରଖିବାକୁ ପଡୁଛି । ହେଲେ ଠିକାଦାର ପାଇପ୍ ବିଛା ପରେ ଖାଲକୁ ମରାମତି ନକରି ଛୁ' ମାରିଛି । ଯାହା ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ପାଣି ପାଇବା




ପାଇଁ ରାସ୍ତା ନଷ୍ଟ ହେବା ହେବା କେତେଦୂର ଯଥାର୍ଥ ତାହା ବୁଝାପଡୁନି । ପାନୀୟଜଳ ବିଭାଗ ପକ୍ଷରୁ ଯେଉଁମାନଙ୍କୁ ଠିକା ଦିଆଯାଇଛି ସେମାନଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିବାର ଆବଶ୍ୟକତା ରହିଛି । ରାସ୍ତା କଡ ଖୋଳି ଚାଲିଗଲେ ହେବ ନାହି । ଏହାକୁ ମରାମତି କରିବାର ଆବଶ୍ୟକତା ଜରୁରୀ ହୋଇପଡିଛି । ନଚେତ ବଢୁଥିବା ଅସନ୍ତୋଷ ଉଗ୍ର ରୂପ ନେବାର ସମ୍ଭାବନା ରହିଛି । ଏନେଇ କୋରେଇ ପାନୀୟ ଜଳ ବିଭାଗ ସହକାରୀ ଯନ୍ତ୍ରୀ ଖଗେଶ୍ୱର ବେହେରାଙ୍କୁ ପଚାରିବାରୁ ଖୋଳିଥିବା ରାସ୍ତା ପାଶ୍ୱର୍ ମରାମତି କରିବାକୁ ଠିକାଦାର ବାଧ୍ୟ । ସେଥି ପାଇ ମାର୍ଗଦର୍ଶିକା ରହିଛି । ଠିକାଦର ଯଦି ଏହାକୁ ଅମାନ୍ୟ କରନ୍ତି ତାହେଲେ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାର ୬ଷ୍ଠ ସନ୍ଧ୍ୟା

## ଆଧୁନିକ ଓ ଆଦିବାସୀ ନୃତ୍ୟରେ ଝୁମିଲେ ଦର୍ଶକ

ବାରିପଦା, ୮ ।୧୧(ସମିସ): ସ୍ଥାନୀୟ ଭଂଜପୁରଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ୬ଷ୍ଠ ସନ୍ଧ୍ୟାରେ ଆଧାର ସ୍କୁଲର କୁନିକୁନି ପିଲାଙ୍କ ନୃତ୍ୟ ପରେ ମୟୂରଭଞ୍ଜ ଆର୍ଟ ଫାଉଣ୍ଡେସନର ବାର ମାସରେ ତେର ପର୍ବ ଉପରେ ପର୍ଯ୍ୟବେକ୍ଷିତ ଲୋକନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା । ପରେ ମୁଦ୍ରାକଳା ଏକାଡେମୀ ଓ ଶାନ୍ତି ଆର୍ଟ ସ୍କୁଲର କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଶେଷରେ ମୟୁରଭଞ୍ଜ ଆଦିବାସୀ ଷ୍ଟୁଡେଣ୍ଟସ ଆସୋସିଏସନ ଦ୍ୱାରା ପରିବେଷିତ ଆଦିବାସୀ ସମ୍ପ୍ରଦାୟର ନୃତ୍ୟ ଗୀତରେ ଝୁମିଲେ ଦର୍ଶକ । ସାଂସ୍କୃତିକ ସମ୍ପାଦକ କିଶୋର ପଲେଇଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସୋମନାଥ ସିଂହ, ପ୍ରିତମ ପଣ୍ଡା, ଆଲୋକ ବାରିକ ଓ ପ୍ରତୀକ ବାରିକ ପରିଚାଳନା କରିଥିଲେ । ଆସନ୍ତାକାଲି ପ୍ରଥମ କାର୍ଯ୍ୟକ୍ରମ ପରିବେଷଣ କରିବେ ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟ । ପରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ଓ ସଂଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ଶେଷରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ କାର୍ଯ୍ୟକ୍ରମ ରହିଛି ବୋଲି ସାଂସ୍କୃତିକ ସମ୍ପାଦକ ଶ୍ରୀ ପଲେଇ ଜଣାଇଛନ୍ତି ।





## ଗରିବଙ୍କ ପେଟରେ ନାତ ମାରୁଛନ୍ତି ସରକାର: କଂଗ୍ରେସ

ଭୋଗରାଇ, ୮ ।୧୧ (ସମିସ) : ଭୋଗରାଇ ବ୍ଲକରେ ରାସନ କାର୍ଡ ଯାଞ୍ଚ ପାଇଁ ସରକାରୀ ରିପୋର୍ଟ ପ୍ରକାଶ ପାଇବା ପରେ ରାସନ କାର୍ଡରେ ଅନ୍ତର୍ଭୁକ୍ତ ଥିବା ହିତାଧିକାରୀ ମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଏଭଳି ସ୍ଥିତିରେ ଶନିବାର ଜଳେଶ୍ୱରପୁର କଂଗ୍ରେସ ଭବନରେ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି । କଂଗ୍ରେସର କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକଙ୍କ ପୌରହିତ୍ୟରେ ଭୋଗରାଇ ନେତା ତଥା ଜିଲ୍ଲା କଂଗ୍ରେସର ସଭାପତି ସତ୍ୟଶିବ ଦାସ ଉପସ୍ଥିତ ରହି ଡବଲ ଇଞ୍ଜିନ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ରାଜ୍ୟ ସରକାର ସାଧାରଣ ଲୋକଙ୍କ ରାସନ କାର୍ଡ ବିଧିବଦ୍ଧରେ ତଦନ୍ତ ନ କରି କାଟିଲେ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି । ଭୋଗରାଇ ବ୍ଲକ ୫୦ଟି ପଞ୍ଚାୟତରେ ୪୬୮୨୦ ରେସନ କାର୍ଡ ହିତାଧିକାରୀ ଅଯୋଗ୍ୟ ଚିହ୍ନଟ ହୋଇଥିବା ସରକାରଙ୍କ ରିପୋର୍ଟ ପ୍ରକାଶ ପାଇଛି । ରାସନ୍ କାର୍ଡ ସିଷ୍ଟମ ତଥ୍ୟ ଅନୁଯାୟୀ ଯେଉଁ ମାନେ ସରକାରଙ୍କ ମଣ୍ଡିରେ ଧାନ ବିକ୍ରି ପାଇଁ ୨,୪୭ ହେକ୍ଟର ବା ଏକରରୁ ଉର୍ଦ୍ଧ୍ୱ ଜମି ଦର୍ଶାଇଥିବେ, ଆୟକର ଦେଉଥିବା ବ୍ୟକ୍ତି, ଚାରି ଚକିଆ ଗାଡ଼ି ଥିବ, ତିନି ବଖରାରୁ ଅଧିକ ଘର ଥିବ, ପେନସନ ଧାରା ଆଦି ମୋଟ ୨୫ଟି ନିୟମ ଆଧାରରେ ଭୋଗରାଇ ବ୍ଲକରେ ଥିବା ୫୦ ଗୋଟି ପଞ୍ଚାୟତରେ ମୋଟ ୪୬ ହଜାର ୮୨୦ ଜଣଙ୍କ ଅଯୋଗ୍ୟ ରସନ କାର୍ଡ ଚିହ୍ନଟ ହୋଇଛି । ବ୍ଲକରେ ମୋଟ ୬୭ ହଜାର ୯୨ଟି ରାସନ କାର୍ଡ ଥିବାବେଳେ ସେଥିମଧ୍ୟରୁ ୪୬ ହଜାର ୮୨୦ ହିତାଧିକାରୀ କାର୍ଡକୁ ନେଇ ତଦନ୍ତ ହେବ ବୋଲି ତାଲିକାରେ ଉଲ୍ଲେଖ ରହିଛି । ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ଗୋପବନ୍ଧୁ ମହାପାତ୍ର, ସରପଂଚ ମମତା ସାହୁ, ମୀନାରାଣୀ ସୁର, ରାଜେନ୍ଦ୍ର ଦଳେଇ, ଶମ୍ଭୁନାଥ ମାଝୀ, ରାଧା ବିନୋଦ ଦାସ, ରାଜେନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ ।

# 'ମୋଟର ସାଇକଲ'ର ଫାଷ୍ଟ ଲୁକ୍ ରିଲିଜ୍

ଆଗାମୀ ନୂଆ ଓଡ଼ିଆ ସିନେମା 'ମୋଟର ସାଇକଲ'ର ଫାଷ୍ଟ ଲୁକ୍ ଲଞ୍ଚ୍ ହୋଇଛି । ଏହି ସିନେମା କେବଳ ଏକ ମେଶିନ୍ ଉପରେ ନୁହେଁ, ଏହା ମଧ୍ୟରେ ରହିଛି ଭାବନା, ନିଶା ଓ ମଣିଷ ଏବଂ ବାଇକ୍ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ । ଏହି ଫିଲ୍ମର ନିର୍ଦ୍ଦେଶନାରେ ଅଶ୍ୱିନୀ ତ୍ରିପାଠୀ ଥିବା ବେଳେ ପ୍ରଯୋଜନାରେ ଅଛନ୍ତି ଝୁନି ଲତା ବିଶ୍ୱାଳ । ସେହିପରି ସିନେମାର ଏକ୍‌ଜିକ୍ୟୁଟିଭ୍ ପ୍ରଡ୍ୟୁସର ଅଛନ୍ତି ପ୍ରେରଣା ପ୍ରତୀକ୍ଷା । କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ଦକ୍ଷ ଯୁଗଳ ଶିବା ଏବଂ ପ୍ରଣବ । ଜ୍ୟୋତି ନାୟକ, ଅଭିଷେକ ପଣ୍ଡା, ପ୍ରୀତି, କୁନା ତ୍ରିପାଠୀ, ପୃଥ୍ୱୀରାଜ, ଆଲିଶା, ସୁଶାନ୍ତ ଦାସ ମହାପାତ୍ର, ଟୁକୁନା ଷ୍ଟାଇଲିଶ୍, ଭକ୍ତି, ଅମର, ରବି ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି । ସିନେମାର ସଙ୍ଗୀତରେ ଅଛନ୍ତି



ସୋମେଶ ସତପଥୀ । ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି କ୍ରିଷ୍ଣା ବେଉରା, ହ୍ୟୁମାନ ସାଗର, ଅନନ୍ୟା ଶ୍ରୀତମ ନନ୍ଦା ଓ ଗୋବିନ୍ଦ ଚନ୍ଦ୍ର । ତେବେ 'ମୋଟର ସାଇକଲ' କେବଳ ଏକ ସିନେମା ନୁହେଁ, ଏହା ହେଉଛି ଭାବନା, ସଂଘର୍ଷ ଓ ସ୍ୱପ୍ନର ଯାତ୍ରା ବୋଲି ଫିଲ୍ମର ଟିମ୍ କହିଛି । ଅନନ୍ୟ ଥିମ୍ ଓ ଶକ୍ତିଶାଳୀ ଉପସ୍ଥାପନା ସହିତ 'ମୋଟର ସାଇକଲ' ଓଡ଼ିଆ ଦର୍ଶକଙ୍କ ହୃଦୟ ଜିତିବ ବୋଲି ଏହାର ଟିମ୍ ଆଶାବାଦୀ ଅଛି । ■

# ଅଲଗା ହେବେ ନିଲ୍-ଐଶ୍ୱର୍ଯ୍ୟା

ଟେଲିଭିଜନର ଲୋକପ୍ରିୟ ଷ୍ଟାର୍ ଦମ୍ପତି ନିଲ୍ ଭଟ୍ଟ ଏବଂ ଐଶ୍ୱର୍ଯ୍ୟା ଶର୍ମାଙ୍କ ମଧ୍ୟରେ କିଛି ଠିକ୍ ନ ଥିବା କୁହାଯାଉଛି । ଏହାରି ଭିତରେ ଦୁହିଁଙ୍କ ଛାଡ଼ପତ୍ର ଖବର ସାମ୍ନାକୁ ଆସିଛି । ହେଲେ ଏ ସମ୍ପର୍କରେ ନିଲ୍ କିମ୍ବା ଐଶ୍ୱର୍ଯ୍ୟା କିଛି କହି ନାହାନ୍ତି । ତେବେ ଛାଡ଼ପତ୍ର ନିହାତି ହେବା ଚର୍ଚ୍ଚା ଜୋର୍ ଧରିଛି । ଦୀର୍ଘ ଦିନ ହେବ ଦୁହେଁ ଅଲଗା ରହୁଛନ୍ତି । ଏପରିକି ଛାଡ଼ପତ୍ର ପାଇଁ ଆବେଦନ କରିଛନ୍ତି ଏବଂ ଖୁବ୍‌ଶୀଘ୍ର ସେମାନେ ପରସ୍ପରଠାରୁ ଅଲଗା ହୋଇପାରନ୍ତି । ଏ ଦୁହିଁଙ୍କ ମଧ୍ୟରେ କେଉଁ କାରଣ ପାଇଁ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି କିମ୍ବା ମନୋମାଳିନ୍ୟ ଦେଖା ଦେଇଛି, ସେ ସମ୍ପର୍କରେ କିଛି ଜଣାପଡ଼ି ନାହିଁ । ନୀଲ ଏବଂ ଐଶ୍ୱର୍ଯ୍ୟା ପ୍ରଥମଥର ପାଇଁ 'ଗୁମ୍ ହେ କିସି କେ ପ୍ୟାର୍ ମେଁ'ରେ ପରସ୍ପରକୁ ଜାଣିଥିଲେ ଏବଂ ପ୍ରେମ ସମ୍ପର୍କରେ ରହିଥିଲେ । ପରବର୍ତ୍ତୀ ସମୟରେ ଦୁହେଁ ୨୦୨୧ ମସିହାରେ ବିବାହ ବନ୍ଧନରେ ଆବଦ୍ଧ ହେଲେ । ଅନ୍ୟପଟେ ଦୁହେଁ 'ସ୍ମାର୍ଟ ଯୋଡ଼ି' ଏବଂ 'ବିଗ୍‌ବସ୍ ୧୭' ରେ ବି ନଜର ଆସିଛନ୍ତି । ■



# ୯୦୦ ଅଧ୍ୟାୟରେ 'ତୁ ଖରା ମୁଁ ଛାଇ'


ଜୀ ସାର୍ଥକରେ ସଫଳତାର ସହିତ ଆଗେଇ ଚାଲିଥିବା ଓ ଦର୍ଶକଙ୍କ ଅଜସ୍ର ଭଲ ପାଇବା ସାଉଁଟିଥିବା ଧାରାବାହିକ 'ତୁ ଖରା ମୁଁ ଛାଇ' ୯୦୦ ତମ ଅଧ୍ୟାୟରେ ପହଞ୍ଚିଛି । ଏହି ଧାରାବାହିକର କାହାଣୀ ଅଢ଼େଇ ବର୍ଷ ତଳେ ଦୁଇ ମୁଖ୍ୟ ଚରିତ୍ର ଏଜେ ଓ ମାନିନୀଙ୍କୁ ନେଇ ଆରମ୍ଭ ହୋଇଥିଲା । ୨୦୨୪ ଡିସେମ୍ବରରୁ କାହାଣୀରେ ଆସିଥିଲା ନୂଆ ମୋଡ଼ । ଯେଉଁଥିରେ ଏଜେ ଓ ମାନିନୀ ମୃତ୍ୟୁ ପରେ ଜନ୍ମ ନେଇଛନ୍ତି ଅଭି ଓ ମାନି ରୂପରେ । ଆରମ୍ଭରୁ ଦୁଇ ଜଣ ପୂର୍ବଜନ୍ମର ଜୀବନସାଥୀ ବୋଲି ଜାଣି ପାରୁନଥିଲେ । ହେଲେ ସମୟ କ୍ରମେ ଦୁଇ ଜଣ ପୁଣି ପରସ୍ପରକୁ ଭଲ ପାଇଛନ୍ତି । କାହାଣୀରେ ଖଳନାୟକ ରୂପରେ ଆସିଛି ରାଘବ, ଯିଏ ଅଭିର ବଡ଼ ଭିଣୋଇ । ତା'ର ଲକ୍ଷ୍ୟ ହେଉଛି ନିଜ ଶଳାର ସମସ୍ତ ଧନ ସମ୍ପତ୍ତି ଉପରେ । ସେଥିପାଇଁ ଅଭି ଓ ମାନିର ବାହାଘରରେ କଣ୍ଟା ସାଜିଛି । ସବୁ ଚକ୍ରାନ୍ତକୁ କାଟି ଦୁଇ ଜଣ ସାଜିଛନ୍ତି ଜୀବନସାଥୀ ଓ ଧରାପଡ଼ି ଯାଇଛି ରାଘବ ସମ୍ପତ୍ତି ପାଇଁ ସମସ୍ତ ଖେଳ । ତେବେ ସହଜ ନଥିଲା ଏହି ଯାତ୍ରା ଓ ଆଗକୁ ଆହୁରି କଠିନ ହୋଇଛି ସେମାନଙ୍କ ଜୀବନ ଯାତ୍ରା । କାରଣ ରଞ୍ଜିତ ରୂପରେ ପୁଣି ଫେରିଛି ରାଘବ ଓ ପୁଣି ନିଜ ଚକ୍ରାନ୍ତ ଆରମ୍ଭ କରିଛି । ଏପରିକି ଅଭିର ବନ୍ଧୁ ଦିଶାକୁ ଅଭି ଜୀବନରେ ଆଣିବାକୁ ଚେଷ୍ଟା କରିଛି । ତେବେ କିପରି ଅଭି ଓ ମାନି ପୁଣି ରାଘବକୁ ଦେବେ ଶାସ୍ତି ? କ'ଣ ହେବ ଦିଶାର ? ଅଭିର ଭଉଣୀ କ'ଣ ଜାଣିପାରିବ ରାଘବକୁ ? ଏମିତି ସବୁ ପ୍ରଶ୍ନର ଉତ୍ତର ମିଳିବ 'ତୁ ଖରା ମୁଁ ଛାଇ'ର ଆଗକୁ ଆସୁଥିବା ବିଭିନ୍ନ ଅଧ୍ୟାୟରେ । ଅନ୍ୟପଟେ ଏହି ଧାରାବାହିକ ନୂତନ ପିଢ଼ିର ଜୀବନ ଭିତରେ ଆସୁଥିବା ରାଗରୁଷା, ମାନ ଅଭିମାନ, ଷଡଯନ୍ତ୍ର ଓ ଭଲପାଇବା କାହାଣୀ ଉପରେ ଆଧାରିତ । ■



## ପରଦା ପଛର କାହାଣୀ

# ଦର୍ଶକଙ୍କୁ କନ୍ଦାଇ ଥିଲା କ୍ଲାଇମାକ୍ସ ଦୃଶ୍ୟ

ବଲିଉଡ୍‌ରେ ହରର, କମେଡ଼ି ଓ ପାରିବାରିକ କାହାଣୀକୁ ନେଇ ଅନେକ ଫିଲ୍ମ ତିଆରି ହୋଇଛି । ସେଥିମଧ୍ୟରେ କିଛି ଫିଲ୍ମ ଥାଏ, ଯାହା ଦର୍ଶକଙ୍କୁ ଭାବପ୍ରବଣ କରିଦିଏ । ସେମିତି ଏକ ଫିଲ୍ମ ହେଉଛି 'କଲ୍ ହୋ ନା ହୋ' । ଶାହରୁଖ୍ ଖାନ୍ ଓ ପ୍ରୀତି ଜିଣ୍ଟା ଅଭିନୀତ ଏହି ଫିଲ୍ମ ୨୦୦୩ରେ ମୁକ୍ତିଲାଭ କରିଥିଲା । ଫିଲ୍ମର କାହାଣୀ ଦର୍ଶକଙ୍କୁ ଭାବବିହ୍ୱଳ କରିବା ସହ ବକ୍ସ ଅଫିସ୍‌ରେ ଧମାଲ୍ କରିଥିଲା । ଫିଲ୍ମରେ ସୈଫ୍ ଅଲ୍ଲୀ ଖାନ୍ ସହ କଳାକାର ଭାବେ ଅଭିନୟ କରିଥିଲେ । ଏହା ବ୍ୟତୀତ ଜୟା ବଚ୍ଚନ, ସୁଷମା ସେଠ୍, ଡେଲନାଜ୍ ପାଲ୍ ପ୍ରମୁଖ କଳାକାର ଏହି ଫିଲ୍ମରେ ନଜର ଆସିଥିଲେ । ଏହା ଏକ ଇମୋସନାଲ୍ ରୋମାଣ୍ଟିକ୍ ଡ୍ରାମା ଫିଲ୍ମ ଭାବେ ଜଣାଶୁଣା । ଏହାର କାହାଣୀ ନ୍ୟୁୟର୍କର ଝିଅ ନୈନା ଉପରେ ଆଧାରିତ । ନୈନାଙ୍କ ଜୀବନ ନିରସ ଓ ଅବସାଦପୂର୍ଣ୍ଣ ଥିଲା । ପିତାଙ୍କ ମୃତ୍ୟୁପରେ ଘରର ସମସ୍ତ ଦାୟିତ୍ୱ ମାଆ ଜେନିଫର୍ ଓ ନୈନାଙ୍କ ଉପରେ ପଡ଼ିଥିଲା । ତାଙ୍କ ଜେଜେ ମାଆ ଓ ମାଆଙ୍କ ମଧ୍ୟରେ ସର୍ବଦା ଝଗଡ଼ା ଲାଗି ରୁହେ । ସେଥିପାଇଁ ପରିବାରରେ ଖୁସି ଯେମିତି ହଜି ଯାଇଥିଲା । ଏହାରି ମଧ୍ୟରେ ଜଣେ ଖୁସ୍ ମିଜାଜ୍ ପଡ଼ୋଶୀ ଅମନ ମାଥୁର ଆସନ୍ତି । ତାଙ୍କର ହସ ଓ ସକାରାତ୍ମକ କଥାରେ ଧୀରେ ଧୀରେ ସମସ୍ତଙ୍କ ଜୀବନରେ ପରିବର୍ତ୍ତନ ହୋଇଛି । ସେ ସମସ୍ତଙ୍କ ମୁହଁରେ ହସ ଫୁଟାଇବା ଜାଣନ୍ତି । ଅମନଙ୍କ ପାଇଁ ନୈନାଙ୍କ ପରିବାର ପୁଣି ଥରେ ଏକାଠି ହୋଇଯାନ୍ତି । ଏହାରି ଭିତରେ ଧୀରେ ଧୀରେ ଅମନଙ୍କୁ ନୈନା ଭଲ ପାଇ ବସନ୍ତି । ହେଲେ ଅମନ ସମସ୍ତଙ୍କଠାରୁ ଗୋଟିଏ କଥା ଗୋପନ ରଖିଥିଲେ । ସେ ଗମ୍ଭୀର ହୃଦ୍‌ରୋଗରେ ପୀଡ଼ିତ ଥିଲେ । ତେଣୁ ସେ ମାତ୍ର କିଛିଦିନର ଅତିଥି ଥିଲେ । ତେଣୁ ସେ ଚାହୁଁ ନଥିଲେ ନୈନା ତାଙ୍କ ଅନୁପସ୍ଥିତିର ଯନ୍ତ୍ରଣାକୁ ଅନୁଭବ କରନ୍ତୁ ବୋଲି । ଏଥିପାଇଁ ସେ ନୈନାଙ୍କୁ ତାଙ୍କ ସାଙ୍ଗ ରୋହିତଙ୍କ ସହ ଯୋଡ଼ିବାକୁ ଚେଷ୍ଟା କରୁଥିଲେ । ଫିଲ୍ମର କ୍ଲାଇମାକ୍ସ ଦୃଶ୍ୟ ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା । ପ୍ରେକ୍ଷାଳୟରେ ଦର୍ଶକଙ୍କ ଆଖି ଲୁହରେ ଭିଜି ଯାଇଥିଲା । ଏହି ଫିଲ୍ମର ଟାଇଟଲ୍ ଗୀତ 'କଲ୍ ହୋ ନା ହୋ...' ଜୀବନର ବାସ୍ତବ ଅର୍ଥକୁ ପ୍ରଦର୍ଶିତ କରାଇଛି । ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଛି । ଏହା ଶାହରୁଖ୍ ଖାନ୍‌ଙ୍କ ଜୀବନର ବେଷ୍ଟ ଫିଲ୍ମ ମଧ୍ୟରୁ ଅନ୍ୟତମ । ■



# ୧୦ ବର୍ଷ ପରେ ଇମରାନଙ୍କ ଲେଉଟାଣି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଇମରାନ ଖାନ୍‌ଙ୍କୁ ୨୦୧୫ ମସିହାରେ 'କଟ୍ଟିବଟ୍ଟି' ସିନେମାରେ ଶେଷଥର ପାଇଁ ଦେଖିବାକୁ ମିଳିଥିଲା । ଏହା ପରେ ସେ ଆଉ କୌଣସି ସିନେମାରେ ନଜର ଆସି ନାହାନ୍ତି । ତେବେ ଏବେ ଦୀର୍ଘ ୧୦ ବର୍ଷ ପରେ ପୁଣି ଏକ ନୂଆ ସିନେମା ମଧ୍ୟରେ ସେ ବଲିଉଡ୍‌କୁ ପ୍ରତ୍ୟାବର୍ତ୍ତନ କରିବେ । ଅବଶ୍ୟ ସିନେମା ଶୀର୍ଷକ ତଥା ରିଲିଜ୍ ତାରିଖ ସମ୍ପର୍କରେ କିଛି ସୂଚନା ପ୍ରଦାନ କରାଯାଇ ନାହିଁ । ହେଲେ ଆଗାମୀ ନୂଆ ସିନେମାରେ ତାଙ୍କ ବିପକ୍ଷରେ ଅଭିନେତ୍ରୀ ଭୂମି ପେଡନେକରଙ୍କୁ ଦେଖିବାକୁ ମିଳିବ । ଫିଲ୍ମର କାହାଣୀ ରୋମାଣ୍ଟିକ-କମେଡି ଉପରେ ଆଧାରିତ । ତେଣୁ ଏହି ସିନେମାରେ ଭୂମି ଓ ଇମରାନଙ୍କ ଅନସ୍କ୍ରିନ୍ ରୋମାନ୍ସ ଦେଖିବାକୁ ମିଳିବ । ସିନେମାର ନିର୍ଦ୍ଦେଶନାରେ ଦାନିଶ ଅସଲମ ଅଛନ୍ତି । ୨୦୨୬ ମସିହା ଆରମ୍ଭରେ ଏହାକୁ ରିଲିଜ୍ କରିବା ଲକ୍ଷ୍ୟ ରଖାଯାଇଛି ।

## ଇଣ୍ଡିଆନ୍ ଆଇଡଲ

# ଟପ୍ -୧୬ରେ ଓଡ଼ିଆ ଝିଅ ଜ୍ୟୋତିର୍ମୟୀ

ଅକ୍ଟୋବର ୧୮ ରୁ ଆରମ୍ଭ ହୋଇଛି ସୋନି ଟିଭିର ଲୋକପ୍ରିୟ ସଂଗୀତ ଭିତ୍ତିକ ରିଆଲିଟି ଶୋ' 'ଇଣ୍ଡିଆନ୍ ଆଇଡଲ ସିଜନ -୧୬ । ଏଥର ଏହି ଶୋ'ରେ ଓଡ଼ିଆ ଝିଅ ଜ୍ୟୋତିର୍ମୟୀ ନାୟକଙ୍କ ଦମ୍‌ଦାର ପ୍ରଦର୍ଶନ ଦେଖିବାକୁ ମିଳିଛି । ଏପରିକି ଟପ୍-୧୬ ପ୍ରତିଯୋଗୀଙ୍କ ମଧ୍ୟରେ ଭୁବନେଶ୍ୱରର ଜ୍ୟୋତିର୍ମୟୀ ସାମିଲ ଅଛନ୍ତି । ଏନେଇ ସେ ଖୁବ୍ ଉତ୍ସାହିତ ଅଛନ୍ତି । ସାମାଜିକ ଗଣମାଧ୍ୟମରେ ସେ ନିଜର ଫଟୋ ସେୟାର୍ କରି ଏ ସମ୍ପର୍କରେ ଜଣାଇଛନ୍ତି । ତା'ସହ ମହାପ୍ରଭୁ ଜଗନ୍ନାଥ, ପରିବାର ଓ ଗୁରୁଙ୍କ ଆଶୀର୍ବାଦ ଯୋଗୁଁ ଏହା ସମ୍ଭବ ହୋଇଥିବା ସେ ଉଲ୍ଲେଖ କରିଛନ୍ତି । ଦର୍ଶକଙ୍କର ଏମିତି ଭଲପାଇବା ଓ ଆଶୀର୍ବାଦ ଆଗକୁ ତାଙ୍କୁ ମିଳିବ ବୋଲି ସେ କାମନା କରିଛନ୍ତି । ଅଡିସନ୍‌ରୁ ଆରମ୍ଭ କରି ଥିଏଟର ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ତାଙ୍କ ଗୀତ ମାଧ୍ୟମରେ ଶୋ'ର ବିଚାରକ ଶ୍ରେୟା ଘୋଷାଲ, ବିଶାଳ ଦଦଲାନୀ ଏବଂ ବାଦଶାହ ବଡୌରଙ୍କ ମନ ଜିଣିପାରିଛନ୍ତି । ଆଗକୁ ମଧ୍ୟ ସେ ନିଜ ଗୀତ ମାଧ୍ୟମରେ ସମସ୍ତଙ୍କ ହୃଦୟ ଜିଣିବା ଆଶା ରଖିଛନ୍ତି । ଅନ୍ୟପଟେ ଏହି ନୂଆ ସିଜନ୍‌ର ଥିମ୍ ରଖାଯାଇଛି 'ୟାଦୋଁ କି ପ୍ଲେଲିଷ୍ଟ' । ■



## ଆଳାପ

# 'ଜଣେ କଳାକାର ପାଇଁ ପ୍ରତ୍ୟେକଟି ଦୃଶ୍ୟ ଗୁରୁତ୍ୱପୂର୍ଣ୍ଣ'

**ପ୍ରୀତି ବିଶ୍ୱାଳ, ଅଭିନେତ୍ରୀ**



ସେ ଜଣେ ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ । ପିଲାଟି ଦିନରୁ ଦେଶ ବିଦେଶରେ ନୃତ୍ୟ ପରିବେଷଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଉଚ୍ଚକୋଟୀର ନୃତ୍ୟ ପ୍ରଦର୍ଶନ ପାଇଁ ସେ ଅନେକ ସ୍ଥାନରୁ ସମ୍ମାନିତ ମଧ୍ୟ ହୋଇଛନ୍ତି । ତାଙ୍କ ମା' ଜଣେ ମଞ୍ଚ ଅଭିନେତ୍ରୀ ଥିଲେ । ମା'ଙ୍କ ପରି ଅଭିନେତ୍ରୀ ହେବାକୁ ଆଗ୍ରହ କରି ଅଡିସନ୍ ଦେଇଥିଲେ କଟକ ପ୍ରତାପନଗରୀର ପ୍ରୀତି ବିଶ୍ୱାଳ । ଫିଲ୍ମ 'ଡଟ୍‌ପେନ୍' ହେଉଛି ତାଙ୍କର ଡେବ୍ୟୁ ସିନେମା । ଏବେ ସେ 'ମୋଟର ସାଇକଲ' ଫିଲ୍ମ ସୁଟିଂରେ ବ୍ୟସ୍ତ ଅଛନ୍ତି । ଚମତ୍କାର ଅଭିନୟ ମାଧ୍ୟମରେ ସେ ଦର୍ଶକଙ୍କ ହୃଦୟକୁ ଜିଣୁଛନ୍ତି । ଭବିଷ୍ୟତରେ ନୃତ୍ୟକଳା କ୍ଷେତ୍ରରେ ସେ ପାରଦର୍ଶିତା ଦେଖାଇବେ ନା ଜଣେ ଅଭିନେତ୍ରୀ ଭାବେ ଦର୍ଶକଙ୍କ ମନୋରଞ୍ଜନ କରିବେ ଜାଣିବା ତାଙ୍କ ମୁହଁରୁ ।

**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ଅଭିନେତ୍ରୀ ହେବାକୁ କାହିଁକି ମନ ବଳାଇଲେ ?**

● ପିଲାବେଳେ ଓଡ଼ିଶୀ ନୃତ୍ୟ କରୁଥିଲି । ଧୀରେ ଧୀରେ ଏହି ନୃତ୍ୟରେ ଆଗକୁ ବଢ଼ିଲି । ଦେଶ ବିଦେଶରେ ଅନେକ ଷ୍ଟେଜ୍ ପ୍ରୋଗ୍ରାମରେ ଭାଗ ନେଇଛି । ପ୍ରଶଂସିତ ହୋଇଛି ମଧ୍ୟ । ସମୟକ୍ରମେ ଓଡ଼ିଶୀ ନୃତ୍ୟ ସହିତ ଜଣେ ଅଭିନେତ୍ରୀ ହେବାକୁ ମନ ବଳାଇଲି । ଏଥିପାଇଁ ଏକାଧିକ ଥର ଅଡିସନ୍ ଦେଇଥିଲି । ହେଲେ ଅଶ୍ୱିନୀ ସାର୍‌ଙ୍କ 'ଡଟପେନ୍' ସିନେମା ପାଇଁ ମୁଁ ମନୋନୀତ ହେଲି । ସିନେମାରେ ମୁଖ୍ୟ ନାୟିକା ଭାବେ ଅଭିନୟ କରିଲି । ମୋ ବିପକ୍ଷରେ ଥିଲେ ନାୟକ ଜ୍ୟୋତି । ଏହାରି ଭିତରେ ରମେଶ ରାଉତ ସାର୍‌ଙ୍କ 'କାନ୍ ତରାଟି'ରେ ଅଭିନୟ କରିଛି । ଏହି ସିନେମାଟି ଏବେ ସୁଦ୍ଧା ରିଲିଜ୍ ହୋଇନି । ତେବେ ସୌଭାଗ୍ୟବଶତଃ ଅଶ୍ୱିନୀ ସାର୍ ତାଙ୍କର ଅପକମିଂ ସିନେମା 'ମୋଟର ସାଇକଲ'ରେ ମୁଖ୍ୟ ନାୟିକା ଭାବେ କାମ କରିବାକୁ ମୋତେ ସୁଯୋଗ ଦେଇଛନ୍ତି । ଏଥିରେ ମୋ ସହିତ ଅଛନ୍ତି ଜ୍ୟୋତି ଏବଂ ଅଭିଷେକ । ତେଣୁ ଫିଲ୍ମର ପୂରା ଟିମ୍‌କୁ ହୃଦୟକୁ ମୁଁ କୃତଜ୍ଞତା ଜ୍ଞାପନ କରୁଛି ।

**'ମୋଟର ସାଇକଲ' ସିନେମା ବିଷୟରେ କିଛି କୁହନ୍ତୁ?**

● ଯୌତୁକ ନେବା ବା ଦେବା ଆଇନଗତ ଅପରାଧ । ତଥାପି ଆମ ସମାଜରେ ଲୋକେ ଯୌତୁକ ନେବାଦେବା ଜାରି ରଖିଛନ୍ତି । ଏହା ଫଳରେ ଅନେକ କନ୍ୟାପିତା ଅକଥନୀୟ ଅତ୍ୟାଚାରର ଶିକାର ହେଉଛନ୍ତି । ତେଣୁ ମୋଟର ସାଇକଲ ଜରିଆରେ ଗୋଟେ ଝିଅ କିପରି ତା' ପିତାଙ୍କୁ ସମର୍ଥନ କରୁଛି ତାହା ଦେଖିବାକୁ ମିଳିବ । ଏଥିରେ ମୋ ନାଁ ହୋଇଛି କାବେରୀ । ବହୁତ ସରଳ, ସାଧାସିଧା ଝିଅଟେ । ତେବେ ସିନେମା ରିଲିଜ୍ ପରେ ଦର୍ଶକ ଅନେକ ଟ୍ୱିଷ୍ଟ ଦେଖିବାକୁ ପାଇବେ ।

**ପ୍ରୀତିଙ୍କର ଡ୍ରିମ୍ ରୋଲ?**

● ସିନେମାରେ କାମ କରିବା ପୂର୍ବରୁ ଯେମିତି ଚରିତ୍ର ଚାହୁଁଥିଲି ତାହା ମୋତେ 'ଡଟପେନ୍'ରେ ମିଳିଥିଲା । ଏଥିରେ ବି ଜଣେ ସାଧାସିଧା ଝିଅର ଭୂମିକାରେ ଅଭିନୟ କରିଛି । ତେବେ ଜଣେ କଳାକାର ପାଇଁ ପ୍ରତ୍ୟେକଟି ଦୃଶ୍ୟ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏ ଲାଇନ୍‌ରେ ଥିବା ଯାଏଁ ଭଲ ଭଲ ଚରିତ୍ରରେ ମୁଁ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିବାକୁ ଚେଷ୍ଟା କରିବି ।

**ଅଭିନୟକୁ ମାର୍ଜିତ କରିବାକୁ କେମିତି ନିଜକୁ ପ୍ରସ୍ତୁତ କରନ୍ତି?**

● ବର୍ତ୍ତମାନ ମୁଁ ସ୍ନାତକରେ ପଢୁଛି । ପଢ଼ା ସହିତ ନୃତ୍ୟ ଆଉ ଅଭିନୟକୁ ଗୁରୁତ୍ୱ ଦିଏ । ଏବେ ଯେହେତୁ ସିନେମାରେ କାମ କରୁଛି । ତେଣୁ ଅଭିନୟକୁ ମାର୍ଜିତ କରିବାକୁ ଘରେ ଦର୍ପଣ ଆଗେ ଅଭ୍ୟାସ କରେ । ନିଜେ ନିଜେ ସ୍କ୍ରିପ୍ଟ ଲେଖି ଅଭ୍ୟାସ କରେ । ଖବରକାଗଜ ପଢ଼ା ଅଭ୍ୟାସ କରେ । ସିନେମାର ସମସ୍ତ ଚରିତ୍ରକୁ ଅନୁଶୀଳନ କରେ । ଗୋଟିଏ ସିନେମାରେ କାମ କରିବା ପୂର୍ବରୁ ମୋତେ ଯେଉଁ ଚରିତ୍ର ମିଳିଛି ତାହାକୁ ମୁଁ କେମିତି ଠିକ୍ ଫୁଟାଇ ପାରିବି ତା' ଉପରେ ଗୁରୁତ୍ୱ ଦିଏ । ପଢ଼ାରେ କେବେ ହେଳା କରେନି ।

**ଭବିଷ୍ୟତରେ ଅଭିନୟ ନା ଓଡ଼ିଶୀ ନୃତ୍ୟକୁ ନେଇ ଆଗକୁ ବଢ଼ିବେ ?**

● ନୃତ୍ୟ ଆଉ ଅଭିନୟ ଦୁଇଟା ମୋ' ଜୀବନ । କାହାକୁ ଛାଡ଼ି ପାରିବିନି । ତେଣୁ ଅଭିନୟ ଜାରି ରହିବ । ଦର୍ଶକଙ୍କ ମନରେ ମୋ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାକୁ କଠିନ ପରିଶ୍ରମ କରିବି । ସେମିତି ନୃତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବାକୁ ପ୍ରୟାସ ଜାରି ରହିବ ।

**ଅଭିନୟ ଜଗତକୁ ନୂଆ କରି ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ନିଜ କାମକୁ ଭଲ ପାଆନ୍ତୁ । ନିଜକୁ ଗ୍ରୁମ୍ କରନ୍ତୁ । ଅଡିସନ୍ ଦେବାକୁ ଯାଉଥିଲେ ନିଜକୁ ଭଲ ଭାବେ ପ୍ରସ୍ତୁତ କରନ୍ତୁ । ଯାହାବି ଚରିତ୍ର ମିଳୁଛି ତାହାକୁ ଶତ ପ୍ରତିଶତ ଭଲ କରିବାକୁ ଚେଷ୍ଟା କରନ୍ତୁ । ■

## ଅଷ୍ଟ୍ରେଲିଆ ବିପକ୍ଷ ପଞ୍ଚମ ଟି-୨୦ ବାତିଲ

# ୨-୧ରେ ସିରିଜ ହାତେଇଲା ଭାରତ




ଅଭିଷେକ ସିରିଜ୍‌ର ଶ୍ରେଷ୍ଠ ଖେଳାଳି

**ବ୍ରିସ୍‌ବେନ୍,୮।୧୧ (ଏଜେନ୍ସି):** ଅଷ୍ଟ୍ରେଲିଆ ମାଟିରେ ଆଜି ଶେଷ ହୋଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭାରତ ବିଜୟୀ ହୋଇଛି। ଏହା ଫଳରେ ୨୦୦୮ ପରଠାରୁ ଭାରତ ଘରୋଇ ଅଷ୍ଟ୍ରେଲିଆ ମାଟିରେ ଦ୍ୱିପାକ୍ଷିକ ଟି-୨୦ ସିରିଜ୍‌ରେ ପରାଜିତ ହୋଇନାହିଁ। ଅନ୍ୟ ପକ୍ଷରେ ୨୦୨୨ ପରଠାରୁ ଅଷ୍ଟ୍ରେଲିଆ ଖେଳିଥିବା ୪ଟି ସିରିଜ୍ ମଧ୍ୟରୁ ୩ଟିରେ ପରାଜିତ ହୋଇଛି। ଆଜି ଏଠାରେ ୫ମ ତଥା ଶେଷ ମ୍ୟାଚ୍ ଖେଳାଯିବାର ଥିଲା। ଏହି ମ୍ୟାଚ୍‌ଟି ୪.୫ ଓଭର ଖେଳ ହେବାପରେ ଘଡଘଡ଼ି ଓ ବର୍ଷା ଯୋଗୁଁ ଆଉ ସମ୍ଭବ ହୋଇ ନ ହେବାରୁ ବାତିଲ କରାଯାଇଥିଲା। ଏହା ଫଳରେ ଏହି ସିରିଜ୍‌ରେ ୨ଟି ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା। କାନବେରାରେ ମଧ୍ୟ ସମାନ ଦଶା ଭୋଗିବାକୁ ପଡ଼ିଥିଲା। ଖେଳ ହୋଇଥିବା ୩ଟି ମ୍ୟାଚ୍ ମଧ୍ୟରୁ ଭାରତ ୨ଟିରେ ଓ ଅଷ୍ଟ୍ରେଲିଆ ଗୋଟିଏ ମ୍ୟାଚ୍ ଜିତିଥିଲା। ଭାରତ ଏହି ସିରିଜ୍‌କୁ ୨-୧ରେ ଜିତିନେଇଥିଲା। ଏହି ସିରିଜ୍‌ରେ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିବା ଭାରତର ବାମହାତୀ ଯୁବ ଓପନର ଅଭିଷେକ ଶର୍ମାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ସିରିଜ୍‌ରେ ସେ ଗୋଟିଏ ଅର୍ଦ୍ଧଶତକ ସହ ୧୬୩ ରନ୍ କରିଥିଲେ। ଏହା ପରେ ଭାରତ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ସହ ପରବର୍ତ୍ତୀ ଟି-୨୦ ସିରିଜ୍ ଖେଳିବ। ଡିସେମ୍ବର ୯ରେ କଟକର ବାରବାଟୀ ଷ୍ଟାଡିୟମରୁ ଏହି ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆରମ୍ଭ ହେବ।

### ବାଧା ପାଇଲା ଦ୍ୱିତୀୟ ମ୍ୟାଚ୍

ବ୍ରିସ୍‌ବେନ୍‌ର ଗାବ୍ବା ଷ୍ଟାଡିୟମ୍‌ରେ ଆଜି ଖେଳାଯିବାକୁ ୫ମ ତଥା ଶେଷ ଟି-୨୦ରେ ଅଷ୍ଟ୍ରେଲୀୟ ଅଧିନାୟକ ମିଚେଲ ମାର୍ଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଲାଗି ଭାରତକୁ ଆମନ୍ତ୍ରଣ କରିଥିଲେ। ଏହି ପିଚ୍ ଗ୍ରୀନ୍ ଥିଲା ଓ ବୋଲିଂ ଲାଗି ଅନୁକୂଳ ହେବ ବୋଲି ଆଶା କରିଥିଲେ ମାର୍ଶ। କିନ୍ତୁ ଭାରତ ଦୁଇ ଓପନର ଅଭିଷେକ ଶର୍ମା ଓ ଶୁବମନ ଗିଲ୍ ୪.୫ ଓଭରରେ ୫୨ ରନ୍ କରିବା ଫଳରେ ଏଠାରେ ବ୍ୟାଟିଂ କରିବା କଷ୍ଟକର ହେବ ନାହିଁ ବୋଲି ଦର୍ଶାଇଥିଲେ। ମାତ୍ର ୨୧ ମିନିଟ୍‌ର ଖେଳ ପରେ ଜୋରରେ ଘଡ଼ଘଡ଼ି ହୋଇଥିଲା। ଫଳରେ ପଡ଼ିଆ ବାହାରକୁ ଖେଳାଳି ଓ ଅମ୍ପାୟାର ଓ କର୍ମକର୍ତ୍ତାମାନେ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ପ୍ରବଳ ବର୍ଷା ହୋଇଥିଲା। ଏଠାରେ ଡ୍ରେନେଜ ସିଷ୍ଟମ ବିଶ୍ୱରେ ସବୁଠାରୁ ଭଲ ଥିଲେ ମଧ୍ୟ ଏତେ ପରିମାଣରେ ବର୍ଷା ହେବାରୁ ପଡ଼ିଆ ଖରାପ ହୋଇଯାଇଥିଲା ଓ ଖେଳକୁ ବାତିଲ କରିବାକୁ ପଡ଼ିଥିଲା। ଏହି ସମୟ ବେଳକୁ ଶୁବମନ ଗିଲ୍ ୧୬ ବଲ୍‌ରେ ୬ଟି ଆକର୍ଷଣୀୟ ଚୌକା ସହ ୨୯ ରନ୍ କରିଥିଲେ। କିନ୍ତୁ ଅଭିଷେକ ଶର୍ମାଙ୍କର ଦୁଇଟି କ୍ୟାଚ୍ ଡ୍ରପ୍ ହୋଇଥିଲା। ପ୍ରଥମ ଓଭରରେ ଗ୍ଲେନ୍ ମ୍ୟାକ୍ସୱେଲ ଓ ଦ୍ୱିତୀୟ ମ୍ୟାଚ୍ ଜାଭିୟର ବାର୍ଟଲେଟ ଛାଡିଦେଇଥିଲେ। ଏଥିରୁ ଫାଇଦା ଉଠାଇ ଅଭିଷେକ ଗୋଟିଏ ଚୌକା ଓ ଗୋଟିଏ ଛକା ସହ ୧୩ ବଲ୍‌ରୁ ୨୩ ରନ୍ କରିଥିଲେ। ଏହା ପୂର୍ବରୁ କାନବେରାରେ ଖେଳାଯାଇଥିବା ମ୍ୟାଚ୍ ୯.୪ ଓଭର ଖେଳ ସମ୍ଭବ ହୋଇଥିଲା। ଏଥିରେ ମଧ୍ୟ ଭାରତ ପ୍ରଥମେ ବ୍ୟାଟିଂ କରି ୯.୪ ଓଭରରେ ୨ ୱିକେଟ ହରାଇ ୯୭ ରନ୍ କରିଥିଲାବେଳେ ଖେଳ ଆଉ ସମ୍ଭବ ହୋଇ ନ ଥିଲା। ଏହା ପରେ ମେଲବୋର୍ଣ୍ଣରେ ଖେଳାଯାଇଥିବା ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଜିତିନେଇଥିଲା। ହୋବାର୍ଟ ଓ ଗୋଲ୍ଡକୋଷ୍ଟର କାରାରା ଓଭାଲରେ ଭାରତ ବିଜୟୀ ହୋଇ ୨-୧ରେ ଅଗ୍ରଣୀ ରହିଥିଲା। ୫ମ ମ୍ୟାଚ୍ ବାତିଲ ହେବା ପରେ ସମାନ ବ୍ୟବଧାନରେ ଭାରତ ବିଜୟୀ ହୋଇଥିଲା।

### ଦକ୍ଷିଣ ଆଫ୍ରିକା ସହ ପରବର୍ତ୍ତୀ ମୁକାବିଲା

ଆସନ୍ତାବର୍ଷ ଫେବୃଆରୀ-ମାର୍ଚ୍ଚରେ ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ମେଗା ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ପରି ଶକ୍ତିଶାଳୀ ଦଳ ବିପକ୍ଷରେ ଆଉ ଦୁଇଟି ସିରିଜ୍ ଖେଳିବ। ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଘରୋଇ ମାଟିରେ ଡିସେମ୍ବର ୯ରୁ ଆରମ୍ଭ ହେବ। କଟକର ବାରବାଟୀରେ ଏହି ମୁକାବିଲା ଖେଳାଯିବ। ଏହା ପରେ ଡିସେମ୍ବର ୧୧ରେ ପଞ୍ଜାବର ମୁଲାନପୁରରେ ଦ୍ୱିତୀୟ, ୧୪ରେ ତୃତୀୟ ମ୍ୟାଚ ହିମାଚଳ ପ୍ରଦେଶର ଧର୍ମଶାଳା, ୧୭ରେ ଚତୁର୍ଥ ମ୍ୟାଚ୍ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଓ ୧୯ରେ ପଞ୍ଚମ ତଥା ଶେଷ ମ୍ୟାଚ୍ ଗୁଜରାଟର ଅହମ୍ମଦାବାଦ୍‌ରେ ଖେଳାଯିବ। ଏହା ପରେ ୨୦୨୬ ଜାନୁଆରୀ ୨୧, ୨୩, ୨୫, ୨୮ ଓ ୩୧ରେ ନ୍ୟୁଜିଲାଣ୍ଡ ସହ ଘରୋଇ ମାଟିରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ। ବର୍ଷା ଯୋଗୁଁ ଅଷ୍ଟ୍ରେଲିଆରେ ଦୁଇଟି ମ୍ୟାଚ୍ ବାଧାପ୍ରାପ୍ତ ହେବା ଫଳରେ ଉଭୟ ଦଳର ବିଶ୍ୱକପ୍ ପ୍ରସ୍ତୁତିରେ ବାଧାପ୍ରାପ୍ତ ହୋଇଛି।

## ବିଶ୍ୱକପ୍ ବିଜୟିନୀଙ୍କୁ ସମ୍ମାନ

# ରିଚାଙ୍କୁ 'ବଙ୍ଗ ଭୂଷଣ' ଉପାଧି, ଡିଏସ୍‌ପି ଚାକିରି



**କୋଲକାତା, ୮ ।୧୧ (ଏଜେନ୍ସି):** ମହିଳା ଦିନିକିଆ ବିଶ୍ୱକପ୍ ବିଜୟିନୀ ଭାରତୀୟ ଦଳର ପ୍ରମୁଖ ସଦସ୍ୟ ରିଚା ଘୋଷଙ୍କୁ 'ବଙ୍ଗ ଭୂଷଣ' ଉପାଧି ସହ ପଶ୍ଚିମବଙ୍ଗ ପୁଲିସରେ ଡିଏସ୍‌ପି ଚାକିରି ପ୍ରଦାନ କରାଯାଇଛି। ଶନିବାର ଐତିହାସିକ ଇଡେନ ଗାର୍ଡେନ୍ସରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କ୍ରିକେଟର୍ ରିଚାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ସେହିଭଳି ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲ ମ୍ୟାଚରେ ରିଚା ୩୪ ରନର ପାଳି ଖେଳିଥିଲେ। ଏହି ପାଳିର ପ୍ରତି ରନ ପିଛା ତାଙ୍କୁ ମୋଟ୍ ୩୪ ଲକ୍ଷ ଟଙ୍କାର ପୁରସ୍କାର ମଧ୍ୟ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କ୍ରିକେଟ୍ ଆସୋସିଏସନ ଅଫ୍ ବେଙ୍ଗଲ (ସିଏବି)ର ସଭାପତି ସୌରଭ ଗାଙ୍ଗୁଲି, ପୂର୍ବତନ ମହିଳା କ୍ରିକେଟର୍ ଝୁଲଣ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ରହିଥିଲେ। ରିଚା ବିଶ୍ୱକପ୍‌ରେ ୮ଟି ଇନିଂସରୁ ମୋଟ୍ ୨୩୫ ରନ ସଂଗ୍ରହ କରିଥିଲେ। ପଶ୍ଚିମବଙ୍ଗର ପ୍ରଥମ କ୍ରିକେଟର୍ ଭାବେ ସେ ବିଶ୍ୱକପ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଭାରତୀୟ ପୁରୁଷ ଦଳର ଅନ୍ୟତମ ସଫଳ ଅଧିନାୟକ ସୌରଭ ଗାଙ୍ଗୁଲି ମଧ୍ୟ ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ବିଶ୍ୱକପ୍ ଜିତିପାରି ନ ଥିଲେ।

## ରାଜ୍ୟ ବରିଷ୍ଠ ହ୍ୟାଣ୍ଡବଲ୍ ୧୪ରୁ

**ଭୁବନେଶ୍ୱର, ୮ ।୧୧ (ସମିସ):** ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ଆନୁକୂଲ୍ୟରେ ଚଳିତ ମାସ ୧୪ ତାରିଖରୁ ରାଜ୍ୟ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍‌ର ୩୮ତମ ସଂସ୍କରଣ ପୁରୀରେ ଆୟୋଜିତ ହେବ। ପୁରୀର ଜିଲ୍ଲା ଇଣ୍ଡୋର ଷ୍ଟାଡିୟମରେ ୩ ଦିନ ଧରି ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୁଷ ବିଭାଗରେ ୨୨ ଜିଲ୍ଲା ଓ ମହିଳାରେ ୧୪ ଜିଲ୍ଲାର ମୋଟ୍ ୭୨୦ ଖେଳାଳି ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ନଭେମ୍ବର ୧୩ ତାରିଖ ସୁଦ୍ଧା ସମସ୍ତ ଦଳ ପୁରୀ ଝାଡ଼େଶ୍ୱରୀ କ୍ଲବରେ ସମସ୍ତ ଦଳ ରାଜ୍ୟ ସଂଘର କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସଙ୍କ ନିକଟରେ ରିପୋର୍ଟିଂ କରିବାକୁ କୁହାଯାଇଛି। ଡିସେମ୍ବର ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଆଗାମୀ ଜାତୀୟ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଲାଗି ଏଥିରୁ ରାଜ୍ୟ ଦଳ ଚୟନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ସୁଲ୍‌ତାନ୍ ଆଜଲାନ୍ ଶାହ କପ୍ ହକି

# ସଞ୍ଜୟଙ୍କୁ ନେତୃତ୍ୱ; ଓଡ଼ିଶାରୁ ୩ ଖେଳାଳିଙ୍କୁ ସୁଯୋଗ

**ନୂଆଦିଲ୍ଲୀ, ୮ ।୧୧ (ଏଜେନ୍ସି):** ସୁଲତାନ ଆଜଲାନ ଶାହ କପ୍ ହକିର ୩୧ତମ ସଂସ୍କରଣ ଚଳିତ ମାସ ୨୩ ତାରିଖରୁ ମାଲେସିଆରେ ଆରମ୍ଭ ହେବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ଶନିବାର ୨୦ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ନିୟମିତ ଅଧିନାୟକ ହରମନପ୍ରୀତ୍ ସିଂହଙ୍କ ସମେତ ମନପ୍ରୀତ୍ ସିଂହ, ଗୋଲ୍‌କିପର କ୍ରିଷନ ବାହାଦୁର ପାଠକ, ସୂରଜ କେରକେରା ପ୍ରମୁଖଙ୍କୁ ଏହି ଟୁର୍ଣ୍ଣାମେଣ୍ଟ ଲାଗି ବିଶ୍ରାମ ଦିଆଯାଇଛି। ଡିଫେଣ୍ଡର ସଞ୍ଜୟ ଭାରତୀୟ ଦଳର ନେତୃତ୍ୱ ନେବେ। ସେହଭଳି ଘୋଷିତ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ୍ ରୋହିଦାସ ଓ ନୀଲମ ସଞ୍ଜୀପ ଖେସ୍ ଏବଂ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ଉଦ୍‌ଘାଟନୀ ଦିବସରେ କୋରିଆ ବିପକ୍ଷରେ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ନଭେମ୍ବର ୨୪ରେ ବେଲ୍‌ଜିୟମ, ୨୬ରେ ମାଲେସିଆ, ୨୭ରେ ନ୍ୟୁଜିଲାଣ୍ଡ ଓ ୨୯ରେ କାନାଡା ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ରାଉଣ୍ଡ ରବିନ ପର୍ଯ୍ୟାୟ ପରେ ପଏଣ୍ଟ ଆଧାରରେ ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ୩୦ରେ ଫାଇନାଲ ଖେଳାଯିବ। ଶେଷଥର ଲାଗି ଭାରତ ୨୦୧୦ରେ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲା।

## ଜୁରେଲଙ୍କ ଦ୍ୱିତୀୟ ଶତକ
# ଦକ୍ଷିଣ ଆଫ୍ରିକାକୁ ୪୧୭ ରନ୍‌ର ଟାର୍ଗେଟ

**ବେଙ୍ଗାଲୁରୁ,୮।୧୧(ଏଜେନ୍ସି):** ଧ୍ରୁବ ଜୁରେଲଙ୍କ ଉଭୟ ଇନିଂସରେ ଶତକ ହର୍ଷ ଦୁବେଙ୍କ ୮୪ ଓ ଅଧିନାୟକ ଋଷଭ ପନ୍ତଙ୍କ ଦ୍ରୁତ ୬୫ ରନ୍ ରନ୍ ସହାୟତାରେ ଏଠାରେ ଚାଲିଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଘରୋଇ ଭାରତ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଆଗରେ ୪୧୭ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା କୌଣସି ୱିକେଟ ନ ହରାଇ ୨୫ ରନ୍ କରିନେଇଛି। ପୂର୍ବରୁ ଜୁରେଲ ୧୨୭ ରନ୍‌ରେ ଅପରାଜିତ ରହିବା ଫଳରେ ଭାରତ-ଏ' ତାହାର ଦ୍ୱିତୀୟ ଇନିଂସ ୭ ୱିକେଟରେ ୩୮୨ ରନ୍ କରି ସମାପ୍ତି ଘୋଷଣା କରିଥିଲା। ପୂର୍ବରୁ ପ୍ରଥମ ଇନିଂସରେ ଜୁରେଲଙ୍କ ଅପରାଜିତ ୧୩୨ ରନ୍ ସହାୟତାରେ ଭାରତ-ଏ' ୨୫୫ ରନ୍ କରିଥିଲା। ଜବାବରେ ଅଧିନାୟକ ମାର୍କ୍ୟୁଜ୍ ଆକରମ୍ୟାନ୍‌ଙ୍କ ଆକ୍ରମଣାତ୍ମକ ୧୩୪ ରନ୍ ବଳରେ ଦକ୍ଷିଣ ଆଫ୍ରିକା-ଏ' ୨୨୧ ରନ୍ କରିବାକୁ ସମର୍ଥ ହୋଇଥିଲା।

## ଚେସ୍‌ଷ୍ଟ୍ରପ୍ ଟ୍ରଫି ଆରମ୍ଭ

# ଅନ୍ୱେଷ ସହ ମ୍ୟାଚ୍ ଡ୍ର ରଖିଲେ ଯଶିତା



**ଭୁବନେଶ୍ୱର,୮।୧୧(ସମିସ):** ଚେସ୍‌ଷ୍ଟ୍ରପ୍ ଏକାଡେମୀ ଆନୁକୂଲ୍ୟରେ ପ୍ରଥମ ରାପିଡ୍ ଓ ବ୍ଲିଜ୍ ଚାମ୍ପିଅନସିପ୍ ଶନିବାର ଆରମ୍ଭ ହୋଇଛି। ପ୍ରଥମ ଦିନ ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ୬ଜଣ ଖେଳାଳି ୫ ରାଉଣ୍ଡରୁ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପ୍ରଥମ ସ୍ଥାନରେ ରହିଛନ୍ତି। ସେମାନେ ହେଲେ ଆଇଏମ୍ ସମ୍ବିତ ପଣ୍ଡା, ଏଫ୍‌ଏମ୍ ମହୀତୋଷ ଦେ', ଲଳିତରଞ୍ଜନ ସାହୁ, ଏଫ୍‌ଏମ୍ ରାଜେଶ ନାୟକ, ତପନ ବଡମୁଣ୍ଡି ଓ ସିଏମ୍ ହର୍ଷିତରଞ୍ଜନ ସାହୁ। ୪ର୍ଥ ରାଉଣ୍ଡରେ ଆଇଏମ୍ ତଥା ଡାକ୍ତର ଅନ୍ୱେଷ ଉପାଧ୍ୟାୟଙ୍କ ସହ ରାଜ୍ୟ ମହିଳା ଚେସ୍ ଚାମ୍ପିଅନ୍ ଯଶିତା ରାଉତ ମ୍ୟାଚ୍ ଡ୍ର ରଖି ଏକ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ଏହି ପ୍ରତିଯୋଗିତା ଆରମ୍ଭ ହେବା ସହ ଓଡ଼ିଶାରେ ଏକ ନୂଆ ଯୁଗର ଆରମ୍ଭ ହୋଇଛି।

ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର ଓ ଓଡ଼ିଶା ସରକାରଙ୍କ ଯୁଗ୍ମ ସଚିବ ଦୀପକ ରାଉତରାୟ ଅତିଥିଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଆଇଏମ୍ ତଥା ପ୍ରୋଚେଷ୍ଟାର ପ୍ରଶାସନ ସ୍ୱୟଂଶୁ ସତ୍ୟପ୍ରାଜ୍ଞ, ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଖୋର୍ଦ୍ଧାଜିଲ୍ଲା ଚେସ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ୨ଜଣ ଆଇଏମ୍, ୪ଜଣ ଏଫ୍‌ଏମ୍, ୫ଜଣ ସିଏମ୍‌ଙ୍କ ସହ ୨୪୫ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ଉଦ୍‌ଯାପିତ

# ଭୁବନେଶ୍ୱର ଦଳଗତ ଚାମ୍ପିଅନ



**ସମ୍ବଲପୁର, ୮।୧୧ (ସମିସ) :** ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସମ୍ବଲପୁର ଦ୍ୱାରା ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ସନ୍ତରଣ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଡ. ଝସକେତନ ସାହୁ ସନ୍ତରଣାଗାରରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୪ ଓ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗର ସମସ୍ତ ଚାରୋଟି ବର୍ଗରେ ଭୁବନେଶ୍ୱର ଦଳଗତ ଚାମ୍ପିଅନ ହୋଇଛନ୍ତି।

ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ ଭୋଇ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଧନକଉଡ଼ା କରନ ଶର୍ମା, ଯୁଯୋମୁରା ଗୋଷ୍ଠୀ ଶିକ୍ଷାଧିକାରୀ ସୁଜିତ ଲୁହା, ଅବସରପ୍ରାପ୍ତ ସନ୍ତରଣ ପ୍ରଶିକ୍ଷକ ସୁରେନ୍ଦ୍ର ନାୟକ, ଅବସରପ୍ରାପ୍ତ ଶାରୀରିକ ନିରୀକ୍ଷକ ଜଗବନ୍ଧୁ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ସଭାପତିତ୍ୱ କରିଥିବାବେଳେ ଶେଷରେ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଦେବସ୍ମିତା ରାଉତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀ, ସତ୍ୟନାରାୟଣ ସାହୁ, ସତ୍ୟରଞ୍ଜନ ପଣ୍ଡା, ପ୍ରକାଶ ଚନ୍ଦ୍ର ପଣ୍ଡା, ସରସ୍ୱତୀ ସେଠି, ଲକ୍ଷ୍ମଣ ନାଥ, ତ୍ରିବିକ୍ରମ ରଣା, ପି. ସୁଧାଂଶୁ, ପ୍ରତାପ ଚନ୍ଦ୍ର ସେନାପତି, ଯୁଗଳ କିଶୋର ପେରା, ଜଟାଭୂଷଣ ସାହୁ, ଗୁରୁଚରଣ ସାହୁ, ମଣି ବେଜି, ରମେଶ ବେରିହା ଏବଂ ସନ୍ତରଣ ପ୍ରଶିକ୍ଷକ ଆଶୁତୋଷ ନାୟକ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଶିକ୍ଷୟିତ୍ରୀ ମନ୍ଦାକିନୀ ବାଦିଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ରାଜ୍ୟ ଥ୍ରୋବଲ ଚାମ୍ପିଅନସିପ୍
# ଜଟଣୀ, ପୁରୀର ବୃହତ୍ ବିଜୟ




**ଭୁବନେଶ୍ୱର,୮।୧୧(ସମିସ):** ଏଠାରେ ଚାଲିଥିବା ରାଜ୍ୟ ବରିଷ୍ଠ ଥ୍ରୋବଲ ଚାମ୍ପିଅନସିପ୍‌ରେ ଜଟଣୀ ଓ ପୁରୀ ଦଳ ବୃହତ୍ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ଖେଳାଯାଇଥିବା ପ୍ରଥମ ଦୁଇଟି ମ୍ୟାଚ୍‌ରେ କଟକ ୧୭-୧୬, ୧୫-୧୨ରେ କଳାହାଣ୍ଡିକୁ ଓ ଜଟଣୀ ୧୫-୨, ୧୫-୦ରେ ବୃହତ୍ ବିଜୟ ହାସଲ କରିଛନ୍ତି। ସେହିପରି ମହିଳା ବିଭାଗରେ ପୁରୀ ୧୫-୨, ୧୫-୫ରେ କଟକକୁ ଓ ସୋଆ ବିଶ୍ୱବିଦ୍ୟାଳୟ ୧୫-୧, ୧୫-୬ରେ ସିୟୁଟିଏମ୍‌କୁ ପରାସ୍ତ କରିଛି। ପୂର୍ବରୁ ସୋଆ କ୍ୟାମ୍ପସ-୨ରେ ଏହି ଟୁର୍ଣ୍ଣାମେଣ୍ଟ ଆନୁଷ୍ଠାନିକ ଉଦ୍‌ଘାଟିତ ହୋଇଥିଲା। ସୋଆର ଉପକୁଳପତି ଡ. ପିକେ ନନ୍ଦ ମୁଖ୍ୟ ଅତିଥି, ରାଜ୍ୟ ଥ୍ରୋବଲ ସଂଘ ସଭାପତି ଭୂପିନ୍ଦର ସିଂହ ଓ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଥ୍ରୋବଲ ସହକାରୀ ସମ୍ପାଦକ ଯଶୋବନ୍ତ ପରମଗୁରୁ ସଭା ପରିଚାଳନା, ଟେକ୍ନିକାଲ ମୁଖ୍ୟ ଦୀପ୍ତିରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ରଣଜୀ ଟ୍ରଫି: ବିଦର୍ଭର ସମ୍ମାନ ରଖିଲା ଧ୍ରୁବଙ୍କ ଶତକ

# ସୁଯୋଗର ଫାଇଦା ଉଠାଇପାରିଲାନି ଓଡ଼ିଶା

**ଭୁବନେଶ୍ୱର, ୮ ।୧୧ (ସମିସ):** ଡିଫେଣ୍ଡିଂ ଚାମ୍ପିଅନ ବିଦର୍ଭ ଓ ଓଡ଼ିଶା ମଧ୍ୟରେ ଶନିବାରଠାରୁ ରଣଜୀ ଟ୍ରଫିର ଚତୁର୍ଥ ରାଉଣ୍ଡ ଆରମ୍ଭ ହୋଇଛି। ନାଗପୁରରେ ଖେଳାଯାଉଥିବା ଏହି ମ୍ୟାଚରେ ଘରୋଇ ବିଦର୍ଭ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ପ୍ରଥମ ଇନିଂସରେ ୯୦ ଓଭରରେ ୫ ୱିକେଟ୍ ହରାଇ ୨୩୪ ରନ ସଂଗ୍ରହ କରିଛି। ଧ୍ରୁବ ସୋରେ ଦମ୍‌ଦାର ଅପରାଜିତ ଶତକୀୟ ପାଳି ଖେଳି ବିଦର୍ଭକୁ ବଡ଼ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଭ୍ରମଣକାରୀ ଓଡ଼ିଶା ଭଲ ଆରମ୍ଭ କରିଥିଲେ ମଧ୍ୟ ଏହାର ଫାଇଦା ଉଠାଇ ପାରି ନ ଥିଲା।

ଏହି ମ୍ୟାଚରେ ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଓଡ଼ିଶାର ଦୁଇ ବୋଲର ରାଜେଶ ମହାନ୍ତି ଓ ତାପସ ଦାସ ମିଳିତ ଭାବେ ପ୍ରଥମ ୧୦ ଓଭରରେ ବିଦର୍ଭର ୩ ଆଗଧାଡ଼ିରଙ୍କୁ ୬ ରନରେ ଆଉଟ୍ କରି ଜବରଦସ୍ତ ଆରମ୍ଭ ଦେଇଥିଲେ। ଦୁଇ ଓପନର୍ ଅଥର୍ବ ତାଇଡେ (୧) ଓ ଇନଫର୍ମ ଅମନ ମୋଖାଡେ (୦) ରାଜେଶଙ୍କ ଶିକାର ବନିଥିଲେ। ସେହିଭଳି ପାର୍ଥ ରେଖାଡେ (୨)ଙ୍କୁ ତାପସ ଆଉଟ କରିଥିଲେ। ତେବେ ମଧ୍ୟକ୍ରମରେ ଅଭିଜ୍ଞ ଧ୍ରୁବ ସୋରେ ଧୈର୍ଯ୍ୟର ସହ ବ୍ୟାଟିଂ କରିବା ସହ ଶତକ ହାସଲ କରି ଦଳକୁ ବଡ଼ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଧ୍ରୁବ ୪ର୍ଥ ୱିକେଟ୍‌ରେ ଆର୍ ସମର୍ଥ (୪୯ ରନ)ଙ୍କ ସହ ୧୪୩ ଓ ୫ମ ୱିକେଟରେ ଯଶ ରାଥୋଡ (୩୮)ଙ୍କ ସହ ୮୭ ରନର ଭାଗୀଦାରି ଗଢ଼ି ଓଡ଼ିଶା ବୋଲରଙ୍କୁ ନିରାଶ କରିଥିଲେ। ଖେଳ ଶେଷବେଳକୁ ଧ୍ରୁବ ୧୫୦ ବଲରେ ୧୨୮ ଓ ଅଧିନାୟକ ଅକ୍ଷୟ ୱାଦକର କୌଣସି ରନ୍ ନ କରି ଅପରାଜିତ ରହିଛନ୍ତି। ଓଡ଼ିଶା ପାଇଁ ରାଜେଶ ଓ ତାପସ ୨ଟି ଲେଖାଏ ୱିକେଟ୍ ନେଇଛନ୍ତି। ସେହିଭଳି ଏଠାରେ ପ୍ରଥମ ଶ୍ରେଣୀ ପଦାର୍ପଣ କରିଥିବା ସ୍ପିନର ଜାମଳା ମହାପାତ୍ରଙ୍କୁ ଅନ୍ୟ ୱିକେଟଟି ମିଳିଛି।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS